

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 2 NOVEMBER 2020

Vol.No. 30 ■ No. 276 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# ସରିଲା ପ୍ରଚାର : ମଙ୍ଗଳବାର ମହାପରୀକ୍ଷା



ଭୁବନେଶ୍ୱର,୧।୧୧ (ନି.ପ୍ର): ନିର୍ବାଚନ ଆୟୋଗଙ୍କ ଗାଇଡ୍ ଲାଇନ୍ଅନୁଯାୟୀ ନିର୍ବାଚନର ୪୮ ଘଂଟା ପୂର୍ବରୁ ଅର୍ଥାତ୍ ରବିବାର ସଂଖ୍ୟା ୬ ଟା ସୁଦ୍ଧା ତିର୍ତୋଲ ଓ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ପ୍ରଚାରକୁ ବନ୍ଦ କରାଯାଇଛି । ଭୋଟର ହୋଇ ନଥିବା ସମସ୍ତ ବ୍ୟକ୍ତିଙ୍କୁ ନିର୍ବାଚନମଣ୍ଡଳୀ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୟରେ କୌଣସି ସାଧାରଣ ସଭା , ଶୋଭାଯାତ୍ରା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଏଥିଲାଗି ସେଠାରେ ଥିବା ଗେଷ୍ଟ ହାଉସ୍ , କଲ୍ୟାଣ ମଣ୍ଡପ ଓ ଓ କମ୍ୟୁନିଟି ହଲ୍ ଗୁଡିକରେ ଚେକିଂ କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ୫୨ ଟି ମାମଲା ରୁଜୁ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ପ୍ରକାଶ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଉଭୟ ନିର୍ବାଚନ ମଣ୍ଡଳୀରେ ଆଦର୍ଶ ଆଚରଣ ବିଧିଲ୍ଲଂଘନ କରିଥିବାର ୫୨ ଟି ଅଭିଯୋଗ ଆସିଥିଲା । ବିଶେଷ କରି କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଏବଂ ବିନା ଅନୁମତିରେ ନିର୍ବାଚନୀ ସଭା ଆୟୋଜନର ଅଭିଯୋଗ ରହିଥିଲା । ଏହା ବ୍ୟତୀତ ଏହି ସମୟ ମଧ୍ୟରେ ୧୧,୨୦୫ ଲିଟର ମଦ ଜବତ କରାଯାଇଛି , ଯାହାର ମୂଲ୍ୟ ୧୭,୨୯,୨୨୫ ରହିଛି । ସେହିପରି ଆଇନ୍ ଶୃଙ୍ଖଳା ଭଙ୍ଗ କରିଥିବାରୁ ୩୬୬୮ ଜଣଙ୍କୁ ଅଟକ ଯାଇଛି । ୩୨୯ଟି ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଜବତ କରାଯାଇଛି । ୩ ଟି ମାମଲା ରୁଜୁ ହୋଇଥିବା ବେଳେ ୪୧୦ଟି ଜାମିନ ବିହିନ ୱାରେଂଟ କରାଯାଇଛି ବୋଲି ଶ୍ରୀ ଲୋହାନୀ ସୂଚନା ଦେଇଛନ୍ତି । ଏହାଛଡା କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁଥ୍ ରେ ପ୍ରାୟ ୮୦୦ ଆଶା କର୍ମୀ ଓ ୮୦୦ ସ୍ୱେଚ୍ଛାସେବୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ଭିଡ ଏଡାଇବାକୁ ପୋଲିଂ ପାର୍ଟି ଗୁଡିକୁ ସମୟ ପୂର୍ବରୁ ସେଠାକୁ ପଠାଯାଇଛି । ବାଲେଶ୍ୱର ପାଇଁ ୩୪୬

▶▶ପୃଷ୍ଠା ୭

## ଓଟିଭି ସିଏଫଓ ମନୋରଂଜନ ଷଡ଼ଙ୍ଗୀ ଗିରଫ



ଭୁବନେଶ୍ୱର,୧।୧୧ (ନି.ପ୍ର): ଖୋର୍ଦ୍ଧାର ସାରୁଅ ଠାରେ ଥିବା ଜମି ହଡ଼ପ ମାମଲାରେ କ୍ରାଇମବ୍ରାଂଚର ଇଓଡବ୍ଲ୍ୟୁ ଟିମ୍ ସକାଳୁ ସକାଳୁ ଓଟିଭିର ଚିଫ୍ ଫାଇନାସିଆଲ ଅଫିସର ମନୋରଞ୍ଜନ ଷଡ଼ଙ୍ଗୀଙ୍କୁ ଘରୁ ଉଠାଇ ଆଣି ଜେରା କରିବା ପରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା । ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅପରପକ୍ଷରେ ଶ୍ରୀ ଷଡ଼ଙ୍ଗୀଙ୍କ ମା’ କହିଛନ୍ତି କି ପୁଅ ନଆସିଲା ପର୍ଯ୍ୟନ୍ତ ସେ ଖାଇବେ ନାହିଁ । ଶ୍ରୀ ଷଡ଼ଙ୍ଗୀଙ୍କ ଗିରଫଦାରିକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ଜୁଏଲ ଓରାମ୍ ପ୍ରମୁଖ ନିନ୍ଦା କରିଛନ୍ତି । ସେମାନେ ପୃଥକ ପୃଥକ ବିବୃତିରେ କହିଛନ୍ତି କି, ବିଜେଡ଼ି ସରକାରଙ୍କଠାରୁ ନ୍ୟାୟ ଆଶା କରିବା ବୃଥା । ଉଲ୍ଲେଖ ଯୋଗ୍ୟ ଯେ, ଓଟିଭିର ଅନ୍ୟ ଏକ ସଂସ୍ଥା ଓଡ଼ିଶା ଇନଫ୍ରାଷ୍ଟ୍ରଚର ସାରୁଅରେ ଥିବା ସରକାରୀ ଜମି ହଡ଼ପ କରିଥିବା ଖୋର୍ଦ୍ଧା ତହସିଲଦାର ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ତହସିଲଦାର ରାଜସ୍ୱ ବିଭାଗ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇବା ପରେ ଶାସନ ସଚିବ ଏ ସମ୍ପର୍କରେ କ୍ରାଇମବ୍ରାଂଚ ତଦନ୍ତ ପାଇଁ ସରକାରଙ୍କୁ ସୁପାରିଶ କରିଥିଲେ । ଫଳରେ କ୍ରାଇମ୍ ବ୍ରାଂଚ ଏହି ଘଟଣାରେ ପୂର୍ବରୁ ଓଟିଭିର ୨ ଜଣ ଠିକା କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉଲ୍ଲେଖ ଯୋଗ୍ୟ ଯେ, ଓଟିଭିର ପୂର୍ବତନ ଡ୍ରାଇଭରଙ୍କ ନାମରେ ଏହି ଜମି କିଣାଯାଇଥିଲା ।

## ବିଶାଖାପାଟଣା-ନିଜାମୁଦ୍ଦିନ ବିଶେଷ ଟ୍ରେନ ୬ ଦିନ ପାଇଁ ବାତିଲ

ଭୁବନେଶ୍ୱର,୧।୧୧ (ନି.ପ୍ର): ପୂର୍ବ ତଟ ରେଳ ଅଧୀନରେ ଥିବା ସମ୍ବଲପୁର ଡିଭିଜନର ଟିଟିଲାଗଡ-ରାୟପୁର ରେଳ ସେକ୍ସନର ଡୁରେକେଲା ରୋଡ୍-ହରିଶଙ୍କର ରୋଡ୍ ଏବଂ ଲଖନା ଷ୍ଟେସନ୍ ମଧ୍ୟରେ ଡୁରେଇକେଲା ରୋଡ୍-ହରିଶଙ୍କର ରୋଡ୍-ଲଖନା ଷ୍ଟେସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେବ । ଏଥିପାଇଁ ୦୨୮୮୭/୦୨୮୮୮ ବିଶାଖାପାଟଣା-ନିଜାମୁଦ୍ଦିନ-ବିଶାଖାପାଟଣା ବିଶେଷ ଟ୍ରେନ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର ଚଳିତ ମାସ ୩ ନଭେମ୍ବର ରୁ ୮ ନଭେମ୍ବର

▶▶ପୃଷ୍ଠା ୭

## କୋଭିଡ୍ କଟକଣା ମାନି ଶ୍ରୀମନ୍ଦିର ସମେତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଖୋଲାଯାଉ : ଧର୍ମେନ୍ଦ୍ର



ଭୁବନେଶ୍ୱର,୧।୧୧ (ନି.ପ୍ର): ଚଳିତ ପବିତ୍ର କାର୍ତ୍ତିକ ମାସରେ କୋଭିଡ୍ କଟକଣାକୁ ମାନି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସମେତ ଓଡ଼ିଶାର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନକୁ ନିୟନ୍ତ୍ରିତ ଢ଼ଙ୍ଗରେ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଟ୍ୱିଟ୍ ମାଧ୍ୟମରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପବିତ୍ର କାର୍ତ୍ତିକ ମାସ ଆଧ୍ୟାତ୍ମିକ ମାସ ଭାବରେ ସାରା ଓଡ଼ିଶାବାସୀଙ୍କ ପାଖରେ ବେଶ୍ ଆଦୃତ । କାର୍ତ୍ତିକ ମାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରରେ ଦର୍ଶନ ପାଇଁ ଭକ୍ତମାନେ ଅପେକ୍ଷାରତ ଥା’ନ୍ତି । ଇତିମଧ୍ୟରେ ଭାରତବର୍ଷରେ କୋଭିଡ୍ କଟକଣାକୁ ମାନି ଅନେକ ମନ୍ଦିର ଖୋଲାଗଲାଣି । ଲୋକ ମାନଙ୍କର ବିଶ୍ୱାସ ଓ ଭାବାବେଗକୁ ସମ୍ମାନ ଦେଇ ଏହି କାର୍ତ୍ତିକ ମାସରେ ଅନ୍ୟ ରାଜ୍ୟମାନଙ୍କ ପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସମେତ ଓଡ଼ିଶାର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନକୁ ମଧ୍ୟ ନିୟନ୍ତ୍ରିତ ଢ଼ଙ୍ଗରେ ଭକ୍ତ ମାନଙ୍କ ପାଇଁ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି । ରାଜ୍ୟ ସରକାର ଶ୍ରୀମନ୍ଦିର ସମେତ ଓଡ଼ିଶାର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଗୁଡ଼ିକରେ କୋଭିଡ୍ ନିୟମ ପାଳନ କରିବାର ସମସ୍ତ ପ୍ରସ୍ତୁତି ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିବା ଉପରେ ଧ୍ୟାନ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ରାଜ୍ୟ ପୁଲିସ ଡ଼ିଜି ଅଭୟଙ୍କ କନ୍ଧମାଳ ଗସ୍ତ

### ନକ୍ସଲ୍ ଗତିବିଧି ଓ ପୁଲିସର୍ ପଦକ୍ଷେପ ନେଇ୍ ସମୀକ୍ଷା



କନ୍ଧମାଳ,୧।୧୧ (ନି.ପ୍ର): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅଭୟ ହେଲିକ୍ୟାପଟର ଯୋଗେ କନ୍ଧମାଳ ଜିଲ୍ଲାର ବାଲିଗୁଡା ଥାନା ମାଓ ଉପଦ୍ରୁତ ଅଂଚଳ ଖମଣଖୋଲଠାରେ ଥିବା ସିଆରପିଏଫ ସୁରକ୍ଷା ଶିବିର ପରିଦର୍ଶନରେ ପହଂଚି କନ୍ଧମାଳ ଜିଲ୍ଲାରେ ନକ୍ସଲ ଗତିବିଧି ଏବଂ ଏହାକୁ ନେଇ ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ । ଆଜି ସକାଳ ୮ଟା ୩୦ ମିନିଟରେ ହେଲିକ୍ୟାପଟର ଯୋଗେ ଖମଣଖୋଲ ସିଆରପିଏଫ ଶିବିରରେ ଆୟୋଜିତ ସୈନିକ ସମ୍ମୀଳନିରେ ଯୋଗ ଦେବା ସହିତ ସେଠାରେ କନ୍ଧମାଳ ଜିଲ୍ଲାରେ ଚାଲିଥିବା ମାଓ ଗତିବିଧି ଏବଂ ସେମାନଙ୍କର ଯୋଜନା ତଥା ଏହାକୁ ନେଇ କନ୍ଧମାଳ ପୁଲିସର ପଦକ୍ଷେପ ବିଷୟରେ ସମୀକ୍ଷା କରିଥିଲେ । ଏହାପରେ ସେଠାରେ କାର୍ଯ୍ୟରତ ଜବାନ ଜୀତେନ୍ଦ୍ର ନାୟକ ଓ ତପନ ପ୍ରଧାନଙ୍କ ସମେତ ଅନ୍ୟ ଜବାନ ମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ଆଇ.ଜି ଅଭୟ ସେଠାରେ ଥିବା ଅନ୍ୟ ଜବାନ ମାନଙ୍କ ସହିତ ସେମାନଙ୍କର ଭଲମନ୍ଦ

▶▶ପୃଷ୍ଠା ୭

## ଜାଲ ନୋଟ କାରବାର କରୁଥିବା ୨ ଯୁବକ ଗିରଫ




ଭଦ୍ରକ,୧।୧୧ (ନି.ପ୍ର): ଭଦ୍ରକ ଜିଲାରେ ନକଲି ଜର୍ଦ୍ଦା, ମସଲା, ବିଷାକ୍ତ ମଦର ବ୍ୟାପକ କାରବାର ପୁଲିସ୍ର ନିଦ ହଜାଇ ଦେଇଥିବାବେଳେ ନକଲି ନୋଟ୍ ଜବତ ଘଟଣା ପୁଲିସ୍ ମୁଣ୍ଡବିନ୍ଧାର କାରଣ ସାଜିଛି । ଏହି ଜିଲାର ବାସୁଦେବପୁର ଅଂଚଳ ଗୁଆଗଡିଆ ଓ ବାଲେଶ୍ୱର ଜିଲା ସୋରୋ ଥାନା ଅଂଚଳର ଦୁଇଜଣ ବ୍ୟକ୍ତିଙ୍କୁ ୧୦

▶▶ପୃଷ୍ଠା ୭

## ଆଜିଠାରୁ ୨ ଟି ରୁଟ୍ରେ ୬ ଥର ଲେଖାଏଁ ଚାଲିବ ମୋ ବସ୍

ଭୁବନେଶ୍ୱର,୧।୧୧ (ନି.ପ୍ର): ଆସନ୍ତାକାଲି (ସୋମବାର) ଠାରୁ ରୁଟ୍ ନମ୍ବର ୫୦ ଓ ୭୦ ରେ ଦିନକୁ ୬ ଥର ମୋ ବସ୍ ଚଳାଚଳ କରିବ । ରୁଟ୍ ନମ୍ବର ୫୦ ଭୁବନେଶ୍ୱର ଓ ପୁରୀ ମଧ୍ୟରେ ଏବଂ ରୁଟ୍ ନମ୍ବର ୭୦ ଭୁବନେଶ୍ୱର ଓ କୋଣାର୍କ ମଧ୍ୟରେ ମୋ ବସ୍ ସେବା ଉପଲବ୍ଧ ହେବ । କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ନଭେମ୍ବର ୨ ତାରିଖ ଠାରୁ ଏଣିକି ପ୍ରତ୍ୟେକ ଦିନ ରୁଟ୍ ନଂ ୫୦ରେ ଭୁବନେଶ୍ୱରରୁ ପୁରୀ ସକାଳ ୬ଟା୩୦, ୭ ଟା ୨୦, ୮ଟା ୩୦, ଅପରାହ୍ନ ୪ଟା ୧୫, ୫ ଟା ୩୦ ଓ ୬ ଟା ୩୦ରେ ଚାଲିବ । ସେହିପରି ପୁରୀରୁ ଭୁବନେଶ୍ୱର ସକାଳ ୮ଟା ୨୦, ୯ଟା ୧୦,

▶▶ପୃଷ୍ଠା ୭

### ଉପ-ନିର୍ବାଚନ ପ୍ରଚାରର ଅନ୍ତିମ ଦିବସ

# ତିନି ପ୍ରମୁଖ ଦଳର ଶୋଭାଯାତ୍ରାରେ କମ୍ପିଲା ନିର୍ବାଚନ ମଣ୍ଡଳୀ







ବାଲେଶ୍ୱର,୧।୧୧ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପ୍ରଚାରର ଆଜି ଶେଷଦିନ ଥିବା ବେଳେ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ସମଗ୍ର ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା ଓ ପଦଯାତ୍ରା ଆଦି ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ହଳଦୀପଦା ବଜାରରୁ ଶତାଧିକ ବିଜେପି କର୍ମୀ ସାଇକେଲ ର୍ୟାଲିରେ ବାହାରି ଆଖପାଖ ଏକାଧିକ ପଞ୍ଚାୟତ ପରିକ୍ରମା କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ର୍ୟାଲିରେ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ସ୍ଥାନରେ ଦଳୀୟ କର୍ମକର୍ତ୍ତା ,ପ୍ରାର୍ଥୀ ମାନସ ଦତ୍ତ ଓ ରାଜ୍ୟସ୍ତରୀୟ ନେତାମାନେ ର୍ୟାଲିରେ ଯୋଗ ଦେଇଥିଲେ । ଏହି ନିର୍ବାଚନ ପରିପ୍ରେକ୍ଷୀରେ ସେ ସଦର ନିର୍ବାଚନମଣ୍ଡଳୀରେ ୧୮ରୁ ଉର୍ଦ୍ଧ୍ୱ ପଞ୍ଚାୟତକୁ ଯାଇ ମାନସଙ୍କ ସପକ୍ଷରେ ପ୍ରଚାର କରିଥିବା ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । କେବଳ ହଳଦୀପଦା କିମ୍ବା ରୂପସା ନୁହେଁ ଆଜି ଶେଷ ଦିନରେ ସମଗ୍ର ନିର୍ବାଚନମଣ୍ଡଳୀରେ ଏହିଭଳି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ସେ କହିଛନ୍ତି । ସେହିଭଳି ବିଜେଡି ପକ୍ଷରୁ ମଧ୍ୟ ସମଗ୍ର ନିର୍ବାଚନମଣ୍ଡଳୀରେ ଆଜି ମହିଳା, ଯୁବ, ଛାତ୍ରଙ୍କ ସମେତ ଦଳୀୟ କର୍ମୀଙ୍କୁ ନେଇ ପଦଯାତ୍ରା, ର୍ୟାଲି ପ୍ରଭୃତି ଅନୁଷ୍ଠିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ନିର୍ବାଚନମଣ୍ଡଳୀର ୨୬ ଗୋଟି ପଞ୍ଚାୟତ ଓ ପୌରପାଳିକାର ୩୧ ଗୋଟି ୱାର୍ଡ଼ରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ର୍ୟାଲିରେ ବିଜେଡି କର୍ମକର୍ତ୍ତାଙ୍କ ସମେତ ମନ୍ତ୍ରୀ ବିଧାୟକ, ରାଜ୍ୟସ୍ତରୀୟ ନେତା ଏମିତିକି ପ୍ରାର୍ଥୀ ସ୍ୱରୂପ ଦାସ ଯୋଗଦେଇ ଅଂଶଗ୍ରହଣ କରିଥିବା ବିଭିନ୍ନ ବର୍ଗର କର୍ମୀଙ୍କୁ ଉତ୍ସାହିତ କରିଥିଲେ । ଅନୁରୂପ ଭାବେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ମମତା କୁଣ୍ଡୁଙ୍କ ସପକ୍ଷରେ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ପୌରାଞ୍ଚଳରେ ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ପିସିସି ରାଜ୍ୟ ଉପ-ସଭାପତି ପ୍ରଦୀପ ମାଝୀ, ବିଧାୟକ ତାରାପ୍ରସାଦ ବାହିନୀପତି, କଂଗ୍ରେସ ନେତା ସୁଦର୍ଶନ ଦାସ, ଶତ୍ୟଶିବ ଦାସଙ୍କ ସମେତ ପ୍ରାର୍ଥୀ ମମତା କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା ପୌରାଞ୍ଚଳର ଏକାଧିକ ୱାର୍ଡ଼ ପରିକ୍ରମା କରିଥିଲା । ଅପରାହ୍ନରେ ମହିଳା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଫାଣ୍ଡିଛକ, ସିନେମାଛକ ଦେଇ ଟାଉନଥାନା ନିକଟରେ ଶେଷ ହୋଇଥିଲା ।

## ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୩୩୧

ଭୁବନେଶ୍ୱର,୧।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୩୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୩ ଜଣ ରହିଥିବା ବେଳେ ଭୁବନେଶ୍ୱରର ଜଣେ ଅଛନ୍ତି । ଏହା ବ୍ୟତୀତ କେନ୍ଦୁଝର, ଦେବଗଡ, ନୂଆପଡା, କଟକ, କେନ୍ଦ୍ରାପଡା, ଅନୁଗୁଳ ଓ ମାଲକାନଗିରି ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରେ ୬୨ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଦେବଗଡ ଜିଲ୍ଲାର ଜଣେ ୮୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ନୂଆପଡା ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାର ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

▶▶ପୃଷ୍ଠା ୭

# ୧୧୩ ବସ୍ତା ପିଡିଏସ ଚାଉଳ ଜବତ ପରେ ମିଲର ଙ୍କ ଜିମା ଦେଇ ପ୍ରଶାସନ ଚୁପ, ପଂଚାୟତ ଗୋଦାମ ଗୃହରେ ଏପରିଆହୁରି ଚାଉଳ ଥିବା ଅଭିଯୋଗ

ମାଲକାନଗିରି,୦୧।୧୧ (ନି.ପ୍ର): ପଡିଆ ବ୍ଲକ୍ ଶିମିଳିବାଞ୍ଚା ଅଂଚଳରୁ ମାଲକାନଗିରି କୁ ଚାଲାଣ ହେଉଥିବା ପିଡିଏସ୍ ଚାଉଳ ବୋଝେଇ ମିନିଟ୍ରକକୁ ସ୍ଥାନୀୟ ଲୋକ ଧରି ପ୍ରଶାସନ ର ହସ୍ତାନ୍ତର ଘଟଣା ଗତ ୪ ଦିନ ଧରି ସାରା ଜିଲ୍ଲାରେ ଆଲୋଚନାର ବିଷୟ ପାଲଟିଛି। ଏଥିସହ ଚାଉଳ ଗାଡି ଧରାଯିବା ପରେ ବିଭାଗର ତଦନ୍ତ ପ୍ରକ୍ରିୟାକୁ ନେଇ ମଧ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର୍ ଧରିଛ ! ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ମିନି ଟ୍ରକ ସହ ୧ଶହ ୧୩ ବସ୍ତା ଚାଉଳ ଡ୍ରାଇଭର୍ ଅବିନାଶ ବୈଦ୍ୟ ଙ୍କ ଠାରୁ ଜବତ କରି କାଲିମେଲା ସ୍ଥିତ ଏକ ମିଲର ଙ୍କ ଠାରେ ଜିମାରେ ଦେବା ପରେ ବିଭାଗ ନିଜ ଦାୟିତ୍ୱ ସାରି ଦେଇଥିବା ଜଣାପଡୁଛି। ଦିନ ଦ୍ୱିପହରରେ ଗରିବଙ୍କ ଓ ଅସହାୟଙ୍କ ପାଇଁ ଆସିଥିବା ପିଡିଏସ୍ ଚାଉଳ ଚାଲାଣ ରେ କିଛି ବଡ଼ବଡ଼ିଆ ଙ୍କ ହାତ ଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଆସୁଥିଲେ ମଧ ପ୍ରଶାସନ ପକ୍ଷ୍ୟରୁ କେବଳ ଡ୍ରାଇଭରଙ୍କ ଠାରୁ ଚାଉଳ ଜବତ କରି ଫାଇଲ କରିଦିଆ ଯାଉଥିବା ଭଳି ମନେ ହେଉଛି। ଏଭଳି ପିଡିଏସ୍ ଚାଉଳ ଚାଲାଣ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଟୁପୁରୁଟାପୁର ଚାଲିଥିବା ବେଳେ ଶିମିଳିବାଞ୍ଚା ପଂଚାୟତ ପୁରୁଣା ଗୋଦାମ ଘରେ ଚାଉଳ ଗଚ୍ଛିତ ରହିଥଲା ଓ ପ୍ରଶାସନର ଚଢାଉ ବେଳେ ଖାଲି ବସ୍ତା ମିଳିବା ଘଟଣା ପୁଣି ଚର୍ଚ୍ଚା କୁ ଦ୍ୱିଗୁଣିତ କରିପକାଇଛି। ସୂଚନା ମୁତାବକ ଶିମିଳିବାଞ୍ଚା ର ପୁରୁଣା ପଂଚାୟତ ନିକଟସ୍ଥ ଗୋଦାମ ଘରେ ପିଡିଏସ୍ ଚାଉଳ ବସ୍ତାର ମୁହଁ ଖୋଲି ଏହାକୁ ଗୋଲେଇ କରି ବନ୍ଧାଯାଇ ରଖାଯାଇଥିବା ସୂଚନା ମିଳିଥିଲା । ଏ ସମ୍ପର୍କରେ ଖବର ପାଇବା ପରେ ଆଜି ପଡିଆ ଯୋଗାଣ ନିରୀକ୍ଷକ ମାନଭଞ୍ଜନ ହୋତା, ପଂଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ନାୟକ ଓ ସ୍ଥାନୀୟ ସରପଂଚ ଉକ୍ତ ଗୋଦାମ କୁ ଚଢାଉ କରିଥିଲା ବେଳେ କେବଳ କେତେଖଣ୍ଡ ଖାଲି ବସ୍ତା ମିଳିଥିଲା। ଏକ ବଡଧରଣର ଚାଉଳ ଚାଲାଣ ଘଟଣାର ମାତ୍ର କେଇଟା ଦିନ ନପୁରୁଣୁ ଗୋଦାମ ଘରେ ଚାଉଳ ଗଚ୍ଛିତ ଘଟଣା ପ୍ରଶାସନର ଦୃଷ୍ଟି ଆଢୁଆଳରେ ଖୋଲାଖୋଲି ପିଡିଏସ୍ ଚାଉଳ ବ୍ୟାବସାୟର ସ୍ୱଷ୍ଟ ଉଦାହରଣ ବୋଲି କୁହାଯାଉଛି। ଅନ୍ୟପଟେ ସ୍ଥାନୀୟ ଲୋକଙ୍କୁ ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଦିଆଯିବା ପରେ ଏତେମାତ୍ରାରେ ଚାଉଳ ଏକାଠି ଦେଖାଯିବା ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା କୁ ସ୍ୱଷ୍ଟ ସୂଚାଉଛି ବୋଲି କୁହାଯାଉଛି।

## ଫରେଷ୍ଟରଙ୍କ ଅବସର ଗ୍ରହଣ

ନୂଆପଡା,୦୧।୧୧ (ନି.ପ୍ର): ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟର ଫରେଷ୍ଟର ରାମଚନ୍ଦ୍ର କଟା ଶନିବାର ଅବସର ଗ୍ରହଣ କରିଛନ୍ତି । ଫରେଷ୍ଟର କଟା ୧୯୯୬ ମସିହାରେ ସୁନାବେଡା ଅଭୟାରଣ୍ୟରେ ଫରେଷ୍ଟ ଗାର୍ଡ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ୨୦୧୩ ମସିହାରେ ଫରେଷ୍ଟର ଭାବରେ ପ୍ରମୋଶନ ପାଇ ସୁନାବେଡା ଅଂଚଳର ବିକାଶ କରିଥିଲେ । ଦୀର୍ଘ ୩୫ ବର୍ଷ ଚାକିରୀ ମଧ୍ୟରେ ସୁନାବେଡା ଅ ଳର ଅଧିବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ ରଖିଥିଲେ । ଆଜି କୋମନା ଫରେଷ୍ଟ ଅଫିସରେ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାରା-ଲିଗାଲ ସ୍ୱେଚ୍ଛାସେବୀଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି,୦୧।୧୧ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ମାଲକାନଗିରିର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଡାଃ ରଞ୍ଜନ କୁମାର ସ୍ୱାଇଁ ତାଙ୍କର ବିଭିନ୍ନ ପ୍ରକାର ସମାଜସେବା ଓ ସ୍ୱେଚ୍ଛାକୃତ ସେବା ପାଇଁ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହେବା ପରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଡାଃ ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଅମରେନ୍ଦ୍ର ନାୟକ ଡାଃ ସ୍ୱାଇଁଙ୍କ ପ୍ରତି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ମାଲକାନଗିରି ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି ଶ୍ରୀକାନ୍ତ ପାଢୀ, ପଦ୍ମଲାଭ ମାଝି ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଶ୍ରୀ ସ୍ୱାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟକ୍ରମ ଯେପରିକି ବୃକ୍ଷ ରୋପଣ, ରକ୍ତଦାନ ଶିବିର, ସଚେତନତା ଶିବିର, ସାକ୍ଷରତା ସଭା, ପ୍ରଶିକ୍ଷଣ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ଏଥି ସହିତ ଡାଃ ସ୍ୱାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ମାଲକାନଗିରି ପରି ନିୟମିତ ଆଇନ ସଚେତନତା /ସାକ୍ଷରତା ଅଭିଯାନ, ଅଣ ସଂଗଠିତ ଶ୍ରମ ପାଇଁ ସଚେତନତା ଶିବିର, ବିଶେଷ ଦିନରେ ପାଳନ କରାଯାଉଥିବା ଶିବିର ର୍ୟାଲି ଏବଂ ଅନ୍ୟାନ୍ୟ ପ୍ରଚାର ଅଭିଯାନରେ ପ୍ରାୟ ସମସ୍ତ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ । ଏଥିସହିତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ସଂଗଠନ ପାଇଁ ବିଭିନ୍ନ ପ୍ରଶାସନିକ ଅଧିକାରୀ, ସାମାଜିକ ଅନୁଷ୍ଠାନ, ଏଜୁକେସନାଲ ଇନଷ୍ଟିଚ୍ୟୁସନ, ଏନଜିଓ ଏବଂ ସାଧାରଣ ଜନତାଙ୍କ ସହ ସମନ୍ୱୟ ରକ୍ଷା କରିବାରେ ମଧ ସଫଳତା ଲାଭ କରିଛନ୍ତି ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମେଧା ତାଲିକା ପ୍ରକାଶ ନ କରିବା ଘଟଣାକୁ ଏ.ଆଇ.ଡି.ଏସ୍.ଓ ର ବିରୋଧ

ଭୁବନେଶ୍ୱର,୦୧।୧୧ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଏହା ସହିତ ଅନୁବନ୍ଧିତ ରାଜ୍ୟର ୪୮ଟି ମହିଳା ମହାବିଦ୍ୟାଳୟ ଗୁଡିକର ୟୁଜି, ପିଜି ଓ ବି.ଇଡି ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଟପ୍ପର ତାଲିକା ପ୍ରକାଶିତ ନକରିବା ଘଟଣାରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏହି ଘଟଣାକୁ ନିନ୍ଦା କରିବା ସହିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଖାମଖିଆଲି ମନୋଭାବ ଫଳରେ ଛାତ୍ରୀମାନଙ୍କ କ୍ୟାରିୟର ଓ ଭବିଷ୍ୟତ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଯୁକ୍ତ ତିନି ଷଷ୍ଠ ସେମିଷ୍ଟର ପରୀକ୍ଷା ସମୟରେ ମଧ ବିଭ୍ରାଟ ଘଟିଥିଲା। ପରୀକ୍ଷା ପୂର୍ବରୁ କଲେଜଗୁଡିକୁ ପଠାଯାଇଥିବା ପ୍ରଶ୍ନ ପତ୍ରରେ ଯେ କୌଣସି ୩ଟି ପ୍ରଶ୍ନର ଉତର ଦେବାକୁ ଲେଖା ଯାଇଥିବା ବେଳେ ପରୀକ୍ଷା ଦିନ ପରୀକ୍ଷାର କିଛି ସମୟ ପୂର୍ବରୁ କଲେଜଗୁଡିକୁ ମାତ୍ର ଦୁଇଟି ପ୍ରଶ୍ନର ଉତର ଦେବାକୁ ମେଲ୍ କରାଯାଇଥିଲା। ଫଳରେ ପରୀକ୍ଷାର୍ଥୀମାନେ ଦ୍ୱନ୍ଦରେ ପଡିଥିଲେ। ଏପରିକି ଅନେକ କଲେଜ ଓ ଛାତ୍ରୀମାନେ ପରବର୍ତୀ ନିୟମାବଳୀ ସମ୍ପର୍କରେ ପରୀକ୍ଷା ସରିବା ପରେ ଜାଣିବାକୁ ପାଇଥିଲେ। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଖାମଖିଆଲି ମନୋଭାବ ତ୍ୟାଗ କରି ଅବିଳମ୍ବେ ମେଧା ତାଲିକା ପ୍ରକାଶ କରିବାକୁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୃଢ ଦାବୀ କରାଯାଇଛି। ନଚେତ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଭୁବନ ରେ ନିରାଡମ୍ବର ଭାବେ ଅନୁଷ୍ଠିତ ହେଉଛି ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା

ଭୁବନ,୦୧।୧୧ (ନି.ପ୍ର): ଗତ କାଲି ଶୁକ୍ରବାର ରାତିରୁ ଭୁବନରେ ବିଭିନ୍ନ ମଣ୍ଡପ ଓ ପୂଜା ପ୍ରତିଷ୍ଠାନରେ ଧନଦାତ୍ରୀ,ଅନ୍ନପୂର୍ଣ୍ଣା ମା ଲକ୍ଷ୍ମୀ ଙ୍କ ପୂଜା ନୀତିକାନ୍ତି ମଧରେ ଆରମ୍ଭ ହୋଇଛି । ଚଳିତବର୍ଷ କୋଭିଡ କଟକଣା ମଧରେ ମଉଡମଣି ପୂଜା ପ୍ରତିଷ୍ଠାନ ବଡହାଟ , ଅରାସାହି, ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ ନୂଆବଜାର, ବଉଳଛକ, ଲତାବିଲ(ଟୋଲଙ୍କ ବେରେଣୀ), ଗୋପାଳ ମଣ୍ଡପ, ଲକ୍ଷ୍ମୀଛକ, ବଣିଆସାହି, ବାଜିଛକ, ନୂଆଭୁବନ ପ୍ରଭୃତି ଅଂଚଳରେ ୨୦ ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ପୌରାଣିକ କଥାବସ୍ତୁ ଆଧାରରେ ଛୋଟ ମୂର୍ତି ନିର୍ମାଣ ହୋଇଛି । କୋଡିଡ କଟକଣା ପାଇଁ କୌଣସି ସ୍ଥାନରେ ତୋରଣ କିମ୍ବା ରଙ୍ଗୀନ ଆଲୋକ ମାଳାରେ ସାଜସଜ୍ଜା ହୋଇନଥିବା ବେଳେ କେବଳ ପୁରୋହିତ ଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ସ୍ୱଳ୍ପ ସଂଖ୍ୟକ କର୍ମକର୍ତା ଙ୍କ ଉପସ୍ଥିତିରେ ପୂଜା ହେଉଛି । ପୋଲିସ ତରଫରୁ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ କୋଭିଡ ଗାଇଡଲାଇନ ଅନୁଧ୍ୟାନ କରାଯାଉଛି।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳିତ

ଜୟପୁର,୦୧।୧୧ (ନି.ପ୍ର): ଜୟପୁର ଟାଉନ ଥାନା ପରିସରରେ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଟାଉନ ଥାନା ଅଧିକାରି ବାଲେଶ୍ୱର ଗିଧି ସମସ୍ତ କର୍ମଚାରିଙ୍କୁ ଶପଥ ପାଠ କରାଇଥିଲେ । ଦେଶର ରାଜ୍ୟ ଗୁଡିକର ମିଶ୍ରଣରେ ସର୍ଦାର ପଟେଲଙ୍କ ଭୂମିକା ଏବଂ ଷ୍ଟେଚ୍ୟ ଅଫ୍ ୟୁନିଟ୍ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହେବା ପାଇ ଆହ୍ୱାନ କରିଥିଲେ। ଥାନା ଅଧିକାରି ଶ୍ରୀ ଗିଧି ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବାକୁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧରେ ଏହି ବାର୍ତା ପ୍ରଚାର କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରିବି । ଏହି ଶପଥ ମୋର ଦେଶର ଏକତାର ଭାବନାରୁ ନେଉଛି । ଯାହାକି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୁର ଦର୍ଶୀତା ଏବଂ କାର୍ଯ୍ୟଦ୍ୱାରା ସମ୍ଭବ ହୋଇପାରିଥିଲା ବୋଲି ଶପଥ ନେଇଥିଲେ ।

## କୁଆଁରୀ ପୂର୍ଣ୍ଣୀମା ଉତ୍ସବ ପାଳିତ

ନୂଆପଡା,୦୧।୧୧ (ନି.ପ୍ର): ନୂଆପଡା ଜିଲ୍ଲାର ଗ୍ରାମାଂଚଳରେ କୁଆଁରୀ ପୂର୍ଣ୍ଣୀମା ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅ ମାନେ ଦୀର୍ଘ ଏକମାସ ଧରି କୁଆଁରୀ ବ୍ରତ ପାଳନ କରି ଆସୁଥିଲେ । ଶୁକ୍ରବାର ଶତାଧିକ କୁଆଁରୀ ଝିଅମାନେ ସାମୂହିକ କୁଆଁରୀ ବ୍ରତ ପାଳନ କରି ଏହି ଉତ୍ସବର ସମାପନ କରିଥିଲେ । କୁଆଁରୀ ଝିଅ ମାନେ ଉପବାସ ବ୍ରତ କରି ଫଳ, ମୂଳ, ପ୍ରସାଦ ସେବନ କରି ଆସୁଥିଲେ । ଉଦ୍ୟାପନୀ ପୂର୍ଣ୍ଣିମା ଦିନ ସମସ୍ତେ ଏକତ୍ରୀତ ହୋଇ ମାଁ ତୁଳସୀ ଦେବୀଙ୍କୁ ତୁଳସୀ ଚଉଁରା ପାଖରେ ପୂଜାର୍ଚ୍ଚନା କରି ମାଁଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ଏହି ବ୍ରତ ପାଳନ କରିବା ଦ୍ୱାରା ମାଁ ତୁଳସୀ ଦେବୀ ସମସ୍ତଙ୍କ ମନୋବା। ପୂରଣ କରନ୍ତି ବୋଲି କୁଆଁରୀ ଝିଅ ମାନଙ୍କ ବିଶ୍ୱାସ ରହିଅଛି ।

# ଇନ୍ଦିରାଗାନ୍ଧି ସ୍ମୃତି କମିଟି ପକ୍ଷରୁ ୩୬ତମ ଶ୍ରାଦ୍ଧ ଦିବସ ପାଳନ

ରେମୁଣା,୦୧।୧୧ (ନି.ପ୍ର): ଗତ ୩୧ ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କର ୩୬ତମ ଶ୍ରାଦ୍ଧ ଦିବସ ରେମୁଣା ଗୋଲେଇ ସ୍ଥିତ ଇନ୍ଦିରା ଗାନ୍ଧି ସ୍ମୃତି କମିଟୀ ପକ୍ଷରୁ ଶ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପୂର୍ବାହ୍ନ ଘ ୯ ଣ୍ଟା ସମୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କର ସୁପୁତ୍ର ସାଂସଦ ଅଭିଜିତ ମୁଖାର୍ଜୀ ଇନ୍ଦିରା ଗାନ୍ଧୀଙ୍କର ପ୍ରତି ମୂର୍ତ୍ତୀରେ ମାଲ୍ୟାର୍ପଣ କରି ତାଙ୍କର ବଳିଷ୍ଠ ନେତୃତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କୁ ମଧରେ ସ୍ମୃତି କମିଟୀର ଅନ୍ୟତମ ସଦସ୍ୟ ତରୁଣ ଦାସ, କହ୍ନେଇ ବେହେରା, ତୁଷାରକାନ୍ତି ତପସ୍ୱୀ, ମହମ୍ମଦ ଫୁଜ ଆଲାମ, ସୁରଜିତ ପୋଥାଳ, ବାଲେଶ୍ୱର ଜିଲ୍ଲା ଆଉ.ଏନ୍.ଟି.ୟୁ. ର ଯୁବ ସଭାପତି ବିକାଶ କୁମାର ଦାସି, ରାମଚନ୍ଦ୍ର ସାହୁ, ଭାଗ୍ୟଶ୍ରୀ ପୋଥାଳ, ଶ୍ରୀମନ୍ତ କୁମାର ପୋଥାଳ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତଃ ଇନ୍ଦିରାଗାନ୍ଧୀଙ୍କର ବଳିଷ୍ଠ ନେତୃତ୍ୱ, ବଙ୍ଗଳା ଦେଶର ଅଭ୍ୟୁଥାନ, ବିଂଶସୂତ୍ରୀ କାର୍ଯ୍ୟକ୍ରମ, ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଭତ୍ତା ପ୍ରଦାନ, ୧୪ଟି ବ୍ୟାଙ୍କର ଜାତୀୟକରଣ, ଗରିବ ହଟାଅ ପ୍ରଭୃତି ଜନହିତକର କାର୍ଯ୍ୟ କରି ସର୍ବଜନ ପ୍ରଶଂସିତ ହୋଇ ପାରିଲେ । ତାଙ୍କର ୩୬ତମ ଶ୍ରାଦ୍ଧ ଦିବସରେ ସେହି ମହାନ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ଡାକ୍ତର ରଜନୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।

# ନଫୋର୍ସମେଣ୍ଟ ସ୍କାର୍ଡ ପକ୍ଷରୁ ଅଚାନକ ଚଢାଉ

କେନ୍ଦୁଝର,୦୧।୧୧ (ନି.ପ୍ର): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ତୁଳସୀଚଉଁରା ବେଆଇନ କ୍ୱାରୀରୁ ଆଜି ଶନିବାର ଦିନ ସଦର ତହସିଲ ଏନଫୋର୍ସମେଟଂ ସ୍କାର୍ଡ ପକ୍ଷରୁ ଅଚାନକ ଚଢାଉ କରାଯାଇ ୨ ଟି ମାଟି ବୋଝେଇ ଟ୍ରାକ୍ଟର ଜବତ୍ କରାଯାଇଛି । ଶନିବାର ଦିନ ତୁଳସୀଚଉଁରାରେ ବେଆଇନ କ୍ୱରୀରେ ୨ ଟି ଟ୍ରାକ୍ଟର ମାଟି ବୋଝେଇ କରୁଥିବା ସୂଚନା ପାଇ ସଦର ତହସିଲଦାର ଆଶିଷ ମହାପାତ୍ରଙ୍କ ନେତୃତ୍ୱରେ ସଦର ଆର. ଆଇ ଭୋଳେଶ୍ୱର ପାତ୍ର. ଏ. ଆର. ଆଇ ମନୋଜ ମହାନ୍ତ ଘଟଣାସ୍ଥଳକୁ ଯାଇ ମାଟି ବୋଝେଇ କରୁଥିବା ୨ ଟି ଟ୍ରାକ୍ଟର ଜବତ୍ କରି ଟାଉନ ପୋଲିସକୁ ଜିମା ଦେଇଛନ୍ତି । ତୁଳସୀଚଉଁରା ଅଂଚଳ ର ଅଧିକାଂଶ ସ୍ଥାନ ଜଙ୍ଗଲ ରହିଥିବାରୁ ଏହାକୁ ନୂତନ ସୌରାତ ଘୋଷଣା କରି ଲିଜ୍ ଦିଆଯାଇ ପାରୁନାହିଁ। ଏହାର ସୁଯୋଗରେ ଏହି ମାଫିଆ ମାନେ ଗତ କିଛି ବର୍ଷ ହେବ ଏହି ସ୍ଥାନରୁ ଅବାଧରେ ପଥର, ମାଟି, ମୋରମ ଚୋରୀ ଚୋରୀ କରୁଛନ୍ତି । ଗତ ୩ ମାସ ମଧ୍ୟରେ ଏହି ସ୍ଥାନରୁ ଲଘୁ ଖଣିଜ ସମ୍ପଦ ଚୋରୀ କରୁଥିବା ୪ ଟି ଟ୍ରାକ୍ଟର ଜବତ୍ କରାଯାଇ ଫାଇନ ଆଦାୟ ମଧ୍ୟ କରାଯାଇଛି । ଏହା ସତ୍ତ୍ୱେ ମାଫିଆମାନେ ସ୍ଥାନୀୟ ଲୋକଙ୍କୁ ହାତ କରି ଲଘୁ ଖଣିଜ ସମ୍ପଦ ଲୁଟ କରି ଚାଲିଛନ୍ତି । ଜଙ୍ଗଲ ଭିତରେ କୋଟି କୋଟି ଟଙ୍କାର ପଥର, ମୋରମ, ମାଟି ଚୋରୀ ହେଉଥିବା ବେଳେ ବନ ବିଭାଗ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି । ବେଧଡକ ଲଘୁ ଖଣିଜ ସମ୍ପଦ ଲୁଟ ଯୋଗୁଁ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁ ମାନେ ବିଶେଷ ଭାବେ ପ୍ରଭାବିତ ହେବା ସହ ସେମାନଙ୍କ ଶାନ୍ତି ନଷ୍ଟ ହେଉଛି । ଫଳରେ ଅନେକ ସଂୟରେ ସେମାନେ ଜନପଦ ଆଡକୁ ଚାଲି ଆସୁଛନ୍ତି । ଅନ୍ୟ ପକ୍ଷରେ ମାଟି ମୋରମ ଲୁଟ ଯୋଗୁଁ ଜଙ୍ଗଲ ଭିତରେ ଅନେକ ବଡ ବଡ ଗଛ ଟଳି ପଡିବା ସହ ଜଙ୍ଗଲ ଭିତରେ ବଡ ବଡ ଗାତ ସୃଷ୍ଟି ହୋଇଛି । ଯାହା କି ବନ୍ୟ ଜନ୍ତୁଙ୍କ ପାଇଁ ମଧ୍ୟ ବିପଦର କାରଣ ହୋଇଛି ।

# ହାରିଗଲେ ଦ୍ୱିତୀୟ ଭଗବାନ, ଶିଶୁ ରୋଗ ବିଶେଷଜ୍ଞ ବିଶ୍ୱନାଥ ରାଉତଙ୍କ ପରଲୋକ

ବୌଦ୍ଧ,୦୧।୧୧ (ନି.ପ୍ର): ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟତମ ତଥା ଲୋକପ୍ରିୟ ଶିଶୁ ରୋଗ ବିଶେଷଜ୍ଞ ଡା. ବିଶ୍ୱନାଥ ରାଉତଙ୍କ ୪୦ ବର୍ଷ ବୟସରେ ଶୁକ୍ରବାର ରାତ୍ରୀରେ ପରଲୋକ ହୋଇଛି । ଦିର୍ଘଦିନ ଧରି ଶତାଧିକ କରୋନା ରୋଗୀଙ୍କୁ ଚିକିତ୍ସା କରି ସୁସ୍ଥ କରିବା ପରେ ସେ ନିଜେ କରୋନାରେ ସଂକ୍ରମିତ ହୋଇ ପଡିଥିଲେ । ତାଙ୍କୁ ପ୍ରଥମେ ବୌଦ୍ଧ ଠାରେ ପରେ ଭୁବନେଶ୍ୱର ଠାରେ ଚିକିତ୍ସା କରାଯିବା ପରେ ସୁସ୍ଥ ନହେବାରୁ ଏୟାର ଆମ୍ବୁଲାନ୍ସ ଯୋଗେ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଦିର୍ଘଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ସେ ହାରିଗଲେ । ଡା. ରାଉତ ବୌଦ୍ଧ କୋଭିଡ ହେଲ୍ଥ ସେଂଟରର ଦାୟିତ୍ୱରେ ରହିବା ସହ କୋଭିଡ ଆଇସିୟୁର ମଧ ମୁଖ୍ୟ ଦାୟିତ୍ୱରେ ରହି ଶହଶହ କୋଭିଡ ରୋଗୀଙ୍କୁ ଭଗବାନ ସାଜି ସୁସ୍ଥ କରିଥିଲେ । ତାଙ୍କ ପରିବାରରେ ଅନ୍ୟମାନଙ୍କ ସହିତ ପତ୍ନୀ ଓ ଏକମାତ୍ର ପୁତ୍ର ଅଛନ୍ତି । ତାଙ୍କର ମରଶରୀର ତାଙ୍କର ନିଜଗ୍ରାମ ଅନୁଗୁଳ ଜିଲା, ତାଳଚେର ନିକଟସ୍ଥ ଚାଳଗଡ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ କରାଯାଇଛି । ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ତାଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯିବା ସହ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ରାଷ୍ଟ୍ରିୟ ସମ୍ମାନ ପ୍ରଦାନ କରାଯାଇଥିଲା ।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍. ଏସ୍. ଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କେନ୍ଦୁଝର,୦୧।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଅଗ୍ରଣି ଶିକ୍ଷାନୁଷ୍ଠାନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍. ଏସ୍. ଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଅଧ୍ୟକ୍ଷଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଏକତା ପାଠ କରାଇଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ଅଧକ୍ଷ ଶ୍ରୀ ସାହୁ ବିଶ୍ୱ ଇତିହାସରେ ଲୌହମାନବ ସର୍ଦ୍ଦାର ପଟେଲ ଙ୍କ ଭଳି ବ୍ୟକ୍ତିଟିଏ ମିଳିବା କଷ୍ଟକର, ଯିଏ କି ନିଜ ପାଇଁ ବଂଚି ନଥିଲେ। ତାଙ୍କ ସମଗ୍ର ଜୀବନ ଦେଶ ପାଇଁ ସମର୍ପିତ ଥିଲା । ସେ ଥିଲେ ନବ ଭାରତର ନିର୍ମାତା। ସେ କେବଳ ସମ୍ବିଧାନ ପ୍ରଣେତା ହୋଇ ରହିଯାଇ ନଥିଲେ, ସମ୍ବିଧାନକୁ ଯଥାର୍ଥ ସମ୍ମାନ ଦେବା ସହିତ ସମ୍ବିଧାନର ଜାଗ୍ରତ ପ୍ରହରୀ ଥିଲେ ବୋଲି କହିଥିଲେ। ତାଙ୍କ ଚିନ୍ତାଧାରାରେ ଆମେ ସମସ୍ତେ ଅନୁପ୍ରାଣିତ ହେଲେ ତାଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ଼ ବିଶ୍ୱରଞ୍ଜନ ଧଳ ଭାରତର ଅନେକ ବୀର, ସାଧୁ, ସନ୍ଥ, ଜନନେତା, ସଂଗ୍ରାମୀ ସ୍ୱାଧିନ ଭାରତର ପରିକଳ୍ପନା କରିଥିଲେ। ତନ୍ମଧ୍ୟରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ୟତମ। ଯାହାଙ୍କ ଜନ୍ମ ଦିବସକୁ ଆମେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରୁଛୁ। କେବଳ ଯେ ଜନ୍ମ ଦିବସ ପାଳନ କଲେ ହେବ ନାହିଁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ଏକତାରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଡ଼ ଅନୁପମା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିବା ବେଳେ କମ୍ପ୍ୟୁଟର ସାଇନ୍ସ ସହକାରୀ ପ୍ରଫେସର ମୁରଲୀଧର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ, ଅଧାପକ ବିଜୟ କୁମାର ବେହେରା ,ମମତା ଖଟୁଆ, ଡ଼ ନବଘନ ମଲ୍ଲିକ, ଡ଼ ଦେବାଶିଷ ଗ୍ରହାଚାର୍ଯ୍ୟ, ପୂର୍ବତନ ଏନ୍‌ସିସି କ୍ୟାପଟେନ ପି.କେ.ଘଣା, ହରେକୃଷ୍ଣ ବେଜ, ସମ୍ବିତ ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ବଳିଦାନ ଦିବସକୁ କିଷାନ ଅଧିକାର ଦିବସ ଭାବେ ପାଳିଲା କଂଗ୍ରେସ

ବାରିପଦ,୦୧।୧୧ (ନି.ପ୍ର): ୧୯୮୪ ଅକ୍ଟୋବର ୩୧ରେ ନିଜର ଦେହରକ୍ଷୀଙ୍କ ଗୁଳିରେ ଆତ୍ମବଳୀଦାନ ଦେଇଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ । କଂଗ୍ରେସ ପକ୍ଷରୁ ଉକ୍ତ ଦିବସକୁ ବଳିଦାନ ଦିବସ ଭାବେ ପାଳନ କରାଯାଇ ଆସୁଥିବା ବେଳେ ଚଳିତ ବର୍ଷ ଏହାକୁ କିଷାନ ଅଧିକାର ଦିବସ ଭାବେ ପାଳନ କରାଯାଇଛି । ଏହ ପରି ପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସର ଜିଲ୍ଲା କାର୍ଯ୍ୟାଳୟରେ କଂଗ୍ରେସର ନେତା ଓ କର୍ମୀମାନେ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ପୂ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୁ ସମ୍ମୁଖରେ ପୂର୍ବାହ୍ନ ସାଢ଼େ ୧୧ରୁ ମଧ୍ୟାହ୍ନ ଦେଢ଼ଟା ପର୍ଯ୍ୟନ୍ତ ଏକ ସଭାର ଆୟୋଜନ ମାଧ୍ୟମରେ ବଳିଦାନ ଦିବସକୁ କିଷାନ ଅଧିକାର ଦିବସ ଭାବେ ପାଳନ କରାଯାଇଥିଲା । ଏଥିରେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ ନେତା ବିଜନ ଦାସ, ଜ୍ୟୋତିପ୍ରକାଶ ରଥ, ଯୋଗେଶ ଅଗ୍ରୱାଲା, ଅଶୋକ ଅଧିକାରୀ, ଅରବିନ୍ଦ ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ନେତ୍ରୀ ସସ୍ମୀତା ଘୋଷାଲ, ପ୍ରଦୀପ ମିଶ୍ର, ଶାନ୍ତନୁପାଲ, ଦଶରଥ ସିଂ, ସୁଶାନ୍ତ ବିଶ୍ୱାଳ, ମୀନକେତନ ବେହେରା, ସେକ ମୁସ୍ତାଫା, ତୁଷାର ବେହେରା, ସୁରେନ୍ଦ୍ର ମହାନ୍ତ, ବିଜୟ ସିଂ, ସୁବାଷ ପାତ୍ର, ନିର୍ମଳ ଚନ୍ଦ୍ର ପ୍ରଧାନ, ମୁରଲୀ ନାଏକ, ଶଶଧର ମହାପାତ୍ର, ହିତେନ୍ଦ୍ରଲାଲ ସାହୁ, ରବୀନାରାୟଣ ପରିଡ଼ା, ଚାଣ୍ଡ ମହାନ୍ତ, ଇତିଶ୍ରୀ ମିଶ୍ର, ଇନ୍ଦୁମତୀ ମହାନ୍ତି, ସୁନୀତା ବାରିକ, ରଶ୍ମୀତା ମିଶ୍ର, ବୁଧୁନୀ ମହାନ୍ତ, ଅଞ୍ଜନୀ ମହାନ୍ତ, ରିତୁ ସିଂ, ଗୌରୀ ମହାନ୍ତ ପ୍ରମୁଖ ଯୋଗ ଦେଇ ପାର୍ଲିଆମେଣ୍ଟରେ ଗତ ମୌସୁମୀ ଅଧିବେଶନରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାରରେ ଅଗଣତାନ୍ତ୍ରିକ ଭାବେ ପାରିତ କରାଇ ନେଇଥିବା କୃଷି ବିଧେୟକକୁ କୃଷକ ମାରଣ ବିଧେୟକ ବୋଲି ଦର୍ଶାଇ ନିଜ ନିଜର ମତ ବକ୍ତ କରିଥିଲେ । ଏଥି ସହିତ କେନ୍ଦ୍ର ସରକାରଙ୍କ କୃଷି ବିଲ କୃଷକ ମାରଣ ବିଲ ହୋଇଥିବାରୁ ଏହାକୁ କଂଗ୍ରେସ ବିରୋଧ କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର ନିମନ୍ତେ ଦାବି କରିଥିଲେ । ସେହିପରି କେନ୍ଦ୍ର ସରକାର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କ ହାତରେ ସଖୀ କଣ୍ଢେଇ ସାଜି ସେମାନଙ୍କ ସ୍ୱାର୍ଥ ସାଧନ ନିମନ୍ତେ ଶ୍ରମ ବିଲ ସଂଶୋଧନ କରିବା ସାଙ୍ଗକୁ ଶ୍ରମନୂତନ ଶ୍ରମକୋଡ଼ ଆଣିଛନ୍ତି । ଯେଉଁଥିରେ ବିଭିନ୍ନ ଶିଳ୍ପ, କଳକାରଖାନାମାନଙ୍କରେ କାର୍ଯ୍ୟକରୁଥିବା କୋଟି କୋଟି ଶ୍ରମିକମାନଙ୍କ ସାମୂହିକ୍ସାର୍ଥକୁ ଜଳାଞ୍ଜଳୀ ଦେଇ ଶିଳ୍ପପତିମାନଙ୍କୁ ସୁହାଇବା ଭଳି ବିଲ ପାଶ କରାଇଛନ୍ତି । ତେଣୁ ଏହପ୍ରକାରର ଶ୍ରମିକ ବିରୋଧୀ ବିଲକୁ ମଧ ପ୍ରତ୍ୟାହାର କରାଇ ଯାଇ ଶ୍ରମିକମାନଙ୍କ ସ୍ୱାର୍ଥ ସାଧନ ନିମନ୍ତେ ନୂତନ ବିଲ ଆଣିବା ନିମନ୍ତେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କେନ୍ଦ୍ର ସରକାରଙ୍କ ଭୂଲ ନୀତି ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ପରିଚାଳିତ ବିଜେଡ଼ି ସରକାରଙ୍କ କେନ୍ଦ୍ରର ଗୋଡ଼ାଣିଆ ନୀତି ପାଇଁ ବେକାରୀ ସମସ୍ୟା ଉତ୍କଟକ ପରିସ୍ଥିତିରେ ପହଁଚିଛି । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇ ସରକାରଙ୍କ ହାତରୁ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଫଳରେ ଧନୀ, ଗରୀବ, ମଧ୍ୟବିତ, ଖଟିଖିଆ ଓ ଦିନମଜୁରୀଆ ନିଜର ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି କଂଗ୍ରେସର ନେତାମାନେ ମତପୋଷଣ କରିଥିଲେ । ସେହିପରି ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସାଙ୍ଗକୁ ଗାନ୍ଧୀ ପରିବାରର ତ୍ୟାଗ ଓ ବଳିଦାନକୁ ଆଧାର କରି କଂଗ୍ରେସ ନେତା ସୁନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ମୟୂରଭଞ୍ଜ ଯୁବ ବିଜେଡ଼ି ଦଳର ଉପସଭାପତି ତଥା ବଡ଼ସାହି ଅଂଚଳର ସଞ୍ଜୟ ସେଠୀ ବିଜେଡ଼ି ତ୍ୟାଗ କରି ତାଙ୍କର ୪୦ରୁ ଅଧିକ ସମର୍ଥକମାନଙ୍କ ସହ ଆଜି କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଜିଲ୍ଲା କଂଗ୍ରେସ ସଭାପରି ହେମନ୍ତ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ନେତାମାନେ ନବାଗତମାନଙ୍କୁ ଉତରୀୟ ଓ କଂଗ୍ରେସ ଟୋପି ପିନ୍ଧାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିବା ସମୟରେ ଶ୍ରୀସେଠୀ ବିଜେଡ଼ିର ହାଇକମାଣ୍ଡ ତଥା ମୁଖ୍ୟମନ୍ତ୍ରୀ ନବୀନ ହାତଗଣତି ୮/୯ ବିଧାୟକକୁ ବାଦ ଦେଇ ଅନ୍ୟମାନଙ୍କ ନାମ ଦୂରର କଥା ସେମାନଙ୍କୁ ଚିହ୍ନି ନାହାନ୍ତି । ମୁଖ୍ୟମନ୍ତ୍ରୀ ନବୀନ କିଛି ବୁଝୁ ନ ଥିବା ବେଳେ ଦଳକୁ ଜଣେ ଅଣଓଡ଼ିଆ ପରିଚାଳନା କରୁଛନ୍ତି । ବିଜେଡ଼ିର ୨୦ ବର୍ଷ ଶାସନ ଭିତରେ ମୟୂରଭଞ୍ଜରେ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୋଇଛି । ଜନତାଙ୍କ ସେବା କରିବା ମନବୃତି ନେଇ ଦଳରେ ଥିଲେ, ମାତ୍ର ତାଙ୍କ କଥା କେହି ଶୁଣୁ ନ ଥିଲେ । ସେହିଭଳି ଦଳରେ ଥାଇ ନିଜକୁ ଅଣନିଶ୍ୱାସୀ ଅନୁଭବ କରୁଥିଲେ । ଆଜି ମୁକ୍ତି ପାଇଛନ୍ତି ବୋଲି ଶ୍ରୀସେଠୀ ପ୍ରକାଶ କରିଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମେଧା ତାଲିକା ତୁରନ୍ତ ପ୍ରକାଶ କର : ଏଆଇଏସଏଫ୍

ଭୁବନେଶ୍ୱର,୦୧।୧୧ (ନି.ପ୍ର): ଗତକାଲି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ଅନ୍ୟାନ ସମସ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗର ଟପ୍ପର ତାଲିକା ପ୍ରକାଶିତ ହୋଇଥିବା ବେଳେ ରାମଦେବୀ ମହିଳା ବିଶ୍ୱବିଦ୍ୟାଳୟର ଟପ୍ପର୍ ତାଲିକା ପ୍ରକାଶିତ ହୋଇନାହିଁ। ତାଲିକା ପ୍ରକାଶ ନ କରାଯିବା ପଛରେ ପରୀକ୍ଷା ନିୟନ୍ତ୍ରକଙ୍କ ନ୍ୟସ୍ତସ୍ୱାର୍ଥ ଜଡ଼ିତ ଥିବା ମନେ ହେଉଛି। ଏହା ପୂର୍ବରୁ ପରୀକ୍ଷା ପରିଚାଳନା ତୃଟି ପାଇଁ ହଜାର ହଜାର ଛାତ୍ରୀ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଭଳି ବାରମ୍ବାର ପରୀକ୍ଷା ବିଭ୍ରାଟ ଅନେକ ମେଧାବୀ ଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରୁଥିବା ସତ୍ତ୍ୱେ ସରକାର ଏପର୍ଯ୍ୟନ୍ତ ପରୀକ୍ଷା ନିୟନ୍ତ୍ରକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣାକୁ ଏଆଇଏସ୍ଏଫ୍ ଦୃଢ଼ ନିନ୍ଦା କରିଛି। ଅବିଳମ୍ବେ ଟପ୍ପର ତାଲିକା ପ୍ରକାଶ କରିବା ସହ ପରୀକ୍ଷା ନିୟନ୍ତ୍ରକଙ୍କ ମନମୁଖୀ ପରିଚାଳନା ଉପରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇଏସ୍ଏଫ୍ ଦାବି କରିଛି।

# ଷ୍ଟାଇଲିଶ୍ ସ୍କାର୍ଫ

## ଶୀତରେ ସାବନା କରାଏ....

ଖରାଦିନ ତୁଳନାରେ ଶୀତିଦିନେ ବିଉଟି ଟ୍ରିଟ୍‌ମେଣ୍ଟର ଅଧିକ ଆବଶ୍ୟକତା ଥାଏ । ଏ ସମୟରେ ତ୍ୱଚାରେ ଶୁଷ୍କତା ବଢ଼ିଯାଏ । ଫଳରେ ଚେହେରାର ପ୍ରାକୃତିକ ମଇଶ୍ଚରାଇଜର ନଷ୍ଟ ହୋଇଯାଏ । ଏମିତିରେ କିଛି ବିଉଟି ପ୍ରଡକ୍ଟ ଏବଂ ଘରୋଇ ଉପାୟ ଚେହେରାର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ତାକୁ ସାବନା କରିଦିଏ । ଜାଣନ୍ତୁ ସେଗୁଡ଼ିକ ବିଷୟରେ...



**ବେକିଂ ସୋଡ଼ା :-** ଏମିତି କିଛି ବିଉଟି ଟ୍ରଟ୍‌ମେଣ୍ଟ ରହିଛି, ଯେଉଁଥିରେ ବେକିଂ ସୋଡ଼ାର ବ୍ୟବହାର କରାଯାଏ । ଯଦି ଶୀଘ୍ର ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଛନ୍ତି, ତେବେ ବେକିଂ ସୋଡ଼ା ବେଶ୍ ଫାଇଦା ଦେଇଥାଏ । କିନ୍ତୁ ମନେରଖିବେ ଖରାଦିନ ବ୍ୟତୀତ ଶୀତଦିନେ ଏହାର ବ୍ୟବହାର ହାନିକାରକ ସାବ୍ୟସ୍ତ ହୋଇପାରେ । ଏହାଦ୍ୱାରା ତ୍ୱଚାରେ କଳାଦାଗ ପଡ଼ିବା ସହ ସାବନାପଣ ବଢ଼ିଯାଏ ।

**ଲେମ୍ବୁ:** ଯେକୌଣସି ଘରୋଇ ଫେଶପ୍ୟାକ୍ ତିଆରି କରନ୍ତୁ, ସେଥିରେ ଲେମ୍ବୁର ବ୍ୟବହାର ଅବଶ୍ୟ ହୋଇଥାଏ । ଏଥିରେ ସାଇଟ୍ରିକ୍ ଏସିଡ୍ ପ୍ରଚୁର ମାତ୍ରାରେ ଥାଏ, ଯାହା ତ୍ୱଚାକୁ ତୈଳାଂଶ ଦୂରେଇ ଶୁଷ୍କ କରିଥାଏ । କିନ୍ତୁ ଶୀତଦିନେ ଏହାକୁ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କତା ବୃଦ୍ଧି ପାଇଥାଏ । ତତ୍‌ସହିତ ଉଜ୍ଜ୍ୱଳତା ହ୍ରାସ ପାଏ ।



**ଶୀତ ହେଉ ଅବା ଖରା । ସ୍କାର୍ଫ ସବୁବେଳେ ଦରକାର । ଏହା ଷ୍ଟାଲିଶ୍ ସାଙ୍ଗକୁ ଆଭିଜାତ୍ୟପୂର୍ଣ୍ଣ ଲୁକ୍ ଦେଇଥାଏ । ଆସନ୍ତୁ ଜାଣିବା ସ୍କାର୍ଫର ପ୍ରକାର ଓ ଏହାକୁ କିଭଳି କ୍ୟାରି କରିବେ ।**

### ସ୍କୋୟାର ସ୍କାର୍ଫ

ସ୍କୋୟାର ସ୍କାର୍ଫ ସେତେବେଶି ଟ୍ରେଣ୍ଡରେ ନଥିଲେ ବି ଏହାକୁ ଅନେକ କ୍ୟାରି କରନ୍ତି । ଏଭଳି ସ୍କାର୍ଫକୁ ନେକର୍ଚିଫ୍ ମଧ କୁହାଯାଏ । ଏହା ପ୍ରାୟ ବ୍ୟାଣ୍ଡନା ନୁହେଁ । ଓ୍ୱେଷ୍ଟ ର୍ଣ୍ଣ ଅଟାୟାର ସହିତ ଏହା କ୍ୟାରି କଲେ ସ୍ମାର୍ଟ ଲାଗିବେ ।

### ଇନଫିନିଟ/ ଲୁପ୍ ସ୍କାର୍ଫ

ଏହି ଧରଣର ସ୍କାର୍ଫ ଅଧିକ ଦିନର ନୁହେଁ । ଏହି ଟ୍ରେଣ୍ଡ ଅଳ୍ପ ଦିନ ହେବ ଆସିଛି । ଏହି ସ୍କାର୍ଫ ବାନ୍ଧିବାରେ ଆପଣଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିବ ନାହିଁ । ବେକ ପଛରୁ ଆଗ ପଟକୁ ଝୁଲାଇ ଗୋଟିଏ ହାଲକା ଗଣ୍ଠି ପକାଇ ଦେଲେ ଆପରଙ୍କୁ ମିଳିଯିବ ଷ୍ଟାଇଲିଶ୍ । ଲୁକ୍ । ଶୀତଦିନେ ଉଲେନ, ଟସରର ଲୁପ୍ ସ୍କାର୍ଫ ଆରାମଦାୟକ ହୋଇଥାଏ ।

### ପଶମିନା ସ୍କାର୍ଫ

ଏହି ସ୍କାର୍ଫର ଦାମ ଅନ୍ୟ ସ୍କାର୍ଫ ତୁଳନାରେ ଯଥେଷ୍ଟ ଅଧିକ । ଏହା ଆକାରରେ ଯଥେଷ୍ଟ ବଡ଼ ହୋଇଥିବାରୁ ଏହାକୁ ଆପଣ ଯେଭଳି ଇଚ୍ଛା ସେମିତି ଭାବେ କ୍ୟାରି କରିପାରିବେ । ଶୀତଦିନେ ଏହା ଆପଣଙ୍କୁ ଉଷ୍ମତା ପ୍ରଦାନ କରିବା ସହିତ ଏକ ଆଭିଜାତ୍ୟ ଭରା ଲୁକ୍ ଦେଇପାରିବ ।

### ରେକ୍ଟାଙ୍ଗୁଲାର/ ଓବଲଙ୍ଗ୍ ସ୍କାର୍ଫ

ଏହି ଧରଣୀ ସ୍କାର୍ଫ ସବୁଠୁ ଏବେ ଲୋକପ୍ରିୟ ଏବଂ ଏହା ଟ୍ରେଣ୍ଡରେ ଅଛି । ଏହାକୁ ସେମିତି ଗଳା ଚାରିପଟେ ଗୁଡ଼େଇ ଦେଲେ ବି ଏହା ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହା ଟିକେ ବଡ଼ ହୋଇଥିବାରୁ ବିଭିନ୍ନ ଭାବରେ ଆପଣ ଏହାକୁ ନିଜ ବେକ ଚାରିପଟେ ଗୁଡ଼େଇ ପାରିବେ । ବିଭିନ୍ନ ପ୍ୟାଟ୍ରିକ୍, ପ୍ରିଣ୍ଟର ଏହା ଉପଲବ୍ଧ । ଶୀତ ଦିନେ ସିଲ୍କ ଓ ଟସରର ସ୍କର୍ଫ ବେଶ୍ ଆରାମଦାୟକ ହୋଇଥାଏ ।



**ଅଧିକ ଶୀତ ହେଉଥିଲେ ଜ୍ୟାକେଟ୍ ପିନ୍ଧିବା ପରେ ବି ଆପଣ ବେକରେ ଲୁପ୍ ସ୍କାର୍ଫ ଗୁଡ଼େଇ ପାରିବେ । ଆପରଙ୍କ ସ୍ୱେଟର ଗୋଟିଏ ରଙ୍ଗର । ଟିକେ ବୋରିଂ ଲାଗୁଛି । ଏଥିରେ ଫ୍ୟୁଜନ୍ ଲୁକ୍ ଆଣିବା ପାଇଁ ବେକରେ ସ୍କର୍ଫ ବାନ୍ଧନ୍ତୁ । ଅଫିସର ଫର୍ମାଲ ପୋଷାକ ସହିତ ମଧ ଆପଣ ସ୍କାର୍ଫ କ୍ୟାରି କରିପାରିବେ । ଏକ ଭଲ ସ୍କାର୍ଫ ଆପଣଙ୍କ ଅଫିସିଆଲ ଲୁକ୍ କରିବ ଅଧିକ ଷ୍ଟାଇଲିଶ୍ ।**

### କିପରି କ୍ୟାରି କରିବେ....

ଆପଣ ଚାହିଁଲେ ସ୍କାର୍ଫକୁ ବେକ ଚାରିପଟେ ନ ଗୁଡ଼େଇ କେବଳ ଦୁଇ କାନ୍ଧରୁ ତଳକୁ ପକାଇ ଦିଅନ୍ତୁ ଯେମିତିକି ଏହା ଆପରଙ୍କ ଆଣ୍ଠୁ ପର୍ଯ୍ୟନ୍ତ ଝୁଲୁଥିବ । ଏହାପରେ ଅଣ୍ଟା ପାଖରେ ଏକ ବେଲ୍ଟ ବାନ୍ଧନ୍ତୁ ।

## ପିଲାଙ୍କୁ ଶୀଘ୍ର ଶୁଆନ୍ତୁ



**ସାଧାରଣତଃ କେତେକ ଛୋଟପିଲା ଦିନସାରା ଶୁଅନ୍ତି ଓ ରାତିସାରା ଚେଇଁ ରହିଥାନ୍ତି । ଏହା ସେମାନଙ୍କର ରୁଟିନ ପାଲଟିଯାଏ । ଅନ୍ୟପକ୍ଷରେ ସାରା ରାତି ଆରାମରେ ଶୋଇପଡ଼ିବା ଶିଶୁ ଖୁବ୍ କମ ଥାନ୍ତି। ଏଭଳି କ୍ଷେତ୍ରରେ ପିଲାଙ୍କୁ ଶୁଆଇବା ମା' ବାପାଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ହୋଇପଡ଼େ । ଏ ସମ୍ପର୍କିତ କିଛି ଟିପସ ଜାଣନ୍ତୁ...**

ଶିଶୁଙ୍କ ନିଜ ଖୁବ୍ ପତଳା ବା ହାଲକା ହୋଇଥାଏ । ଟିକିଏ ବି ଖୁଡ଼ଖାଡ଼ ହେଲେ ସେମାନେ ଉଠିପଡ଼ନ୍ତି ଓ ତାଙ୍କୁ ପୁଣିଥରେ ଶୁଆଇବା କଷ୍ଟକର ହୋଇପଡ଼େ । ଛୋଟ ଛୋଟ ପିଲାଏ ଶୋଇବାକୁ ନେଇ ସର୍ବଦା ଜିଦଖୋର ହୋଇଥାନ୍ତି । ନିଜ ଇଚ୍ଛାରେ ସେମାନେ ଶୁଅନ୍ତି ଓ ଉଠନ୍ତି । କିଛି ଶିଶୁ ତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚେଇଁଥାଆନ୍ତି । ମାତ୍ର ଦିନସାରା ପରିଶ୍ରମ କରିଥିବା ମା ବାପା ଶୋଇପଡ଼ିବାକୁ ଚାହାନ୍ତି । କିନ୍ତୁ ଛୋଟ ପିଲାଏ ସେତେବେଳେ ଖେଳୁଥାନ୍ତି । ତେଣୁ ବାପା, ମା ଶୋଇପାରନ୍ତି ନାହିଁ । ଏଭଳି ପରିସ୍ଥିତିରେ ପିଲାଙ୍କୁ ଶୁଆଇବା କଷ୍ଟକର ହୋଇପଡ଼େ । ବିଶେଷକରି ଯେଉଁମାନେ ପ୍ରଥମ କରି ବାପା, ମା ହୋଇଥାନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ଆହୁରି କଷ୍ଟକର ହୋଇଯାଏ । ଯଦି ଆପଣ ବି ନିଜ ପିଲାଙ୍କ ଏଭଳି ଅଭ୍ୟାସରେ ବ୍ୟସ୍ତ ବିବ୍ରତ ହେଉଛନ୍ତି । ତା ହେଲେ କିଛି ଉପାୟ ଆପଣାନ୍ତୁ, ଯଦ୍ୱାରା ଆପଣଙ୍କର ସମସ୍ୟା ରହିବ ନାହିଁ ।

**କିଛି ସମୟ ପିଲାଙ୍କୁ ଲାଗିକରି ଶୁଆନ୍ତୁ:-** ପିଲାଙ୍କୁ ଶୁଆଇବା ସମୟରେ ନିଜେ ମଧ ପିଲାଙ୍କୁ ଲାଗିକରି କିଛି ସମୟ ଶୁଅନ୍ତୁ । ଏହାଦ୍ୱାରା ପିଲାଟି ଅନୁଭବ କରିବ ଯେ, ଆପଣ ତା' ପାଖରେ ଅଛନ୍ତି । ଫଳରେ ସେ ନିଜକୁ ଏକୁଟିଆ ବା ଅସୁରକ୍ଷିତ ମଣିବ ନାହିଁ ଓ ଆରାମରେ ଶୋଇଯିବ । ପିଲାଟି ସମ୍ପୂର୍ଣ୍ଣ ନିଦରେ ଶୋଇପଡ଼ିଲା ବୋଲି ନିଶ୍ଚିତ ହେବା ପରେ ତା ପାଖରେ ତକିଆ ବା ବେଡସିଟ ରଖିଦେଇ ଆପଣ ଉଠିଯାଇ ପାରନ୍ତି । ଯଦି ଆପଣ ପିଲାଟିକୁ ଦୋଳିରେ ଝୁଲାଇ ଶୁଆଉଛନ୍ତି, ତେବେ ଧାନ ଦିଅନ୍ତୁ । ଯେମିତି ଦୋଳିରୁ କୌଣସି ପ୍ରକାର ଗନ୍ଧ ଆସୁନଥିବ । ତେଣିକି ସେ ସୁଗନ୍ଧ ହେଉ କି ସୁର୍ଗନ୍ଧ; ଏହା ପିଲାଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି କରେ । ପିଲାଙ୍କ ନିଦ ଅଧାରୁ ଭାଙ୍ଗିଯାଏ । ଅଧା ନିଦରୁ ଉଠିବା ଫଳରେ ସେ ଚିଡ଼ଚିଡ଼ା ହୋଇପାରେ ଓ ପୁଣି ଥରେ ଶୁଆଇବା କଷ୍ଟକର ହୋଇଯାଏ ।

**ଭଲରେ ଖୁଆନ୍ତୁ:-** ଡାକ୍ତରଙ୍କ କହିବାନୁସାରେ, ଶିଶୁ ଯଦି ଭୋକିଲା ଥାଏ ବା ତା'ର ପେଟ ପୂରି ନଥାଏ ତେବେ ଭଲରେ ଶୁଏ ନାହିଁ । ବେଳେବେଳେ ଅଧାନିଦରୁ ଉଠିପଡ଼େ । ଏଭଳି କ୍ଷେତ୍ରରେ ମା ମାନଙ୍କ କର୍ତ୍ତବ୍ୟ ହେଉଛି ସେମାନେ ପିଲାଟିକୁ ଭଲରେ ଖୁଆପିଆ କରନ୍ତୁ । ଏହା ସତ୍ତ୍ୱେ ପିଲାଟି ଯଦି ଅଧାନିଦରୁ ଉଠି କାନ୍ଦେ ତାକୁ ପୁଣି କ୍ଷୀର ପିଆଇ ଶୁଆଇବାକୁ ଚେଷ୍ଟା କରନ୍ତୁ।

**ମାଲିସ ନିଶ୍ଚୟ କରନ୍ତୁ:-** ଶିଶୁଙ୍କୁ ମାଲିସ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ମାଲିସ ଦ୍ୱାରା ପିଲାଟିର ଶରୀର ଆରାମ ପାଏ । ଯଦି ପିଲାଟିକୁ ଗାଧୋଇବା ପରେ ପରେ ହିଁ ମାଲିସ କରିବେ, ତା' ହେଲେ ସେ ତୁରନ୍ତ ଶୋଇ ପଡ଼ିଥାଏ । ଗାଧୋଇବା ପରେ ବା ଯେତେବେଳେ ତାକୁ ଶୁଆଇବାକୁ ଯାଉଛନ୍ତି, ଖେଳନା ଦିଅନ୍ତୁ ନାହିଁ । ଏହା ଦ୍ୱାରା ପିଲାଟିର ମନ ଖେଳଣା ଆଡ଼କୁ ଆକର୍ଷିତ ହୁଏ ଏବଂ ସେ ଶୋଇବାକୁ ଇଚ୍ଛା କରିନଥାଏ ।

**ଘରର ମାହୋଲ ବଦଳାନ୍ତୁ:-** ପିଲାଟିକୁ ଶୁଆଇବା ପୂର୍ବରୁ ଘରର ମାହୋଲ ବଦଳାନ୍ତୁ। ଏଭଳି କରିବା ଦ୍ୱାରା ପିଲାଟିର ବି ମନେହେବ ଯେ, ବର୍ତ୍ତମାନ ଶୋଇବା ସମୟ ହୋଇଗଲା । ଡିମଲାଇଟ ଲଗାନ୍ତୁ । ଏହାଦ୍ୱାରା ପିଲାଙ୍କ ଆଖି ଚମକେ ନାହିଁ ଓ ସେ ଶାନ୍ତ ହୋଇଯାଏ । ବେଳେବେଳେ ଆପଣ ଲକ୍ଷ୍ୟ କରିଥିବେ, ଲାଇଟ ଲଗାଇବା ମାତ୍ରେ ପିଲାଟି ଉଠିପଡ଼େ । ତେଣୁ ପିଲାକୁ ଶୁଆଇବାବେଳେ ଘରର ଆଲୋକ ବ୍ୟବସ୍ଥା ପ୍ରତି ଯତ୍ନବାନ ହୁଅନ୍ତୁ । ଡିମ ଲାଇଟ ଲଗାଇବା ପରେ ପିଲାଟି ପାଖରେ ଶୋଇ ତାକୁ ଧୀରେଧୀରେ ଥାପୁଡ଼ାନ୍ତୁ । ପିଲାଙ୍କୁ ଶୁଆଇବାବେଳେ ଯଦି ଗୁଣୁଗୁଣୁ ହୋଇ କିଛି ଗୀତ ଗାଇବେ, ତାହା ସେମାନଙ୍କୁ ନିଦ ଆସିବାରେ ସହାୟତା କରିବ ।

**ସମୟ ସ୍ଥିର କରନ୍ତୁ:-** ପିଲାଙ୍କ ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ । ଏହି କାମ ଦିନକରେ ହେବ ନାହିଁ । ମାତ୍ର ଆପଣ ଧୀରେଧୀରେ ଏହାକୁ ଅଭ୍ୟାସରେ ପକାଇ ପାରିବେ । ଯଦି ଆପଣ ପିଲାଙ୍କ ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରିବେ, ତା' ହେଲେ ସେହି ସମୟରେ ଶୋଇବା ସେମାନଙ୍କର ଅଭ୍ୟାସରେ ପଡ଼ିଯିବ। କିଛି ଦିନ ପରେ ସେ ସେହି ସମୟରେ ଖୁବ ସହଜରେ ଶୋଇ ପଡୁଥିବା ଆପଣ ଲକ୍ଷ୍ୟ କରିବେ । ଏହି ସବୁ ଉପାୟ ଆପଣାଇ ଆପଣ ପିଲାଙ୍କୁ ସହଜରେ ଶୁଆଇପାରିବେ ଓ ସେମାନଙ୍କର ଉଭୟ ମାନସିକ ଓ ଶାରୀରିକ ବିକାଶ କରାଇପାରିବେ।

**ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତ:-** ଅନେକ ସମୟରେ ପିଲାଟିର ଦେହ ଖରାପ ହୋଇଯାଏ। ଯେହେତୁ ସେ କହିପାରେ ନାହିଁ, ତେଣୁ ତାର କଣ ଅସୁବିଧା ହେଉଛି ସେ ବାବଦରେ ଆପଣ ମଧ ଜାଣିପାରନ୍ତି ନାହିଁ । ଅନେକଥର ପିଲାଙ୍କ ପେଟରେ ଏସିଡିଟି ହୋଇଯାଏ । ପିଲାଟି ଶୋଇନପାରି କାନ୍ଦେ। ଏହି କାରଣରୁ ପିଲାଟିକୁ କ୍ଷୀର ପିଆଇସାରିବା ପରେ ତାକୁ କିଛି ସମୟ ପାଇଁ କାନ୍ଧରେ ଶୁଆଇ ପିଠି ଥାପୁଡ଼ାନ୍ତୁ । ଏମିତି କରିବା ଫଳରେ ତାର ହାକୁଟି ଆସିଯିବ । ଓ ଶୋଇବାବେଳେ ଏସିଡିଟି ଭଳି ସମସ୍ୟା ରହିବ ନାହିଁ ।

## ମହିଳାଙ୍କୁ ଅଧିକ ବିଶ୍ରାମର ଆବଶ୍ୟକତା



ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନ କଲେ ମଧ ଏହା ନିରାଟ ସତ । ଏକବିଂଶ ଶତାବ୍ଦୀର ମହିଳାମାନେ କର୍ମଚଞ୍ଚଳ ହେବା ସହ ଅଧିକ ଦାୟିତ୍ୱବାନ୍ ଓ ସଚେତନ ହୋଇପଡ଼ିଛନ୍ତି । ଇଂଲଣ୍ଡରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ । ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୩୭% ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ । ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି । ଅତିକମ୍‌ରେ ଗୋଟିଏ ଦିନ ଭିତରେ ୭-୮ଘଣ୍ଟା ସେମାନେ ଶୋଇବା ଆବଶ୍ୟକ । ନଚେତ ଏହାର ପ୍ରଭାବରେ ମହିଳାମାନେ ଅବସାଦ ରୋଗର ଶିକାର ହେବାର ସମ୍ଭାବନା ସର୍ବାଧିକ । ଗର୍ଭାବସ୍ଥା ସମୟରେ ସେମାନେ ନିଜ ସ୍ୱାସ୍ଥ୍ୟ ବାବଦରେ ସବୁଠୁ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞଙ୍କ ମତ । ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିରେ ପରିବାର ପୁରୁଷମାନେ ନିଜ ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିନ୍ତୁ ବିଶ୍ରାମ ପାଆନ୍ତି ନାହିଁ । ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ ।

## ଭିଟାମିନ - ଡି ସତର୍କତା

ନେଦରଲ୍ୟାଣ୍ଡର ଏକ ନାମକରା କମ୍ପାନୀରେ ଗତ ଅଢ଼େଇବର୍ଷ ମଧ୍ୟରେ ୯୭ଜଣ କର୍ମଚାରୀ ହୃଦଘାତର ଶିକାର ହୋଇଥିଲେ । କମ୍ପାନୀ ମୁଖ୍ୟ ଏହାକୁ ସହଜରେ ଗ୍ରହଣ କ ନକରି ତୁରନ୍ତ ବିଶେଷଜ୍ଞଙ୍କୁ ଡକାଇ ଗବେଷଣା କରିଥିଲେ । ବିଶେଷଜ୍ଞମାନେ ୧୧ମାସ ଭଲଭାବରେ ପରୀକ୍ଷା କରିବା ପରେ ତଥ୍ୟ ପ୍ରକାଶ କରିଥିଲେ ଯେ ଏହି କମ୍ପାନୀର ଅଧିକାଂଶ କମଚାରୀ ଭିଟାମିନ -ଡି ଅଭାବଜନିତ ରୋଗରେ ଆକ୍ରାନ୍ତ । ସେଥିପାଇଁ ସେମାନେ ହୃଦଘାତର ଶିକାର ହେଉଛନ୍ତି । କମ୍ପାନୀର କକ୍ଷଗୁଡ଼ିକ ଏଭଳି ଭାବେ ନିର୍ମିତ ଯେ କୌଣସି ସ୍ଥାନରେ ବିନ୍ଦୁଏ ମଧ ସୂର୍ଯ୍ୟକିରଣ ପ୍ରବେଶ କରିନଥାଏ । କର୍ମଚାରୀମାନେ ଶିତ ତାପନିୟନ୍ତ୍ରିତ କାରରେ ଆସିବା ସହ ଏହି କକ୍ଷରେ କାମ କରି ଘରକୁ ଫେରିଥାନ୍ତି । ଅଧିକ ପରିମାଣରେ ଭିଟାମିନ -ଡିର ଅଭାବ କାରଣରୁ କର୍ମଚାରୀମାନେ ହୃଦଘାତର ଶିକାର ହୋଇଥିବାର ବିଶେଷଜ୍ଞ ପ୍ରକାଶ କରିଥିଲେ । ଏହି ନାମକରା କମ୍ପାନୀ ଏବେ ନିଜ ନୂତନ କାର୍ଯ୍ୟାଳୟକୁ ଏଭଳି ଭାବେ ନିର୍ମାଣ କରିଛି ଯେ ଦିନମାନ ଏଠାରେ ସୂର୍ଯ୍ୟରଶ୍ମି ପଡ଼ିଥାଏ । ଏହା ସହ ପ୍ରତ୍ୟେକ କକ୍ଷକୁ ନିବୁଜ ନ କରି ସୂର୍ଯ୍ୟକିରଣ ପ୍ରବେଶ କଲାଭଳି ଆକାରରେ ନିର୍ମାଣ କରାଯାଇଛି ।

### ବିଶେଷଜ୍ଞଙ୍କ ମତରେ...

ଦୈନିକ ସକାଳ ୭ଟାରୁ୮ଟା ସମୟ ମଧ୍ୟରେ ସୂର୍ଯ୍ୟକିରଣ ସମ୍ମୁଖରେ ଯେ କୌଣସି କାର୍ଯ୍ୟକରିବା ଶରୀର ପାଇଁ ହିତକାରୀ । କିଛି ବର୍ଷ ପୂର୍ବେ ଭାରତରେ ହୃଦଘାତର ଶିକାର କେବଳ ଧନୀ ବର୍ଗର ଲୋକେ ହେଉଥିଲେ । କାରଣ ସେମାନଙ୍କ ବିଳାସମୟ ଜୀବନଯାପନ ସହ ଦିନ ରାତି ଶୀତତାପ ନିୟନ୍ତ୍ରିତ କକ୍ଷରେ ରହିବା ଓ ଖରାରେ ବାହାରକୁ ନ ଆସିବା ଅନ୍ୟତମ ମୁଖ୍ୟ କାରଣ ଥିଲା । ଆଜିକାଲି ଭାରତରେ ଜୀବନଶୈଳୀ ବଦଳୁଥିବାରୁ ସାଧାରଣ ବର୍ଗର ଲୋକେ ମଧ ଭିଟାମିନ -ଡି ଅଭାବଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗରେ ଆକ୍ରାନ୍ତ ହେଲେ ହୃଦଘାତ ହେବାର ଆଶଙ୍କା ସର୍ବାଧିକ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସତ କେବେ ଲୁଚି ରହେନା...

ଇମ୍ରାନ ଖାଁ ସରକାରଙ୍କୁ ତାଙ୍କର ଅପାରଗତା ପାଇଁ ଘେରିଥିବା ବିରୋଧୀ ଦଳଙ୍କୁ ମୁକାବିଲା କରିବା ଏବେ ସେ ଦେଶ ପ୍ରଧାନମନ୍ତ୍ରୀଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇପଡ଼ିଛି । ବିରୋଧୀଙ୍କ ପ୍ରତିବାଦ ରାଜରାସ୍ତାରୁ ଯାଇ ଜାତୀୟ ସଂସଦରେ ପହଞ୍ଚିସାରିଛି । ଏହି ପ୍ରସଙ୍ଗ ଉପରେ ବିରୋଧୀ ଓ ସରକରଙ୍କ ମଧ୍ୟରେ ଚାଲିଥିବା ବାଦାନୁବାଦ ବେଳେ ଏକ ଚରମ ସତ୍ୟ ପଦାକୁ ଆସିଛି, ଯାହା କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ବିସ୍ମୟକର । ତାହା ହେଲା ଭାରତର ପୁଲଓ୍ୱାମା ଆକ୍ରମଣ ପଛରେ ପାକିସ୍ତାନର ପ୍ରତ୍ୟକ୍ଷ ହାତ ଥିଲା । ପାକିସ୍ତାନ ମୁସଲିମ ଲିଗ୍ (ନଓ୍ୱାଜ) ନେତା ଆୟାଜ୍ ସାଦିକ୍ ଏହି ଘଟଣାର ସୂଚନା ଦେଇଥିବାବେଳେ ଇମ୍ରାନ୍ ସରକାରଙ୍କ ମନ୍ତ୍ରୀ ଫଓ୍ୱାଦ୍ ଚୌଧୁରୀ ଏହାକୁ ଗୋଟାପଣେ ସ୍ୱୀକାର କରିଛନ୍ତି । କେବଳ ସେତିକି ନୁହେଁ, ଜନାବ ଚୌଧୁରୀ ଦାବି କରିଛନ୍ତି ଯେ, ପୁଲଓ୍ୱାମା ଆକ୍ରମଣ ଇମ୍ରାନ ଖାଁ ସରକାରଙ୍କର ସବୁଠାରୁ ବଡ଼ ସଫଳତା ଓ ପାକିସ୍ତାନ ଭାରତରେ ପଶି ଏଭଳି ଆକ୍ରମଣ ଘଟାଇ ପାରିଛି । ସେଥିପାଇଁ ପାକିସ୍ତାନବାସୀ ଗର୍ବ ଓ ଗୌରବ ଅନୁଭବ କରନ୍ତି । ସେ ଦେଶର ବିରୋଧୀ ଓ ସରକାରୀ ଦଳଙ୍କ ମଧ୍ୟରେ ଲାଗିଥିବା ବିବାଦ ଭିନ୍ନ ପ୍ରସଙ୍ଗ । କିନ୍ତୁ ଏଭଳି ସ୍ୱୀକାରୋକ୍ତି ଯେ ପାକିସ୍ତାନର ମୁଖାକୁ ସମଗ୍ର ବିଶ୍ୱ ସମ୍ମୁଖରେ ଖୋଲିଦେଇଛି ସେଥିରେ ଦ୍ୱିମତ ନାହିଁ । ପାକିସ୍ତାନ ପଠାଇଥିବା ଆତଙ୍କବାଦୀମାନେ ହିଁ ପୁଲଓ୍ୱାମାଠାରେ ସେନା ଯବାନଙ୍କଯବାନଯବାନଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିଲେ ଓ ସେଥିରେ ୪୦ ଜଣ ସିଆରପିଏଫ ଯବାନ ନିହତ ହୋଇଥିଲେ । ଏଥିପାଇଁ ଭାରତ ବାରମ୍ବାର ପାକିସ୍ତାନକୁ ଦାୟୀ କରିଆସିଛି । କିନ୍ତୁ ପାକିସ୍ତାନ ନା ଏହାକୁ ସ୍ୱୀକାର କରିଛି, ନା ଏହି ଆକ୍ରମଣ ପଛରେ ହାତ ଥିବା ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଶେଷରେ ଏହାକୁ ପାକିସ୍ତାନ ଏକ ଗୌରବର ଘଟଣା ବୋଲି ଦାବି କରିଛି । ତେବେ ପୁଲଓ୍ୱାମା ଘଟଣାର ଜବାବରେ ଭାରତର ବାଲାକୋଟ ଆତଙ୍କବାଦୀ ଶିବିର ଆକ୍ରମଣ ଓ ତା' ପରବର୍ତ୍ତୀ ଘଟଣାରେ ଭାରତର ବାୟୁସେନା ପାଇଲଟ ଅଭିନନ୍ଦନ ଭର୍ତ୍ତମାନ ପାକ୍ ସେନା ହାତରେ ଧରାପଡ଼ିବା ଓ ତାଙ୍କୁ ଯଥାଶୀଘ୍ର ବିନା ସର୍ତ୍ତରେ ମୁକ୍ତ କରାଯିବା ପାକିସ୍ତାନ ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇ ଦେଇଛି । ଅଭିନନ୍ଦନଙ୍କୁ ଯଥାଶୀଘ୍ର ମୁକ୍ତ କରାନଗଲେ, ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବ ବୋଲି ସେ ଦେଶର ବୈଦେଶିକ ମନ୍ତ୍ର ଶାହା ମେହମୁଦ କ୍ୟୁରେସୀଙ୍କ ସତର୍କବାଣୀ ଓ ସେନାଧ୍ୟକ୍ଷ ଜେନେରାଲ କମର ଜାଭେଦ ବାଜଓ୍ୱାଙ୍କ ହାତଗୋଡ଼ ଥରା ଓ ଭୟରେ ସେ ଗାଧୋଇ ପଡ଼ିବା ଘଟଣାକୁ ପିଏମଏଲ(ଏନ) ନେତା ଆୟାଜ ସାଦିକ ଯେଉଁଭଳି ନାଟକୀୟ ଢଙ୍ଗରେ ବଖାଣିଛନ୍ତି, ତାକୁ ଇମ୍ରାନ ସରକାର ଖଣ୍ଡନ ସୁଦ୍ଧା କରିନାହାଁନ୍ତି । ତେଣୁ ଏହା ଘଟଣାର ସତ୍ୟତାକୁ ପ୍ରମାଣିତ କରୁଛି । ପାକିସ୍ତାନର ଭାରତବିରୋଧୀ ମନୋଭାବ ସର୍ବଜନବିଦିତ । ସେ ଦେଶର ଆତଙ୍କବାଦ ପ୍ରୀତିରେ ସାରା ବିଶ୍ୱ ଅତିଷ୍ଠ । ସେହି ଆତଙ୍କବାଦୀଙ୍କୁ ଭାରତ ପଠାଇ ବିଭିନ୍ନ ପ୍ରକାର ନାରକୀୟ କାଣ୍ଡ ଘଟାଇବାରେ ସେ ଦେଶ ସରକାର, ସେନା ସିଦ୍ଧହସ୍ତ । ତେଣୁ ଭାରତ ଦୁଇ ଦୁଇ ଥର ଏହା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛି । ସର୍ଜିକାଲ ଷ୍ଟ୍ରାଇକ ଓ ବାଲାକୋଟ ବାୟୁସେନା ଷ୍ଟ୍ରାଇକ ପାକିସ୍ତାନ ମନରେ ଆତଙ୍କ ଖେଳାଇ ଦେଇଛି । ଭାରତ ଏକଥା ମଧ୍ୟ ସ୍ପଷ୍ଟ କରିଛି ଯେ, ନିଜର ସୁରକ୍ଷା ଓ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଆବଶ୍ୟକ ପଡ଼ିଲେ ଭାରତ ଭବିଷ୍ୟତରେ ମଧ୍ୟ ଅନୁରୂପ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଶ୍ଚାତ୍‌ପଦ ହେବନାହିଁ । ଏଭଳି କାର୍ଯ୍ୟାନୁଷ୍ଠାନ ନୂଆ ଥିଲେ ସୁଦ୍ଧା, ଭାରତ ଯେ ତାରର ଆଭିମୁଖ୍ୟ ବଦଳାଇ ସାରିଛି, ସେ ବାର୍ତ୍ତା ଇସଲାମାବାଦରେ ଉଚିତ ଭାବେ ପହଞ୍ଚି ପାରିଛି । ସର୍ଜିକାଲ ଷ୍ଟ୍ରାଇକ ହେଉ ଅବା ବାଲାକୋଟ ବିମାନ ଆକ୍ରମଣ, ଏହା ଏକ ଇସ୍ରାଏଲୀ ରଣନୀତି । ଘରେ ପଶି ଶତ୍ରୁସଂହାର କର । ଶତ୍ରୁକୁ ଭାବିବାକୁ ସମୟ ଦିଅନାହିଁ । କିନ୍ତୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଆଉ ସହ୍ୟ କରିବୁନି କହି ଭାରତ ଏପର୍ଯ୍ୟନ୍ତ ଏଭଳି ଆଭିମୁଖ୍ୟ ଗ୍ରହଣ କରିନଥିଲା । ପୁଣି ୨୦୧୯ର ଏଭଳି କାର୍ଯ୍ୟାନୁଷ୍ଠାନ ବେଳକୁ ଭାରତ ବିଶ୍ୱ ଜନମତକୁ ନିଜ ସପକ୍ଷରେ କରି ସାରିଥିଲା । ଯେଉଁ ଆତଙ୍କବାଦ ପ୍ରସଙ୍ଗରେ ପାଶ୍ଚାତ୍ୟ ରାଷ୍ଟ୍ର ନିରବ ରହୁଥିଲେ, ଏବେ ସେମାନେ ଭାରତକୁ ଖୋଲାଖୋଲି ସମର୍ଥନ ଜଣାଇଛନ୍ତି । ତେଣୁ ପାକିସ୍ତାନ ଯେତେ ଯାହା ଦାବି କଲେ ସୁଦ୍ଧା, ଭାରତର ସର୍ଜିକାଲ ଷ୍ଟ୍ରାଇକ ଓ ବାଲାକୋଟ ଆକ୍ରମଣ ଏବଂ ଦକ୍ଷ କୂଟନୀତି ସେ ଦେଶର ମନୋବଳକୁ ଧୂଳିସାତ୍ କରିଦେଇଛି । ସଫଳତା ଓ ବିଫଳତାକୁ ନେଇ ସବୁ ଦେଶରେ ସରକାର ଓ ବିରୋଧୀ ଦଳଙ୍କ ମଧ୍ୟରେ ବାଦ ବିବାଦର ରାଜନୀତି ଚାଲେ । ଏପରି ବିବାଦ ଭାରତରେ ବି ମୁଣ୍ଡ ଟେକିଥିଲା । କିନ୍ତୁ ପାକିସ୍ତାନରେ ମୁଣ୍ଡ ଟେକିଥିବା ବିବାଦ ସେ ଦେଶର ମୁଖାକୁ ସଂପୂର୍ଣ୍ଣ ଖୋଲିଦେଇଛି । ଏବେ ଇମ୍ରାନ ସରକାରଙ୍କ ସ୍ୱରୂପ ସମସ୍ତଙ୍କ ଆଗରେ ଜଳଜଳ ଦିଶୁଛି ।

# ମାସ୍କକୁ ନେଇ କିଛି କଥା

**ସୁବାସ ଷଡଙ୍ଗୀ**

ମାସ୍କ ଏବେ ସମସ୍ତେ ପିନ୍ଧିବାକୁ ବାଧ୍ୟ। ନହେଲେ ଜରିମାନା ଦେବାକୁ ପଡିବ। ଏହା ହେଉଛି ସରକାରି ଆଇନ। ସେଥିପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଜାଗାରେ ତନଖି କରାଯାଉଛି।ଏକ ମୋଟା ପରିମାଣର ଜରିମାନା ମଧ୍ୟ ଇତି ମଧ୍ୟରେ ପୋଲିସବାବୁମାନେ ଆଦାୟ କରିସାରିଲେଣି। ଏବେ କିନ୍ତୁ ସାଧାରଣ ଲୋକ ଆଉ ଜରିମାନା ଦେବାକୁ ରାଜି ନୁହଁନ୍ତି। ସେଥିପାଇଁ ଅନେକ ଜାଗାରେ ପୋଲିସ ସହିତ ଲୋକମାନଙ୍କର ଗଣ୍ଡଗୋଳ ହେଉଚି।

ମାସ୍କ ପିନ୍ଧିବା ନେଇ ଏକ ବିତର୍କ ଦେଖା ଦେଇଛି। ଲୋକଙ୍କ ମନରେ ଅସନ୍ତୋଷ। ଅଥଚ ସରକାର ନିୟମ କରିଛନ୍ତି ବାହାରକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବା ନିହାତି ଦରକାର। ନଚେତ ଜରିମାନା ଦେବାକୁ ହେବ। ସାଧାରଣ ଲୋକ ଓ ପୋଲିସ ଅନେକ ଜାଗାରେ ମୁହାଁମୁହିଁ ହେବାର ଖବର ମିଳିଲାଣି। ଲୋକମାନଙ୍କା ଦାବି କରୋନା ନାମରେ ଆମକୁ ଆଉ ଘରେ ବନ୍ଦ କରି ରଖିପାରିବ ନାହିଁ। ସ୍ୱାଭାବିକ ଜୀବନଯାତ୍ରା ଜାରି ରଖବବାକୁ ହେବ। ଦଶହରା ଆସିଲାଣି। ଘରେ ସବୁବର୍ଗର ଲୋକେ ରହି ରହି ବୋର ହୋଇଗଲେଣି।

ଏହା କେବଳ ଆମ ଦେଶରେ ନୁହେଁ, ଇଂଲଣ୍ଡରେ ମଧ୍ୟ ଲୋକେ ଆନ୍ଦୋଳନ କଲେଣି। ସରକାର ଆମକୁ ମାସ୍କ ପିନ୍ଧିବାକୁ ବାଧ୍ୟ କରିପାରିବେ ନାହିଁ। ସୋନଙ୍କର ଯୁକ୍ତି ହେଉଛି ମାସ୍କ ହେଉଛି ନିୟନ୍ତ୍ରଣର ପ୍ରତୀକ। ଏଣୁ ଲୋକମାନେ କରୋନା ନାମରେ ନିୟନ୍ତ୍ରଣରେ ରହିବାକୁ ଚାହାନ୍ତି ନାହିଁ। ସେମାନଙ୍କର ସ୍ୱାଧୀନତା ଦରକାର।

ମାସ୍କ ପିନ୍ଧିବାକୁ ନେଇ ଆମ ଦେଶରେ ଦୁଇପ୍ରକାରର ଯୁକ୍ତି ଦେଖାଦେଇଛି। ପ୍ରଥମଟି ହେଲା, ଲୋକମାନେ ମାସ୍କ ପିନ୍ଧିବା ଦ୍ୱାରା ଠିକଭାବେ କାମ କରିପାରୁ ନାହାନ୍ତି। ଯିବାଆସିବା କରିବାରେ ଅସୁବିଧା ହେଉଛି। ପ୍ରସଙ୍ଗଟି ଅର୍ଥନୀତି ସହିତ ଜଡିତ। କେତେଦିନ ଲୋକମାନେ ଏମିତି ପାଟି ବନ୍ଦ କରି ରହିବେ? ସେମାନଙ୍କୁ ବାହାରିବାକୁ ପଡିବ। ପାର୍ବଣ ସମୟରେ ମାସ୍କ ବା ସାମାଜିକ ଦୂରତ୍ୱ କଥା ସେମାନେ ଗ୍ରହଣ କରିବାକୁ ରାଜି ନୁହଁନ୍ତି।

ଆଉ ଗୋଟାଏ କଥା ହେଲା, ମାସ୍କ ପିନ୍ଧିଲେ କୁଆଡେ କାର୍ବନ ଡାଇଅକସାଇଡ ପାଟି ଭିତରକୁ ଚାଲିଯାଉଛି। ଯାହାଫଳରେ ଦେହରେ ଅମ୍ଳଜାନର ଅଭାବ ଦେଖାଦେଉଛି। କଥାଟି ସୋସିଆଲ ମିଡିଆରେ ଘୁରିବୁଲୁଛି। କିନ୍ତୁ ଇତିମଧ୍ୟରେ ଡାକ୍ତରମାନେ କହିଲେଣି ଏହି କଥା ଭୁଲ। ବରଂ ମାସ୍କ ପିନ୍ଧିଲେ ଅନେକ ପ୍ରକାରର ଜୀବାଣୁ ଓ ଭୁତାଣୁ ଆମଦେହକୁ ପ୍ରବେଶ କରିପାରେ ନାହିଁ।

କରୋନା ବଢୁଚି କି କମୁଛି ଆମେ ତା ଭିତରକୁ ଯିବାକୁ ଚାହୁଁନା। ସେ ବିଷୟରେ ବିଶେଷଜ୍ଞମାନେ ସେମାନଙ୍କର ଯୁକ୍ତି ଉପସ୍ଥାପିତ କରିବେ। କିନ୍ତୁ ମାସ୍କ ପିନ୍ଧିବା ନିହାତି ଦରକାର। ଏଇ ସରଳ ସତ୍ୟଟିକୁ ସଭିଏଁ ବୁଝିବା ଦରକାର। ମାସ୍କ ପିନ୍ଧି, ସାମାଜିକ ଦୂରତ୍ୱ ରକ୍ଷା କରି ଆମେ ଅଫିସ କରିପାରିବା ବଜାରଘାଟରୁ ଜିନିଷ କିଣାକିଣି କରି ପାରିବା। ଆଜିକାଲି ମାଛ ମାର୍କେଟକୁ ଗଲେ କିପରି ଲୋକମାନେ ମାସ୍କ ନ ପିନ୍ଧି ବଜାରକୁ ଆସୁଛନ୍ତି, ତାର ଦୃଶ୍ୟ ଦେଖିବାକୁ ମିଳୁଛି।

ଏହାପୂର୍ବରୁ ହେଲମେଟ ନପିନ୍ଧିବାର ପ୍ରବଣତା କିପରି ଆମ ଜୀବନକୁ ନଷ୍ଟ କରିଦେଉଛି, ତାର ପରିଣାମ ଦେଖିଛେ। ପ୍ରତିଦିନ ହଜାର ହଜାର ସଂଖ୍ୟାର ଲୋକ କିଭଳି ହେଲମେଟ ନ ପିନ୍ଧିବା ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି, ତାହାର ପରିସଂଖ୍ୟାନ ଖବରକାଗଜରୁ ପଢିବାକୁ ମିଳୁଛି। ପୋଲିସ ହେଲମେଟ ପିନ୍ଧୁନଥବା ଲୋକମାନଙ୍କଠାରୁ ଜରିମାନା ଆଦାୟ କଲାବେଳେ ଲୋକମାନେ ବିରୋଧ କରୁଥିଲେ। କିଛିଦିନ ତଳେ ଏହାର ତାଜାଚିତ୍ର ଆମ କମିଶନରେଟ ପୋଲିସ ଅଂଚଳରେ ଦେଖିବାକୁ ମିଳିଛି।

ଲୋକମାନଙ୍କର ଆଇନ ଭାଙ୍ଗିବା ଏକ ଚିରାଚରିତ ଅଭ୍ୟାସ। ଏଭଳି ପ୍ରବଣତା ସେମାନଙ୍କ ଅସ୍ଥିମଜାଗତ। ଯେତେ କହିଲେ ଭାଗବତ, ତୋଷ ନୋହିଲା ମୋର ଚିତ' ଭଳି କଥା। ହେଲମେଟ ନ ପିନ୍ଧି ଗାଡି ଚଲେଇବା ହେଉ ବା ମାସ୍କ ନ ପିନ୍ଧି ଘରୁ ବାହାରିବା, ସବୁଥରେ ଆଇନକୁ ଭାଙ୍ଗିବା ହେଉଛି ଆମର ଅଧିକାର। ଆଉ ତାରି ପାଇଁ ତିଆରି ହୋଇଯାଉଛି ଅନେକ ଯୁକ୍ତି। କିଏ କହୁଛି, ରୋଜଗାର ପାଇଁ ମାସ୍କ ପିନ୍ଧିବା ଅସମ୍ଭବ। ବହୁତ ବସିଲୁଣି, ଆଉ ହେବ ନାହିଁ। ଆମକୁ ନିୟନ୍ତ୍ରଣ କରି ରଖିଲେ ଚଳିବ ନାହିଁ। ଆଉ କିଏ କହୁଛି ମୋର ଦେହ ଖରାପ, ତାଜା ହାଓ୍ୱା ପାଇବାକୁ ହେଲେ ମାସ୍କ ତାର ପ୍ରତିବନ୍ଧକ ସାଜୁଛି। ଏଣୁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାନଯାଉ।

ସାଧାରଣ ଲୋକମାନଙ୍କର ଏପରି ଆଇନ ଭାଙ୍ଗିବାର ପ୍ରବଣତା ଅଧିକ କାହିଁକି?

କଥା ହେଉଛି ସାଧାରଣଲୋକମାନଙ୍କୁ ସତର୍କ ଓ ସଚେତନ କରିବାର ଦାଇତ୍ୱ ଯେଉଁମାନଙ୍କର, ସେଇ ରାଷ୍ଟ୍ର ତଥା ରାଜନୀତିର ନେତାମାନେ ଏବେ ମାସ୍କ ପିନ୍ଧିବାକୁ ରାଜିନୁହଁନ୍ତି। ଖୋଦ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯଦି ମାସ୍କ ନ ପିନ୍ଧି ରାସ୍ତାରେ ବୁଲିବେ ସଭାସମିତି କରିବେ, ଶବଦାହ, ଜନ୍ମଦିନ ପାଳନ କରିବେ, ତେବେ ସାଧାରଣ ଲୋକମାନେ ଏ ନିୟମକୁ କଣ ପାଇଁ ମାନିବେ? ବିଭିନ୍ନ ଆଳ ଦେଖାଇ ପ୍ରସଙ୍ଗଟିକୁ ଏଡାଇ ଗଲେ ଚଳିବ ନାହିଁ।

ଜରେ ଲୋକପ୍ରତିନିଧି ଯିଏ କି ପ୍ରଥମେ ମାସ୍କ ନ ପିନ୍ଧି ଆପଣାଛାଏଁ ଜରିମାନ ଦେଇଥିଲେ, ସେ ଏବେ ବିଭିନ୍ନ ଯୁକ୍ତି ବାଢୁଛନ୍ତି। ଜଣେ ବିଧାୟକ କ୍ଷମା ମାଗିଲେଣି।

ନେତାମାନଙ୍କର ଏପରି ବେପରୁଆ ଆଚରଣ ସାଧାରଣ ଲୋକଙ୍କୁ ଆଇନ ଭାଙ୍ଗିବାକୁ ପ୍ରରୋଚିତ କରୁ ନାହିଁ ତ?

କିଛିଦିନ ତଳେ ଗୋଟିଏ ରାଜନୈତିକ ଦଳ ପକ୍ଷରୁ ଏକ ମୋଟର ସାଇକେଲ ରାଲି ହୋଇଥିଲା। ଏଇ ରାଲିରେ କିଛି ମୋଟର ସାଇକେଲ ଚାଳକ ହେଲମେଟ ପିନ୍ଧି ନଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଠିକ ସେମିତି ନେତାମାନେ ଯେଉଁମାନେ ମାସ୍କ ପିନ୍ଧୁ ନାହାନ୍ତି, ରାଜନୈତିକ ସଭା ସମିତିରେ ସାମାଜିକ ଦୂରତ୍ୱ ରଖୁ ନାହାନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ନିହାତି ଦରକାର।

ନେତା ହୁଅନ୍ତୁ ବା ସାଧାରଣଲୋକେ ହୁଅନ୍ତୁ, ଆଇନ ଆଗରେ ସଭିଏଁ ସମାନ। ଯଦି ଜଣେ ମହିଳାଙ୍କୁ ମାସ୍କ ନପିନ୍ଧିଥିବା ଅଭିଯୋଗରେ ଜରିମାନା ଦେବାକୁ ବାଧ୍ୟ କରାଯାଉଛି, ତେବେ ନେତାଙ୍କଠାରୁ କାହିଁକି ନୁହେଁ?

ତେବେ କରୋନା ଯେପରି ଆମକୁ ଗ୍ରାସ କରିଛି, ସେଥିରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଲା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖି ଘରୁ ବାହରିବା। ତତଭିନ୍ନ ଅନ୍ୟ ଉପାୟ ନାହିଁ।ଅନ୍ୟ କୌଣସି ଯୁକ୍ତି ମଧ୍ୟ ନାହିଁ। ଜୀବନ ଆଗ, ତା ପରେ ଅନ୍ୟ କିଛି।

+ ଭୁବନେଶ୍ୱର,
ମୋ-୯୪୩୯୬୫୨୩୨୨

# ଚମକ ହରାଇଛି ସୂଚନା ଅଧିକାର ଆଇନ

**ଗୋପାଳ ମହାପାତ୍ର**



ଠିକ୍ ୧୫ବର୍ଷ ପୂର୍ବେ ଭାରତୀୟ ନାଗରିକମାନଙ୍କୁ ଉପହାର ସ୍ୱରୂପ ମିଳିଥିଲା ଏକ ଆଇନ, ଯାହାଦ୍ୱାରା ସରକାରଙ୍କ ଠାରୁ ସୂଚନା ପାଇବା ପାଇଁ ବାଟ ପ୍ରଶସ୍ତ କରିଦେଇଥିଲା । ଏହିସୂଚନା ଅଧିକାର ଆଇନକୁ କେନ୍ଦ୍ର ଓ ରାଜ୍ୟ ସରକାର ମାନେ କାର୍ଯ୍ୟକାରୀ କରିଥିଲେ । କେନ୍ଦ୍ର ସ୍ତରରେ ମୁଖ୍ୟ ସୂଚନା କମିଶନ ଓ ରାଜ୍ୟ ସ୍ତରରେ ସୂଚନା କମିଶନର ପଦବୀରେ ନିଯୁକ୍ତି ମଧ୍ୟ ଦିଆଯାଇଥିଲା । ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଏମାନଙ୍କ ସୁରକ୍ଷିତ ସେବାର ପ୍ରାବଧାନ ମଧ୍ୟ ଥିଲା । ଯେଉଁ ସରକାରୀ ଅଧିକାରୀମାନେ ସୂଚନା ଅଧିକାର ଆଇନ ଅନୁସାରେ ସୂଚନା ପ୍ରଦାନ ନକରିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଅଧିକାର ସୂଚନା କମିଶନର ମାନଙ୍କୁ ଦିଆଯାଇଥିଲା । ଏକ ଦଶନ୍ଧି ପର୍ଯ୍ୟନ୍ତ ଏହି ଆଇନ ଠିକ୍ ଭାବରେ କାର୍ଯ୍ୟ କରିଥିଲା । କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରଠାରୁ ଏହି ଆଇନ ତାର ଚମକ ହଜାଇ ଦେଇଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ଆଇନ ଏବେ ଦ'ହୀନ ହୋଇପଡିଛି । ଗତବର୍ଷ ଜୁଲାଇ ମାସରେ ସୂଚନା ଅଧିକାର ଆଇନରେ କେତେକ ସଂଶୋଧନ କରାଯାଇଥିଲା । ସରକାର ସୂଚନା ପ୍ରଦାନ କରିବା ଅଥବା ପ୍ରଶ୍ନର ଉତ୍ତର ଦେବା କଥାକୁ ଯେ ନାପସନ୍ଦ କରୁଛନ୍ତି ଏକଥା ସଂଶୋଧନରୁ ସ୍ପଷ୍ଟ । ଏହି ଆଇନରେ ସରକାର ଏମିତି ସବୁ ସଂଶୋଧନ କଲେ ଯେ ଆଇନ ଦେଖିବାକୁ ବାଘ ହେଲେ ମଧ୍ୟ ତାର ଦାନ୍ତ ନାହିଁ ।

ଦେଶରେ କାର୍ଯ୍ୟ କରୁଥିବା କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ସୂଚନା ଅଧିକାର କର୍ମକର୍ତ୍ତାମାନଙ୍କ ତରଫରୁ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଏକ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟରେ ଥିବା ସୂଚନା କମିଶନଙ୍କ ମଧ୍ୟରୁ ତୃତୀୟାଂଶ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ କେଉଁଠି ସୂଚନା କମିଶନର ନାହାଁନ୍ତି ଓ କେଉଁଠି କାର୍ଯ୍ୟାଳୟରେ କର୍ମଚାରୀ ନାହାଁନ୍ତ । ଅନ୍ୟପକ୍ଷରେ ଯେତିକି ସୂଚନା କମିଶନର ରହିବା କଥା ସେଥିମଧ୍ୟରୁ ଏକ ଚତୁର୍ଥାଂଶ ପଦବୀ ଦେଶରେ ଖାଲି ପଡିଛି । ଝାରଖଣ୍ଡ ଏବଂ ତ୍ରିପୁରାର ସୂଚନା କମିଶନଙ୍କ କାର୍ଯ୍ୟାଳୟ ଏକ ପ୍ରକାର ନିର୍ଜିବ ହୋଇପଡିଛି । କାରଣ ଏଠାରେ ସୂଚନା କମିଶନର ଭାବେ କାହାରିକୁ ନିଯୁକ୍ତୀ ଦିଆଯାଇନାହିଁ । ୯ଟି ରାଜ୍ୟରେ ସୂଚନା କମିଶନର ପଦବୀ ଖାଲିପଡିଥିବା ବେଳେ କେନ୍ଦ୍ରରେ ମୁଖ୍ୟ ସୂଚନା କମିଶନର ଭାବେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ । ଏସବୁ କାରଣରୁ ସୂଚନା କମିଶନଙ୍କ କାର୍ଯ୍ୟ ଧିମେଇ ଯିବା ସ୍ୱାଭାବିକ । ସାଧାରଣ ନାଗରିକମାନେ ମଧ୍ୟ ସଠିକ ସୂଚନା ପାଇପାରୁନାହାଁନ୍ତି । ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଏହାର ପ୍ରସିଦ୍ଧି ବଢିଯାଇଥିଲା । ଏହାର ଉଦାହରଣ ହେଉଛି ଆଇନ କାର୍ଯ୍ୟକାରୀ ହେବାର ମାତ୍ର କିଛି ମାସ ମଧ୍ୟରେ ବିଭିନ୍ନ ରାଜ୍ୟର ସୂଚନା କମିଶନ ଓ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ୩୩ନିୟୁତ ଆବେଦନ ପିକୃତ ହୋଇଥିଲା । ଏଥିମଧ୍ୟରୁ ୯୦ପ୍ରତିଶତ ଆବେଦନ ଉପରେ ଅପିଲ ମଧ୍ୟ କରାଯାଇଥିଲା । ଏଥିରୁ ସ୍ପଷ୍ଟ ଯେ ଆବେଦନକାରୀମାନେ ସେମାନଙ୍କ ଆବେଦନ ପରେ ମିଳିଥିବା ଉତ୍ତର (ସୂଚନା) କାରଣରୁ ସ୍ଁନ୍ତୁଷ୍ଟ ଥିଲେ।

ଭାରତୀୟ ଜନତା ପାର୍ଟି ସରକାରଙ୍କ ଠାରୁ ସୂଚନା ପାଇବା ପାଇଁ ଏହି ସୂଚନା ଅଧିକାର ଆଇନର ଅଧିକ ବ୍ୟବହାର କରିଛି ତଥା ୨୦୧୪ର ଲୋକସଭା ନିର୍ବାଚନ ବେଳେ ଏହି ଆଇନ ଅନୁସାରେ ପାଇଥିବା ସୂଚନାକୁ ମଧ୍ୟ ବ୍ୟବହାର କରିଛି । କିନ୍ତୁ ବିଡ଼ମ୍ବନା ଯେ ଶାସନ ଗାଦିକୁ ଆସିବା ପରେ ସେଇ ଦଳ (ବିଜେପି) ସୂଚନା ଅଧିକାର ଆଇନକୁ ହତୋସାହିତ କରିବା ଆରମ୍ଭ କରିଦେଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଆଇନରେ ଯେଉଁ ସଂଶୋଧନ କରାଗଲା ତାହାଦ୍ୱାରା ସୂଚନା ମିଳିବାର ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି । ସରକାର ସୂଚନା ଅଧିକାର ଆଇନର ଧାରା (ଖଣ୍ଡ) ୧୩ ଓ ୧୬ରେ ସଂଶୋଧନ କଲେ । ମୂଳ ଆଇନ ଅନୁସାରେ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନରଙ୍କ କାର୍ଯ୍ୟକାଳ ୫ବର୍ଷ (୫ବର୍ଷ ଅଥବା ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ବୟସ ୬୫ବର୍ଷ ହେବା ପର୍ଯ୍ୟନ୍ତ ଯାହା ପ୍ରଥମେ ହେବ) ବୋଲି ନିର୍ଦ୍ଧାରିତ କରାଯାଇଥିଲା । କିନ୍ତୁ ସଂଶୋଧନ ପରେ ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ସଂଶୋଧନ ପୂର୍ବର ଆଇନ ଅନୁସାରେ ମୁଖ୍ୟ ସୂଚନା ଅଧିକାର କମିଶନରଙ୍କ ବେତନ, ଭତ୍ତା ଓ ଅନ୍ୟ ସବୁ ସେବାର ସର୍ତ୍ତ ମୁଖ୍ୟ ନିର୍ବାଚନ କମିଶନରଙ୍କ ଭଳି ରହିବ ଓ ସୂଚନା କମିଶନରଙ୍କ ସେବା କାଳର ସର୍ତ୍ତ ନିର୍ବାଚନ କମିଶନରଙ୍କ ଭଳି ରହିବ । କିନ୍ତୁ ସଂଶୋଧନ ପରେ ଏବେ ବେତନ, ଭତ୍ତା ଏବଂ ସେବାର ସର୍ତ୍ତ (ମୁଖ୍ୟ ସୂଚନା କମିଶନର ଓ ସୂଚନା କମିଶନରଙ୍କର) କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ । ଏଥିରୁ ସ୍ପଷ୍ଟ ଯେ, ସରକାର ମୂଳ ରପରେ କାର୍ଯ୍ୟକାଳ ଉପରେ ନିୟନ୍ତ୍ରଣ ଆଣି ସୂଚନା କମିଶନରଙ୍କ ଭୂମିକାରେ ପରିବର୍ତ୍ତନ କରିଛନ୍ତି ତଥା ବେତନ, ଭତ୍ତା ତଥା ସେବାର ଅନ୍ୟ ସର୍ତ୍ତକୁ ନିର୍ଦ୍ଧାରଣ କରିବାର କ୍ଷମତା ବା ଅଧିକାର ପାଇଛନ୍ତି ।

କେବଳ ସେତିକି ନୁହେଁ ସଂଶୋଧନ ଅନୁସାରେ ଏସବୁ ସର୍ତ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ସବୁ ରାଜ୍ୟ ପାଇଁ ସ୍ଥିର କରାଯିବ ଏପରିକି ମୁଖ୍ୟ ସୂଚନା କମିଶନରଙ୍କ ସମେତ ସୂଚନା କମିଶନରମାନଙ୍କ ନିଯୁକ୍ତି କେନ୍ଦ୍ର ସରକାର କରିବେ । ରାଜ୍ୟ ସରକାରମାନେ ରାଜ୍ୟରେ ସୂଚନା କମିଶନରଙ୍କୁ ନିଯୁକ୍ତି ଦେଉଥିଲେ ଏବେ କେନ୍ଦ୍ର ସରକାର ନିଯୁକ୍ତି ଦେବେ । ଏବେ କେନ୍ଦ୍ର ସରକାର କୃଷି କ୍ଷେତ୍ର ପ୍ରସଙ୍ଗରେ ଯେଉଁ ଆଇନ ପ୍ରଣୟନ କରିଛନ୍ତି ସେମ ଆଇନ୍ ଅନୁସାରେ ରାଜ୍ୟ ସରକାରମାନଙ୍କର କର୍ତ୍ତୃତ୍ୱ କିଛି ପରିମାଣରେ ହ୍ରାସ ପାଇଚି ଏହା ସଂଘବାଦ ସିଦ୍ଧାନ୍ତର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ କେନ୍ଦ୍ର ସରକାର ଆଇନ ପ୍ରଣୟନ କରି ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ହ୍ରାସ ପାଇଁ ଉଦ୍ୟମ ଚଳାଇଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ସରକାର ସୂଚନା ଅଧିକାର ଆଇନକୁ ଏକ ଝଟକାରେ ଚମକହୀନ, ଦ'ହୀନ କରି ଦେଇଛନ୍ତି ଯାହା ଆଦୌ ଶୁଭ ସଙ୍କେତ ନୁହେଁ ।

+ ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

## ଚିନ୍ତନ

# ପଚିଶ ଲକ୍ଷ ଲୋକଙ୍କ ପାଇଁ ଏକ ହୃଦରୋଗ ବିଶେଷଜ୍ଞ ଦରକାର, ଦେବେ କି ?

**- ସୁବ୍ରତ କର**



ପ୍ରଶ୍ନଟି ହେଉଛି ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପାଇଁ । ବହୁତ ଦିନ ପରେ ବାଲେଶ୍ୱର ବାସୀଙ୍କ କଥା ମନେ ପଡ଼ିଲା । ଆମେ ସମସ୍ତେ ଏହାକୁ ସ୍ୱାଗତ କରିବା ଦରକାର । ସରକାରୀ ମେଡିକାଲକୁ ଶୁଭଦେବା ପାଇଁ ଏବଂ ଉଦ୍‌ଘାଟନ କରିବା ପାଇଁ ଆସିଥିଲେ । ହଠାତ୍ ମନେ ପଡ଼ିଲା ଏବଂ ମନେ ପଡ଼ିଲଣ ସେ ଫକୀରମୋହନଙ୍କ ରେବତି କଥା, ମନେ ପଡ଼ିଲା କାଲାମଙ୍କ ଏବଂ ତାଙ୍କ ବାପାଙ୍କ କଥା । ଏଟା ଠିକ୍ ତାଙ୍କ ବାପାଙ୍କ ଭଳି ଓଡ଼ିଆ ପୁଅ ଆଉ ଜନ୍ମ ହେବାର ନାହିଁ । ଓଡ଼ିଶାବାସି ତାଙ୍କୁ ଝୁରୁଛନ୍ତି ଏବଂ ଭୋଟ ବାକ୍ସ ମଧ୍ୟ ତାଙ୍କରି ପାଇଁ । ଏବେ ଆସିବା ଫକିରମୋହନଙ୍କ କଥା । ବାଲେଶ୍ୱର ଆଜି ଚିହ୍ନା ପଡ଼ିଛି ଏହି ବୀରପୁରୁଷଙ୍କ ପାଇଁ କିନ୍ତୁ ମୁଖ୍ୟମନ୍ତ୍ରୀ କେବେ ଇଚ୍ଛା କରିଛନ୍ତି ତାଙ୍କର ଜନ୍ମସ୍ଥାନ ଶାନ୍ତିକାନନ ଦେଖିବା ପାଇଁ ? ଦେଖିଲେ ତାଙ୍କୁ ଦୁଃଖ ଲାଗନ୍ତା ଏବଂ ଦୁଃଖୀ ହେବାକଥା ସମସ୍ତ କ୍ଷମତା ସମ୍ପନ ଲୋକଙ୍କ (ଯେଉଁ ଦଳର ହୁଅନ୍ତୁ ନାଁ କାହିଁକି) ବାଲେଶ୍ୱରର ଷ୍ଟାର ହୋଟେଲ ମାନଙ୍କଠାରେ ଭିଡ ଜମିଛି । ଥରେ ଦୟାକରି ସମସ୍ତେ ମିଶିକରି ଶାନ୍ତିକାନନ ବୁଲି ଆସନ୍ତେ କି ? ଦୁଃଖର ସହିତ କହିବା କଥା ଆପଣଙ୍କ ପାଇଁ ଗୋଟାଏ ଖଣ୍ଡେ ଟଏଲେଟ ବି ନାହିଁ । ଛୋଟିଆ ଗୃହଟି ଅଛି (୩୦/୧୫) ତାହାର ଅବସ୍ଥା ନ ଦେଖିଲେ କହି ହେବ ନାହିଁ । ଏହି ଛୋଟିଆ କାମ ଗୁଡ଼ିକ ହୋଇ ପାରିଲେ ବାଲେଶ୍ୱର ବାସୀ ଫକିର ମୋହନଙ୍କ ଦୟାଦ ବୋଲି ନିଜକୁ ପରିଚୟ ଦେଇ ପାରନ୍ତେ । ଏବେ ଆସିବା ସ୍ୱାସ୍ଥ୍ୟ ଉପରେ । ହଁ, ମେଡିକାଲ ହେଲା ଏବଂ ବହୁତ କିଛି ବାଲେଶ୍ୱରବାସି ସୁବିଧା ପାଇଲେ । ୫୦୦ ଅ.ପି.ଡି ରୋଗୀ ହେବା ସ୍ଥାନରେ ଏବେ ୨୫୦୦-୩୦୦ ରୋଗୀ ହେଉଛନ୍ତି । ଅଭାବ ଅନେକ କିଛି ଅଛି ଏବଂ ସବୁ ପୁରଣ କରିବା ସମ୍ଭବ ନୁହେଁ । ତେବେ ଆମେ ଅନୁରୋଧ କରିବୁ । ଖୁବ୍ କମ୍‌ରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ ଦେବା ପାଇଁ । ଶହ ଶହ ରୋଗୀ କଟକ ପହଞ୍ଚି ପାରୁ ନାହାନ୍ତି ଏ ବିଷୟରେ କିଛିଦିନ ତଳେ ବାଲେଶ୍ୱରରେ ଅବସ୍ଥାନ କରୁଥିବା ଜଣେ ଛାମୁଆ ନେତାଙ୍କ ସହିତ କଥା ହେବା ପାଇଁ ମୋତେ ସୁଯୋଗ ମିଳିଥିଲା । ବାଲେଶ୍ୱର ବାସିଙ୍କ ତରଫରୁ ଏହି ଛୋଟିଆ ଅନୁରୋଧଟି ରଖିଥିଲି ଏବଂ ସେ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଭରସା ଦେଇଛନ୍ତି । ଗତକାଲି ଟି.ଭି ରେ ତର୍କବିତର୍କରେ ଦେଖୁଥିଲି ସୁବାସ ସିଂ (ରାଜ୍ୟସଭା ସଭ୍ୟ) ବାଲେଶ୍ୱରବାସୀଙ୍କ ପାଇଁ ଯେଉଁ ତାଲିକା ପଢ଼ିଲେ ତାହାର ଯଦି ୧୦ ଭାଗ ଆସନ୍ତା ତାହାହେଲେ ବାଲେଶ୍ୱର ବାସି ମୁଖ୍ୟମନ୍ତ୍ରୀଙ୍କ ସବୁବେଳେ ଜୟଗାନ କରନ୍ତେ । ଏବେ ଆସିବା କାଲାମ ସାହେବଙ୍କ କଥାକୁ । ସେ ବୋଧହୁଏ ଏକମାତ୍ର ଭଦ୍ରଲୋକ ବିନା ରାଜନୀତିରେ ରାଷ୍ଟ୍ରପତି ପଦ ଅଳଂକୃତ କରିଥିଲେ । ସେ ମଧ୍ୟ କହିଛନ୍ତି ବାଲେଶ୍ୱର ତାଙ୍କର ଦ୍ୱିତୀୟ ଘର । ତାଙ୍କ ପାଇଁ କଣ କରାଯାଇଛି ? ଚାନ୍ଦିପୁରରେ ଏବଂ ଷ୍ଟେସନ ଛକରେ ଗୋଟାଏ ଲେଖା ପ୍ରତିମୂର୍ତ୍ତୀ ବର୍ଷରେ ଫୁଲମାଳ ପଡ଼େ କି ନାହିଁ ସନ୍ଦେହ । ଯଦି ସତରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ଦାୟିତ୍ୱ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହାଠାରୁ ଭଲକଥା ନାହିଁ । ନିଜେ ଆସନ୍ତୁ ଗୋଟାଏ ଦିନ ସାଧାରଣ ଜନତାଙ୍କ ସହିତ ମିଶନ୍ତୁ ତେବେ ଜାଣିବେ ବାଲେଶ୍ୱର ବାସି କଣ ଚାହୁଁଛନ୍ତି ।

## କବିତା କୋଣାର୍କ

### ନିଶବ୍ଦ ମିଳନ ପାଇଁ...

**ବିନୟ ଭୂଷଣ ପାଣିଗ୍ରାହୀ**

ମୃତ୍ୟୁଗୋ ତମେ ଆସିପାର ଏବେ
ଯେତେବେଳେ ଇଚ୍ଛା ସେତେବେଳେ
କୋକେଇ ନେବାକୁ ମୋତେ
ଆଗପଛ ବିଚାରରେ ନାହିଁ ପ୍ରୟୋଜନ,
କେବଳ ତମେହିଁ ଯେହେତୁ ମୋର
ଜୀବନଠୁଁ ବେଶୀ ଆପଣାର
ତମପାଇଁ ଆସିବା ଓ ଯିବାର ନିର୍ଘଣ୍ଟ
ତମେ ହିଁ କରିବ ତୟ ତମ ସୁବିଧାରେ
ଅଗ୍ରୀମ ସୂଚନା ଦେବା ଦରକାର ନାହିଁ ।

ତେବେ, ଛୋଟ ଗୋଟେ
ଅନୁରୋଧ ମୋର,
ଆସିବା ବେଳକୁ ନରଖିବ
ମନରେ ସଂଶୟ
କାର୍ପଣ୍ୟ କରିବି କାଳେ ପାଛୋଟି ନେବାକୁ
ତମ ଆଶା ଅନୁରୂପ ଆପଣା ପଣରେ
'ଅଛ ଆଉ କିଛି କାମ ବାକି ଥିଲା ବୋଲି
କୁଣ୍ଠିତ ଚିତ୍ତରେ କହି ।

କେତେବେଳେ ଆସି ମୋତେ
ନଭେଟି ପାରିଲେ
କାଳେ ତମେ ଅଭିମାନେ
ଫେରିବନି ବୋଲି
ଦୁଆର ମୋ ଆଉଜିଦେଇଛି ସିନା
ଜାଣିଜାଣି କିଳିଣୀ ଲଗାଇ ନାହିଁ,
ଟାଙ୍ଗିନାହିଁ ଦୁଆର ବନ୍ଧରେ
କରାଘାତ କରିବାର ନିର୍ଦ୍ଦେଶ ଫଳକ
ତମ ସହ ମୋର ସେଇ ମହାମିଳନକୁ
ନିଶବ୍ଦରେ ମହାର୍ଘ କରିବାପାଇଁ ॥

+ ହରସିଂହ ପୂର, ପୀରହାଟ ବଜାର,
ଭଦ୍ରକ- ୭୫୬୧୩୧, ଓଡ଼ିଶା
ମୋ: ୯୯୩୭୫୪୮୪୩୧/
୯୪୩୮୬୭୦୧୨୦

## କବିତା କୋଣାର୍କ

### ଫୁଲ ବୋଉଳବେଣୀ...



**ହରେରାମ ପଣ୍ଡା**

କୁଆଁରୀଝିଅଙ୍କ ମନରେ ଆନନ୍ଦ-
ପୁଞ୍ଚି ଖେଳିବାରେ ମନ ଗୋ-
ଫୁଲ ବୋଉଳ ବେଣୀ ।୧।

ଆକାଶେ ପୁନେଇଁ ଚାନ୍ଦ ଗୋ-
ଫୁଲ...
ସରସୁରେ କଇଁ ଚାନ୍ଦକୁ ଅନେଇ-
ମନେ ତା କୋଟି ଆନନ୍ଦ
ଗୋ- ଫୁଲ..।୨।

କାଟି କଇଁଫୁଲ କୋଠି ଗୋ- ଫୁଲ...
ଜହ୍ନିଫୁଲ ସଙ୍ଗେ କାକୁଡ଼ିର ଫୁଲ-
ପକାଇବା ଗୋଟିଗୋଟି
ଗୋ- ଫୁଲ...।୩।

ଘରେଘରେ ମଣ୍ଡାପିଠା ଗୋ- ଫୁଲ...
ଝିଅଙ୍କ ଓଷାରେ ମାଆଙ୍କ ଆନନ୍ଦ-
ସବୁ ଲାଗେ ତାଙ୍କୁ ମିଠା
ଗୋ- ଫୁଲ...।୪।

ମୁଣ୍ଡରେ ଟିପି ଚନ୍ଦନ ଗୋ- ଫୁଲ...
ଆସନ୍ତି କଣ୍ଢେଇ, ନିତୁନ୍, ରିମନ-
ପିନ୍ଧିକି ନୂତନ ବାସ ଗୋ- ଫୁଲ...।୫।

ହାତରେ ବନ୍ଦାଣ ଥାଳି ଗୋ- ଫୁଲ...
ଚାନ୍ଦ ବନ୍ଦାପନା ଉଚ୍ଛୁର ହୋଇଲେ-
ବୁଢ଼ାବର ଥାଏ ମିଳି ଗୋ-
ଫୁଲ...।୬।

ସହୀ ସଙ୍ଗାତ ମୋ ଆସ
ଗୋ- ଫୁଲ...
କରୋନା ପାଇଁକି ଦୂରତା ମାନିକି-
ପୁଞ୍ଚି ଖେଳିବାକୁ ବସ
ଗୋ- ଫୁଲ...।୭।

ପୂଜା ଘେନ ଚାନ୍ଦ ଦେହ ହେ-
ପୂଜୁଁ ସଭିଏଁ ମିଳି,
ଚାନ୍ଦ ବଦନିଆ ବରମାନ ମିଳୁ-
ଅର୍ଘ୍ୟ ଦେଇ କରୁଁ ଅଳି ଗୋ-
ପୂଜୁଁ ସଭିଏଁ ମିଳି... ।୮।

+ କୁଆଁସ, ମେର୍ଦ୍ଧା
କାଟିଆଛକ, ଯାଜପୁର ।
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ।
ଦୂରଭାଷ- ୯୪୩୮୦୬୫୧୯୫

### ଅନୁମତି ଦେଲେ...



**ପ୍ରଶାନ୍ତ କୁମାର ନାଥ**

ଅନୁମତି ଦେଲେମନରମାଟିରେ
ପ୍ରେମଗଛଟିଏସାଜିବି
ତୁମେ ଯଦି ଦେବ ପ୍ରୀତିଜଳଟିକେ
ଫୁଲଟିଏହୋଇ ଫୁଟିବି ।

ପ୍ରେମରସୁବାସ ଦେହ ଅଗଣାରେ
ସବୁଦିନ ପାଇଁବିଞ୍ଚିବି
ସେନେହକରୁଣାସେହି ଗଛ ଡାଳେ
ସବୁଦିନ ପାଇଁସଞ୍ଚିବି ।

ଅନୁମତି ଦେଲେ ମନ ଆକାଶରେ
ବରଷାଟିକିଏସାଜିବି
ଚାହିଁବ ଯଦି ମୁଁବେଳ ଅବେଳରେ
ପ୍ରୀତିରବରଷାଢାଳିବି ।

ଭିଜେଇବି ନିତିପ୍ରେମବରଷାରେ
ଅନୁମତି ଯଦି ପାଇବି
ସବୁଦିନ ପରାତୁମରି ପାଇଁକି
ତୁମରିହୋଇମୁଁରହିବି ।

ଅନୁମତି ଦେଲେପ୍ରେମପୋଖରୀରେ
ତୁଠପଥର ମୁଁସାଜିବି
ଯେତେଘଷିମାଜିହୋଇବସେଇଠି
ତଥାପିତୁମକୁଖୋଜିବି ।

ଖସିବନିକେବେ ପାଦଟାତୁମର
ତୁମକୁମୁଁସାହାହୋଇବି
ଅନୁମତି ଦେଲେତୁମରିମନରେ
ସବୁଦିନ ପାଇଁରହିବି ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
ମୋ-୦୮୩୧୦୩୨୮୩୪୫

## ହିମାଳୟ କନ୍ୟା ନେପାଳ କଥା



ଡାକ୍ତର ସୁରେନ୍ଦ୍ର ନାଥ ଦାଶ


ଭାରତର ଉତ୍ତର ସୀମାନ୍ତ ରେ ହିମାଳୟର କୋଳରେ ୧.୫ ଲକ୍ଷ ବର୍ଗ କିମି ଆୟତନ ଓ ୩କୋଟି ଜନସଂଖ୍ୟାର ଦେଶ ନେପାଳ ଅବସ୍ଥିତ । ଅତ ପ୍ରାଚୀନ କାଳରୁ ଭାରତ ସହ ନେପାଳ,ଭାତୃତ୍ୱ ଓ ସାଂସ୍କୃତିକ ବନ୍ଧନରେ ବନ୍ଧା ହୋଇଛି । ରାଜନୈତିକ ଚିନ୍ତାଧାରା ଯାହା ହେଉନା କାହିଁକି, ଉଭୟ ଦେଶର ନାଗରୀକ ଗୋଟିଏ ଦେଶର ଲୋକ ବୋଲି ନିଜକୁ ମନେ କରନ୍ତି । ନେପାଳର ଅର୍ଥ ହେଉଛି ପାହାଡର ତଳ ଦେଶ, ଗୋପାଳକ ମାନଙ୍କ ଦେଶ । ଅନ୍ୟ ଅର୍ଥରେ ତିବ୍ବତର ଶେଷ ଅଂଶକୁ ମଧ୍ୟ ବୁଝାଏ । ନେମି ନାମକ ମୁନି ଏଠାରେ ରହୁଥିଲେ । ତାଙ୍କ ନାମରେ ହୋଇଛି ବୋଲି କେତେକ କୁହନ୍ତି । ମହାଭାରତରେ ନେପାଳର ନିଷାଦ(କିରାତ) ରାଜବଂଶ ଯୁଦ୍ଧରେ ଯୋଗ ଦେଇଥିଲେ । ଭାରତର ସୀମାନ୍ତରେ ଥିବା ଜନକ ପୁରୀ ବା ମିଥିଳା ଥିଲା ରାମାୟଣ ବର୍ଣିତ ସୀତାଙ୍କର ଜନ୍ମ ସ୍ଥାନ । ଭଗବାନ ବୁଦ୍ଧ ଦେବଙ୍କ ଜନ୍ମ ସ୍ଥାନ ଲୁମ୍ବିନୀ ଉଦ୍ୟାନ ଓ ତାର ରାଜଧାନୀ କପିଳବାସ୍ତୁ ନେପାଳରେ ଥିଲା । ନେପାଳର ପ୍ରସିଦ୍ଧ ପଶୁପତିନାଥ ମନ୍ଦିରରେ କର୍ଣ୍ଣାଟକର ଭାଟ ବ୍ରାହ୍ମଣ ମୁଖ୍ୟ ପୂଜକ କାର୍ଯ୍ୟ ପରମ୍ପରା କ୍ରମେ କରନ୍ତି । ଏହା ପୁରାଣ ବର୍ଣ୍ଣିତ ୫୧ ଜ୍ୟୋର୍ତି ଲିଙ୍ଗ ମଧ୍ୟରୁ ଗୋଟିଏ । ନେପାଳ ସହ ଭାରତ ମୁକ୍ତ ସୀମା ରେଖା ପ୍ରଚଳନ କରିଛି ଓ ଉଭୟ ଦେଶର ନାଗରିକ ଅନ୍ୟ ଦେଶରେ ଚାକିରି କରିପାରିବେ ଓ ସ୍ଥାୟୀ ଭାବରେ ବାସ କରି ପାରିବେ । ନେପାଳର ଅନେକ ଲୋକ ଭାରତୀୟ ସେନାବାହିନୀ (ଗୁର୍ଖା ରେଜିମେଂଟ)ରେ ବ୍ରିଟିଶ ମାନଙ୍କ ସମୟରୁ କାର୍ଯ୍ୟ କରୁଛନ୍ତି । ଅବସର ପରେ ସେମାନେ ନିୟମିତ ପେନସନ ପାଇ ନିଜ ଗ୍ରାମରେ ସମ୍ମାନସ୍ୱଦ ଜୀବନ କଟାଉଛନ୍ତି । ସେମାନଙ୍କ ସାହାସ ଓ ଦେଶଭକ୍ତି ପାଇଁ ଇତିହାସରେଏକ ଗୌରବମୟ ସ୍ଥାନ ଅଧିକାର କରିଛନ୍ତି । ଅନେକ ନେପାଳୀ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମି ଭାବରେ କାମ କରନ୍ତି । ସେମାନେ ନିଜକୁ ବାହାଦୁର ବୋଲି ପରିଚୟ ଦେଇ ସ୍ଥାନୀୟ ଲୋକଙ୍କର ଶ୍ରଦ୍ଧା ଭାଜନ ହୋଇପାରିଛନ୍ତି । ୨୦୧୫ରେ କାର୍ଯ୍ୟକାରୀ ହୋଇଥିବା ନୂତନ ସମ୍ବିଧାନ ପର୍ଯ୍ୟନ୍ତ ନେପାଳ ପୃଥିବୀର ଏକମାତ୍ର ହିନ୍ଦୁ ରାଷ୍ଟ୍ର ଥିଲା । ଏହାର ଜନସଂଖ୍ୟାର ଶତକଡା ୮୪ ଭାଗ ହିନ୍ଦୁ ଅଟନ୍ତି । ମୋଗଲ,ମୁସଲମାନ ରାଜତ୍ୱ ବେଳେ ଅନେକ ଉଚ୍ଚ ବର୍ଣ୍ଣର ହିନ୍ଦୁ ମୁସଲମାନ ଶାସକଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ନେପାଳରେ ଆଶ୍ରୟ ନେଇଥିଲେ । ପରବର୍ତ୍ତି କାଳରେ ସେମାନ ଙ୍କର ବଂଶଧର ମାନେ ହିଁ ନେପାଳର ନେତୃତ୍ୱ ଗ୍ରହଣ କରିଛନ୍ତି । ସିପାହୀ ବିଦ୍ରୋହ ପରେ ନାନାସାହେବ ଅଯୋଧ୍ୟାର ବେଗମ ଓ ଅନ୍ୟ ବିଦ୍ରୋହୀ ମାନଙ୍କୁ ନେପାଳ ଆଶ୍ରୟ ଦେଇଥିଲା । ଇଂରେଜ ମାନଙ୍କ ବେଳେ ଅନେକ ଦେଶପ୍ରେମୀ ଉଗ୍ରପନ୍ଥୀ ନେପାଳରେ ଆଶ୍ରୟ ନେଉଥିଲେ । ନେପାଳର ଗଣ୍ଡକି ନଦୀରୁ ହିନ୍ଦୁ ମାନଙ୍କର ପବିତ୍ର ଶାଳଗ୍ରାମ ସଂଗ୍ରହ କରାଯାଏ । ପ୍ରସିଦ୍ଧ ହିନ୍ଦୁ କ୍ଷେତ୍ର ପୁରି ଜଗନ୍ନାଥ ମନ୍ଦିରର ପୂଜା ବିଧିରେ ନେପାଳ ରଜାଙ୍କର ସ୍ୱତନ୍ତ୍ର ଭୂମିକା ରହିଛି । ସେ ସ୍ୱତନ୍ତ୍ର ପୂଜା ଓ ଦର୍ଶନର ହକଦାର । ମନ୍ଦିର ପାଇଁ ନେପାଳ ସୁବାସିତ କସ୍ତୁରି ପ୍ରଦାନ କରିଥାଏ । ଏହି ରାଜ୍ୟ କେବେବି ବିଦେଶି ବା ମୁସଲମାନ ଙ୍କ ଦ୍ୱାରା ଅଧିକୃତ ହୋଇନାହିଁ । ଇଂରେଜ ମାନେ ନେପାଳ ସହ ବନ୍ଧୁତା ଚୁକ୍ତିରେ ଆବଦ୍ଧ ଥିଲେ । ନେପାଳ ଆଗରୁ ଅନେକ କ୍ଷୁଦ୍ର ରାଜ୍ୟର ସମିଶ୍ରଣ ଥିଲା । ୧୭୪୩ ମସିହାରେ ଗୋର୍ଖା ରାଜା ପୃଥିବୀ ନାରାୟଣ ଶାହା କିର୍ତିପୁର ଯୁଦ୍ଧରେ କାଠମାଣ୍ଡୁ ଉପତ୍ୟକା ଜୟ କରି ନେପାଳକୁ ଏକତ୍ରିକରଣ କଲେ । ସେ ଭୁଟାନ, ସିକିମ ଓ ଆଜିର ଉତ୍ତରାଖଣ୍ଡ(କୁମାୟୁନ) ଓ ଗଙ୍ଗା ନଦୀର ଉତରକୁ ଥିବା ଅଂଚଳ ଅଧିକାର କରିଥିଲେ । ବ୍ରିଟିଶ ମାନେ ନେପାଳ ଦରବାର କୁ ପରାସ୍ତ କରି ୧୮୧୬ ମସିହା ସଉଗୁଲି ସନ୍ଧିରେ ତାହାର ସାମ୍ରାଜ୍ୟ କୁ ସଙ୍କୁଚିତ କରିଥିଲେ ।୧୯୪୯ ମସିହାରେ ଭାରତ ସହ ନେପାଳର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉଭୟ ସୀମାନ୍ତକୁ ମୁକ୍ତ କରାଯାଇଥିଲା । ସେତେବେଳେ ଭାରତର ସୈନ୍ୟ ବାହିନୀ ନେପାଳର ସୀମାନ୍ତରେ ମୁତୟନ ଥିଲେ ।୧୯୬୯ ରେ ନେପାଳର ଦାବି ଫଳରେ ତାହା ପ୍ରତ୍ୟାହୃତ ହେଲା । ନେପାଳର ରାଜବଂଶକୁ ଅତ୍ୟାଚାରୀ ରାଣା ଙ୍କ କବଜାରୁ ରକ୍ଷାକରିବା ଭାରତର ଏକ ଗୋରବମୟ କାର୍ଯ୍ୟ । ୧୮୩୯ ମସିହାରୁ ସେନାପତି ଜଙ୍ଗ ବାହାଦୁର କୋଟ ଠାରେ ଏକ ଗଣହତ୍ୟାରେ ଅନେକ ରାଜବଂଶୀୟଙ୍କୁ ହତ୍ୟା କରି କ୍ଷମତା ଅଧିକାର କଲେ । ଭାରତ ସ୍ୱାଧିନତା ପାଇଲା ବେଳକୁ ରାଣା ମାନେ ନେପାଳର ବାସ୍ତବ କ୍ଷମତାର ଅଧିକାରୀ ଥିଲେ । ରାଜା ରାଜପ୍ରାସାଦରେ ଗୃହ ବନ୍ଦୀ ଥିଲେ । ୧୯୫୧ ମସିହାରେ ତତକାଳିନ ରାଜା ତ୍ରିଭୂବନ ଭାରତ ପଳାଇଆସି ଆଶ୍ରୟ ଭିକ୍ଷା କଲେ । ପରେ ଭାରତ ସରକାରଙ୍କ ସହାୟତାରେ ସେ ସିଂହାସନରେ ବସିଲେ । ଦେଶରେ ଗଣତନ୍ତ୍ର ଶାସନ କାର୍ଯ୍ୟକାରି ହେଲା । ନେପାଳରେ ଗଣତନ୍ତ୍ରର ପଥ ସୁଗମ ନଥିଲା । ନେପାଳର ଅନେକ ନେତା ଭାରତର ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ନେପାଳ କଂଗ୍ରେସ ନାମକ ମୁଖ୍ୟ ରାଜନୈତିକ ଦଳ ଗଠନ କରି ପ୍ରତିନିଧି ମୂଳକ ଶାସନ ଦାବି କରିଥିଲେ । ବିପି କୋଇରଲା ପ୍ରଥମ ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଥିଲେ । ମାତ୍ର ରାଜା ବାରମ୍ବାର ସେଥିରେ ହସ୍ତକ୍ଷେପ କରି ମନ୍ତ୍ରୀ ମଣ୍ଡଳ ଭାଙ୍ଗି ସେମାନଙ୍କୁ ଜେଲକୁ ପଠାଇ ପଂଚାୟତ ଗଣତନ୍ତ୍ର ନାମରେ ନିଜ ହାତକଣ୍ଢେଇ ସରକାର ଚଳାଉଥିଲେ । ଭାରତର ସମର୍ଥନ ସବୁବେଳେ ନେପାଳି କଂଗ୍ରେସ ପକ୍ଷରେ ଥିଲା । ବାରମ୍ବାର ଗଣତନ୍ତ୍ର ପାଇଁ ଆନ୍ଦୋଳନ ଚାଲିଲା । ଏହା ମଧ୍ୟରେ ନେପାଳରେ ମାଓବାଦୀ ମାନ ଙ୍କର ଆବିର୍ଭାବ ହେଲା । ସେମାନେ ନିଜର ସୈନ୍ୟ ବାହିନି ଗଢି ସାମାନ୍ତରାଳ ଶାସନ ଚଳାଇଲେ । ଦେଶର ଏକ ଅଂଶ ସେମାନଙ୍କ ଅଧିକାରରେ ରହିଲା । ପ୍ରାୟ ୧୬ ହଜାର ଲୋକ ଏହି ଗୃହ ଯୁଦ୍ଧରେ ନିହତ ହେଲ । ଭାରତ ପକ୍ଷରେ ଏହା ବିପଦପୂର୍ଣ୍ଣ ଥିଲା । କାରଣ ଶତ୍ରୁ ଚିନର ସାହାଯ୍ୟରେ ମାଓବାଦୀ ମାନେ ନେପାଳ ଠାରୁ ବିହାର, ଝାଡଖଣ୍ଡ, ପର୍ଶ୍ଚିମ ବଙ୍ଗ, ଓଡିଶା, ଆନ୍ଧ୍ର ପର୍ଯ୍ୟନ୍ତ ଏକ ରେଡ କରିଡର ସୃଷ୍ଟି କରିବାରେ ସକ୍ଷମ ହୋଇଗଲେ । ଏତିକି ବେଳେ ୨୦୦୧ ମସିହାରେଏକ ପାଲେସ ହତ୍ୟାକାଣ୍ଡରେ ରାଜକୁମାର ଦିପେନ୍ଦ୍ର ଙ୍କ ଦ୍ୱାରା ରାଜା ବିରେନ୍ଦ୍ର, ରାଣୀ ଐଶ୍ୱର୍ଯ୍ୟା ଓ ଅନ୍ୟମାନେ ନିହତ ହେଲେ । ସାନ ଭାଇ ଜ୍ଞାନେନ୍ଦ୍ର ରାଜା ହେଲେ । ସେ ପାର୍ଲିଆମେଂଟ କୁ ଭାଙ୍ଗି ଦେଲେ । ଭାରତର ମଧ୍ୟସ୍ତିରେ ନେପାଳୀ କଂଗ୍ରେସ, କମ୍ୟୁନିଷ୍ଟ ଓ ସାମାଜବାଦୀ ଦଳଙ୍କ ସାତ ଦଳିଆ ମିଳିତ ହୋଇ ଗଣତନ୍ତ୍ର ସ୍ଥାପନା ପାଇଁ ଆନ୍ଦୋଳନ କଲେ ।୨୦୦୫ ମସିହାରେ ରାଜା ନିର୍ବାଚିତ ପ୍ରତିନିଧିଙ୍କୁ କ୍ଷମତା ହସ୍ତାନ୍ତର କଲେ । ରାଜ୍ୟରେ କିନ୍ତୁ ରାଜନୈତିକ ଅସ୍ଥିରତା ଲାଗିରହିଲା । ମନ୍ତ୍ରୀ ମଣ୍ଡଳର ବାରମ୍ବାର ପତନ ଘଟିଲା । ଶେଷକୁ ୨୦୦୮ ରେ ରାଜା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କୁ ହସ୍ତାନ୍ତର କଲେ । ୨୦୧୬ ମସିହରେ ନୂଆ ସମ୍ବିଧାନ କାର୍ଯ୍ୟକାରି ହେଲେ ପରେ ରାଜପଦ ଲୋପ ପାଇଲା । ନେପାଳ ଏକ ଧର୍ମ ନିରପେକ୍ଷ ଦେଶରେ ପରିଣତ ହେଲା । ମୃତ୍ୟୁ ଦଣ୍ଡ ଉଠି ଗଲା । ଚିନ ସହିତ ନେପାଳ ର ବୃଦ୍ଧି ପାଉଥିବା ନିବିଡ ସଂପର୍କ ଭାରତ ପାଇଁ ଚିନ୍ତାର କାରଣ ହୋଇଛି ।୧୯୬୦ ମସିହାରେ ଚିନ ସହ ନେପାଳର ଏକ ବନ୍ଧୁତାପୁର୍ଣ୍ଣ ଚୁକ୍ତି ସଂପନ୍ନ ହେଲା । ଭାରତ ସହ ନେପାଳର ବିବାଦ ଯୋଗୁ ଚିନ ନେପାଳରେ ଶୂନ୍ୟ ସ୍ଥାନ ପୁରଣ ପାଇଁ ଚେଷ୍ଟା କରିଆସୁଛି । ଉନ୍ନତ ମାନର ରାସ୍ତା ତିଆରି କରି ନେପାଳ ସହ ଯୋଡି ହେବାକୁ ଚେଷ୍ଟା କରୁଛି । ତିବ୍ବତର ରାଜଧାନୀ ଲାସାରୁ ନେପାଳକୁ ରେଳ ରାସ୍ତା ଯୋଜନା କରାଗଲାଣି । ଏକ ପାରମ୍ପାରିକ ବନ୍ଧୁ ରାଷ୍ଟ୍ର ଆମର ପାରମ୍ପାରିକ ଶତ୍ରୁ ଶିବିରରେ ଯୋଗ ଦେବା ଭାରତ ପାଇଁ ଚିନ୍ତାର କାରଣ ହୋଇଛି । ସରକାର ଯୁଆଡେ ଯାଉ ନେପାଳର ଲୋକମାନେ ଭାରତ ସହ ଅଛନ୍ତି, ତାହା ଆମ ପାଇଁ ଆଶ୍ୱାସନାର ବିଷୟ । ନେପାଳରେ ସାର୍କ ସଂଗଠନର ମୁଖ୍ୟ ଦପ୍ତର ରହିଛି । ଏହାର ରାଜଧାନୀ କାଠମାଣ୍ଡୁ ରେ ପଶୁପତି ମନ୍ଦିର ସହ ଅନେକ ପାଗୋଡା ଓ ସ୍ତୁପ ରହିଛି । ଏହାର ସୀମାନ୍ତରେ ପୃଥିବୀର ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟ ରହିଅଛି ଓ ବିଶ୍ୱର ପ୍ରତି କୋଣରୁ ଅନେକ ଭ୍ରମଣ କାରୀ ଏହି ଦେଶକୁ ଆସନ୍ତି ।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬


## ଶୀତଦିନେ ତ୍ୱଚାର ଯତ୍ନ



ପ୍ରତ୍ୟେକ ଋତୁରେ ତ୍ୱଚାର ଯତ୍ନ ଭିନ୍ନ ଭିନ୍ନ ଉପାୟରେ ନିଆଯାଏ । କିନ୍ତୁ ଶୀତଦିନେ ତ୍ୱଚାର ଯତ୍ନ ନେବା ଏକ କଠିନ ବ୍ୟାପାର । ଏହି ଋତୁରେ ସାବୁନ ବ୍ୟବହାର କରନ୍ତୁ ନାହିଁ । ଶିରାପ୍ରଶିରାରେ ତେଲ ମାଲିସ୍ ଯୋଗୁଁ ପ୍ରସାରିତ ହୁଏ ଓ ରକ୍ତ ସଂଚାଳନ ଉପଯୁକ୍ତ ପରିମାଣରେ ହୋଇଥାଏ । ମାଲିସ୍ ସମୟରେ ତ୍ୱାଚାରେ ଅଧିକ ତେଲ ଲାଗିଥିଲେ ଏକ ଓଦା ତଉଲିଆରେ ତେଲକୁ ପୋଛି ଦିଅନ୍ତୁ । ତ୍ୱଚା ଶୁଷ୍କ ଓ ରୁକ୍ଷା ଦେଖାଯାଉଥିଲେ ଭଲ କମ୍ପାନୀର ବଡ଼ି ଲୋଶନ କିଣି ଲଗାନ୍ତୁ ।

●ନାସପାତି ଲଗାନ୍ତୁ: ନାସପାତି ତ୍ୱଚାକୁ ବେଶ୍ କୋମଳ ରଖେ । ଏଥିରେ ଥିବା ଭିଟାମିନ, ପୋଷାକ ତତ୍ତ୍ୱ, ଆଣ୍ଟିଅକ୍ସିଡେଣ୍ଟ, ତ୍ୱଚାରେ ସୃଷ୍ଟି ହେଉଥିବା କୁଞ୍ଚନକୁ ପ୍ରତିରୋଧ କରେ ଓ ତ୍ୱଚାକୁ ସୁନ୍ଦର, କୋମଳ ଓ ନିରୋଗ ରଖେ ।

କ୍ଷଲହୁଣି ଲଗାନ୍ତୁ: ତ୍ୱଚାରେ କ୍ଷୀର, ସର ଓ ଲହୁଣୀ ମାଲିସ୍ କରନ୍ତୁ । ଆଖି ଓ ଆଖି ନିକଟବର୍ତ୍ତୀ ତ୍ୱଚାରେ ଏହାକୁ ଲଗାଇବେ ନାହିଁ । ମାଲିସର ୧୦/୧୫ ମିନିଟ ପରେ ଥଣ୍ଡା ପାଣିରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଏହାପରେ ତ୍ୱଚା କୋମଳ ଓ ସୁନ୍ଦର ଦେଖାଯାଏ ।

●ଅଣ୍ଡାର କେଶର: ଅଣ୍ଡାର କେଶର ତ୍ୱଚାରେ ଚମକ ଆଣିବାରେ ବେଶ୍ ଭୂମିକା ଲିଭାଇଥାଏ । ଅଣ୍ଡାକୁ ଭାଙ୍ଗିବା ପରେ ଏହାର ଧଳାଅଂଶ ଲାଳରୁ କେଶରକୁ ବାହାର କରି ମୁହଁରେ ଲଗାନ୍ତୁ । ଏହାର ଅଧଘଣ୍ଟା ପରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଦେଖିବେ ଆପଣଙ୍କ ତ୍ୱଚା ଉଜ୍ଜ୍ୱଳ ଦେଖାଯିବ । ଏହା ମଧ ତ୍ୱଚାକୁ ଥଣ୍ଡା ରଖେ ।

●ମହୁ: କମଳା ରସରେ ଏକ ଚାମଚ ମହୁ ମିଶାଇ ତ୍ୱଚାରେ ମାଲିସ କରନ୍ତୁ । ୨୦ ମିନିଟ ପରେ ଥଣ୍ଡା ପାଣିରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଏଥିରେ ଥିବା ଭିଟାମିନ, ପୋଷାକତତ୍ତ୍ୱ ତ୍ୱଚାକୁ ଚିକ୍କଣ ଓ କୋମଳ ରଖେ ।

●ବନ୍ଧାକୋବି ଓ ମୂଳା: ବନ୍ଧାକୋବିକୁ କିଛି ପାଣିରେ ଗରମ କରନ୍ତୁ । ବନ୍ଧାକୋବି ଛାଣି ସେହି ଗରମ ପାଣିରେ କିଛି ଥଣ୍ଡାପାଣି ମିଶାଇ ମୁହଁକୁ ଧୁଅନ୍ତୁ । ଏହାପରେ ମୂଳାକୁ କାଟି ମୁହଁରେ ମାଲିସ୍ କରନ୍ତୁ । ୧୫/୨୦ ମିନିଟ ପରେ ମୁହଁକୁ ଧୋଇ ଦିଅନ୍ତୁ । ବନ୍ଧାକୋବିରୁ ଭିଟାମିନ ଓ ପୋଷାକ ତତ୍ତ୍ୱ ମିଳିଥାଏ ଓ ମୂଳାରୁ ଭିଟାମିନ 'ଏ' ମିଳିଥାଏ ।

●ଶୁଷ୍କ ତ୍ୱଚା: ଆପଣଙ୍କର ଯଦି ତ୍ୱଚା ଶୁଷ୍କ ହୋଇଥାଏ ତେବେ ଏକ ଚାମଚ ମହୁ ସହ ଗୋଲାପ ପାଣି, ଆଲମଣ୍ଡ ତେଲ, ଦୁଇ ଚାମଚ କ୍ଷୀର ପାଉଡ଼ର ଏବଂ ଅଣ୍ଡାର କେଶର ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ତ୍ୱଚାରେ ଲଗାଇ ୨୦/୩୦ ମିନିଟ ପରେ ଧୋଇ ଦିଅନ୍ତୁ । ଏହାପରେ ଆପଣଙ୍କ ତ୍ୱଚା ଶୁଷ୍କ ପରିବର୍ତ୍ତେ କୋମଳ ହୋଇଯିବ ।

●ତୈଳାକ୍ତ ତ୍ୱଚା: ଆପଣଙ୍କର ତେଲିଆ ତ୍ୱଚା ହୋଇଥିଲେ ତିନି ଚାମଚ ଯବଚୁନା ସହ ଏକ ଚାମଚ ମହୁ ଓ ଦୁଇ ଚାମଚ ଲହୁଣି ମିଶାଇ ଆଖି ଓ ଓଠକୁ ବାଦ୍ ଦେଇ ଏହାକୁ ତ୍ୱଚାରେ ଲଗାନ୍ତୁ ଏବଂ ୨୦/୩୦ ମିନିଟ ପରେ ଧୋଇ ଦିଅନ୍ତୁ ।

● ବ୍ରଣଯୁକ୍ତ ତ୍ୱଚା: ଦୁଇ ଚାମଚ ଲହୁଣୀ ଓ ଏକ ଚାମଚ ଶୁଖିଲା ପୋଦିନା ପତ୍ରର ଗୁଣ୍ଡ ବା ତୁଳସୀ ପତ୍ରର ଗୁଣ୍ଡ ଓ ଚିମୁଟାଏ ହଳଦୀଗୁଣ୍ଡ ମିଶାଇ ତ୍ୱଚାରେ ଲଗାନ୍ତୁ । ୨୦ ମିନିଟ ପରେ ତ୍ୱଚାକୁ ଧୋଇ ଦିଅନ୍ତୁ ।

## ଇୟରଫୋନ ସମ୍ପର୍କିତ ତଥ୍ୟ

ଫୋନକୁ ଅଧିକ ସମୟ କାନରେ ଲଗାଇ ଧରିବା ଅପେକ୍ଷା ଗୋଟିଏ ସ୍ଥାନରେ ବସି ଆରାମରେ କାନରେ ଇୟରଫୋନ ଭର୍ତ୍ତି କରି କଥା ହେବା ଅଧିକ ସହଜ ବୋଲି ସଂଖ୍ୟାଧିକ ଲୋକଙ୍କ ମତ । ତେବେ ଇୟରଫୋନ ବ୍ୟବହାର କରୁଥିବା ଲେକେ ଏହାର ସତର୍କତା ସମ୍ପର୍କରେ ଜାଣି ରଖିବା ଉଚିତ ।

♦କୌଣସି ତରଳ ପଦାର୍ଥ ଇୟରପୋଡ଼ରେ ନ ଲାଗିବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କାରଣ ଏପରି ଅବସ୍ଥାରେ ଏହାକୁ କାନରେ ଭର୍ତ୍ତି କଲେ କାନ ଖରାପ ହୋଇପାରେ ।



♦ସପ୍ତାହକୁ ଅନ୍ତତଃ ଥରୁଟିଏ ଇୟରଫୋନ ପରିଷ୍କାର କରିବା ଉଚିତ ।

♦ତୁଳା ସାହାଯ୍ୟାରେ ଏହାକୁ ସଫା କରିବା ଭଲ । ଏପରିକି ପୁରୁଣା ଦାନ୍ତଘଷା ବ୍ରଶରେ ମଧ ଇୟରଫୋନ ସଫା କରିହେବ ।

♦ଏହାକୁ ସବୁବେଳେ ସଫା ସ୍ଥାନରେ ରଖିବା ସହ ଏକ ଷଛାଟ ବାକ୍ସ କିମ୍ୱା ପ୍ୟାକଟେରେ ରଖିବା ଉଚିତ ।

♦ଅନ୍ୟ କାହାର ଇୟରଫୋନ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । କାରଣ ଏହା ଦ୍ୱାରା ବିଭିନ୍ନ ପ୍ରକାର ସଂକ୍ରମଣ ବ୍ୟାପିବାର ଭୟ ରହିଛି ।

## ରହସ୍ୟରେ ଭରା 'ଲେକ୍ ଅଫ୍ ନୋ ରିଟର୍ଣ୍ଣ'



ଭାରତ ଓ ମ୍ୟାଁମାର ସୀମାରେ ଥିବା ଝରଣା 'ଲେ ? ଅଫ ନୋ ରିଟର୍ଣ୍ଣ ଭିତରେ ରହିଛି ଅନେକ ରହସ୍ୟମୟ ଘଟଣାବଳୀ । ଏହି ଝରଣାଟି ମଧ ଏହି ରହସ୍ୟପୂର୍ଣ ଘଟଣା ଯୋଗୁ ଦୁନିଆରେ ବେଶ ଜଣାଶୁଣା । କୁହାଯାଏ ଯେ ଥରେ ଯିଏ ଏହି ଝରଣାର ପାଖ ମାଡ଼ିଛି ସେ ଆଉ ଫେରିପାରିନି । ଏହି ଝରଣାଟି ଅରୁଣାଚଳ ପ୍ରଦେଶରେ ଅବସ୍ଥିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ବିମାନ ପାଇଲଟ ଝରଣାକୁ ଏକ ସମତଳ ଜାଗା ଭାବି ଏମରଜେନ୍ସି ଲାଣ୍ଡିଂ କରେଇଥିଲେ କିନ୍ତୁ ପରେ ଭଡ଼ା ଜାହଜ ସହିତ ପାଇଲଟ ମଧ ରହସ୍ୟଜନକ ଭାବେ ଉଭାନ ହୋଇଯାଇଥିଲେ । ଏହାପରେ ଆମେରିକା ସୈନ୍ୟ ନିଖୋଜ ଜାହାଜ ଓ ପାଇଲଟଙ୍କ ଅନୁସନ୍ଧାନ ପାଇଁ ଝରଣା ପାଖରେ ପହଞ୍ଚିଥିଲେ । ଆମେରିକ ସୈନ୍ୟମାନଙ୍କୁ ଜାହାଜ ନେଇ କୌଣସି ସୂଚନା ମିଳି ନଥିବାବେଳେ ସୈନ୍ୟମାନେ ମଧ ଅଚାନକ ଉଭାନ ହୋଇଯାଇଥିଲେ । ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ଜାହାଜ ରାସ୍ତା ଭୁଲିଯାଇ ଜାହାଜକୁ ଝରଣା ତଟରେ ଲାଣ୍ଡ କରିଦେଲେ କିନ୍ତୁ ସେହି ଜାହାଜ ଓ ଜାହାଜ ସମେତ ସେଥିରେ ଥିବା ପାଇଲଟ ସମେସ୍ତ ସେହି ବାଲିରେ ଧସି ହୋଇ ଯାଇଥିବାର ଲୋକ କଥା ଏବେ ବି ସେଠାରେ ଜୀବନ୍ତ । ପ୍ରତିବର୍ଷ ଏଠାକୁ ବହୁସଂଖ୍ୟକ ଲୋକ ବୁଲିବା ପାଇଁ ଆସନ୍ତି କିନ୍ତୁ କେହି ଏ ଝରଣା ଭିତରକୁ ଯିବା ପାଇଁ ସାହସ କରନ୍ତି ନାହିଁ ।



## ସ୍ତନ୍ୟପାନ ସମୟରେ ଖାଦ୍ୟ

ସ୍ତନ୍ୟପାନ କରାଉଥିବା ମହିଳା ନିଜର ଦୈନିକ ଖାଦ୍ୟପେୟରେ ଭିଟାମିନ, ମିନେରାଲ ଏବଂ ଆଇରନଯୁକ୍ତ ପନିପରିବା ଖାଇବା ଦରକାର, ଯାହାକି ମା' ଓ ପିଲା ଉଭୟଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ । ତୈଳଯୁକ୍ତ ଖାଦ୍ୟପଦାର୍ଥ ଏବଂ ଜଙ୍କ ଫୁଡ୍ ସେବନ କଲେ ପିଲାର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ । ସୁସ୍ଥ ଆହାର ଏବଂ ସୁସ୍ଥ ପାନୀୟ ସେବନ କରୁଥିବା ମା' ହିଁ ପିଲାକୁ ସୁସ୍ଥ ରଖିପାରେ ।



**ଭେଣ୍ଡି**

ଭେଣ୍ଡିରେ ରହିଛି କ୍ୟାଲସିୟମ ଏବଂ ଫୋଲେଟ୍, ଯାହାକି ମା'ର ହାଡ଼କୁ ଶକ୍ତ ରଖିଥାଏ ।

**ଟମାଟୋ**

ଟମାଟୋରେ ରହିଛି ପୋଟାସିୟମ ଏବଂ ଭିଟାମିନ 'ସି' । ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଏହା ଅତ୍ୟନ୍ତ ଲାଭପ୍ରଦ । ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ଶକ୍ତି ପ୍ରଦାନ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିଥାଏ ।









**ଆଳୁ**

ଆଳୁରେ ପ୍ରଚୁର ମାତ୍ରାରେ ଭିଟାମିନ୍ 'ସି', ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ଏହା ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର କରିଥାଏ । ମା' ଏବଂ ପିଲା ଉଭୟଙ୍କ ପାଇଁ ଏହା ସ୍ୱାସ୍ଥ୍ୟପ୍ରଦ ।

**ବ୍ରୋକୋଲି**

ଏଥିରେ ଥିବା ଆଇରନ, ପୋଟାସିୟମ, ଜିଙ୍କ ଏବଂ ଭିଟାମିନ ପିଲାଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ । ଏହାବ୍ୟତୀତ ଏଥିରେ କମ କ୍ୟାଲୋରି ମଧ ରହିଛି ।

# ଗୋଟିଏ ପରିବାର ର ୪ଜଣ ଧୀରେ ଧୀରେ ହରାଉଛନ୍ତି ଦୃଷ୍ଟି ଶକ୍ତି

ମାଲକାନଗିରି ,୦୧।୧୧ (ନି.ପ୍ର): ପଡିଆ ବ୍ଲକ ଆଦିବାସୀ ଅଧ୍ୟୁଷିତ କାଲଦାପଲ୍ଲୀ ପଂଚାୟତ ଅନ୍ତର୍ଗତ କୋଲାଗୋଣ୍ଡା ଗ୍ରାମର ଗୋଟିଏ ପରିବାରରେ ୪ଜଣ ଙ୍କ ଦୃଷ୍ଟି ଶକ୍ତି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଦେଖିବାକୁ ସଧାରଣ ମନେ ହେଉଥିଲେ ମଧ ଧୀରେ ଧୀରେ ଏହି ଚାରିଜଣ ଙ୍କ ପାଇଁ ଦୁନିଆ ଅନ୍ଧକାର ହେବାରେ ଲାଗିଛି ଏହା ସେମାନଙ୍କଦେଖିଲେ ଜାଣି ହେବ । ସୂଚନା ମୁତାବକ କୋଲାଗୋଣ୍ଡା ଗ୍ରାମର ଗଙ୍ଗା କବାସୀ ଙ୍କ ପତ୍ନୀ ମୁକେ କବାସୀ, ଦୁଇ ପୁଅ ଜଗା କାବାସୀ, ଲାଛା କାବାସୀ ଓ ବଡ଼ଝିଅ ବଜାରୀ କାବାସୀ ଗତ କିଛି ବର୍ଷ ଧରି ଆଂଶିକ ଭାବେ ନିଜର ଦୃଷ୍ଟି ଶକ୍ତି ହରାଉଥିବା ବେଳେ ଦିନକୁ ଦିନ ଏହା ବୃଦ୍ଧି ପାଉଥିବା କହିଛନ୍ତି । ଦୁଇ ପୁଅ ଜଗା ଓ ଲାଛା କାମଧାମ ଅଳ୍ପବହୁତେ କରିପାରୁଥିଲା ବେଳେ ଝିଅ ବଜାରୀ ଆଂଶିକ ଦେଖିପାରୁଥିବା କହିଛି । ସେହିପରି ମୁକେ ଦିନବେଳା କୌଣଷି ମୋତେ ଚାଲିବୁଲି ପାରୁଥିଲେ ମଧ୍ଯ ସନ୍ଧ୍ଯା ପରଠାରୁ ନିଜର ଚକ୍ଷୁ ଜନିତ ରୋଗ ସହ ବାର୍ଦ୍ଧକ୍ୟ ଜିବନକୁ କ୍ଷୀଣ କରିପକାଇଛି । ପରିବାରର ମୁରବୀ ଗଙ୍ଗା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବାରୁ କାମଧାମ କରିପାରୁନଥିବାରୁ ପରିବାର ର ଅନ୍ୟ ଚାରିଜଣ ଅଳ୍ପ ଦୃଷ୍ଟି ଶକ୍ତିରେ ମଧ କୁଲି ମଜୁରୀ ଓ ଚାଷବାସ ଭଳି କାମଧାମ କରୁଥିବା ଦେଖିବାକୁ ମିଳୁଛି । ଝିଅ ବଜାରୀ ନିଜର ଦୃଷ୍ଟି ଶକ୍ତି ହ୍ରାସ ହେଉଥିବା ଜାଣିପାରି ଆଉ କାହା ହାତ ଧରି ବିବାହ ବନ୍ଧନରେ ବାନ୍ଧି ହେବାକୁ କୁଣ୍ଠିତ ପ୍ରକାଶ କରୁଥିବା ମା ମୁକେ କହିଛନ୍ତି । ଦୁଇ ପୁଅ ଓ ଝିଅ ଦିନକୁଦିନ ଦୃଷ୍ଟି ଶକ୍ତି ହରାଉଥିବା ଜାଣିଥିଲେ ମଧ ଆଦିବାସୀ ଅଧୁଷିତ ଅଂଚଳରେ ରହିବା ସହ ଆର୍ଥିକ ଭାବେ ଅନଗ୍ରସର ଥିବାରୁ ପରିବାର ଲୋକ ଭାଗ୍ୟକୁ ଆଦରି ବଂଚି ରହିଥିବା କହିଛନ୍ତି । ଏହି ପରିବାରକୁ ସରକାରଙ୍କ ପକ୍ଷ୍ୟରୁ କିଛି ବର୍ଷ ପୂର୍ବେ ଜଙ୍ଗଲ ଜମି ଆଇନ୍ ମୁତାବକ ଘର ଖଣ୍ଡେ ମିଳିଥିବା ବେଳେ ଚାଉଳ ଓ ମା ମୁକେଙ୍କୁ ଭତ୍ତା ମିଳୁଥିବା ଜଣାପଡିଛି । ଏପରି ସ୍ଥଳେ ପୁରା ପରିବାର କାମ ଧନ୍ଦା କରି ଅତ୍ୟନ୍ତ ଦୁଖଃ କଷ୍ଟରେ ଚଳୁଥିବା ବେଳେ ଚିକିତ୍ସା ପାଇଁ କେବଳ ଦେଶୀ ଔଷଧ ର ଭରସାରେ ରହିଛନ୍ତି । ଏ ବାବଦରେ ସ୍ଥାନୀୟ ବିଡିଓଙ୍କୁ ଅବଗତ କରାଇବା ପରେ ମଧ ଗତ ପ୍ରାୟ ଏକ ମାସ ଧରି ପ୍ରଶାସନ ପକ୍ଷ୍ୟରୁ ଦୃଷ୍ଟି ଦିଆଯାଇନଥିବା ଜଣାପଡିଛି । ଦିନକୁ ଦିନ ଗୋଟିଏ ପରିବାରର ଏହି ଚାରିଜଣ ଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇ ପୁରା ଦୁନିଆ ଅନ୍ଧକାର ଦିଶିବା ପୂର୍ବରୁ ପ୍ରଶାସନ କିମ୍ବା କୌଣଷି ବଦାନ୍ୟ ବ୍ୟକ୍ତି ସହଯୋଗ କଲେ ବଳକା ଜୀବନ ସୁଖମୟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଗୁଣୁପୁର,୦୧।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଗୁଣୁପୁରର ଜାତୀୟ ସେବା ଯୋଜନା ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ରେଜିଷ୍ଟ୍ରାର ଡ଼. ଏନ.ଭି. ଜେ. ରାଓ ଉପସ୍ଥିତ ରହି ସମସ୍ତ ଦେଶବାସିଙ୍କ ଏକତା ବଢେଇବା ଉଦ୍ୟସରେ କେଭିଡ଼-୧୯ ନିୟମାବଳୀ ଅବଲମ୍ବନ କରି ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଡିନ ଏକାଡେମୀକ ପ୍ରଫେସର ଏ. ଭି.ଏନ.ଏଲ.ଶର୍ମା, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ପ୍ରେମାନଶୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ଜ୍ୟୋତିର୍ମୟ ମିଶ୍ର, ୟୁନିଟ-୧, ପ୍ରଫେସର ରଶ୍ମି ପ୍ରଭା ମହାରଣା, ୟୁନିଟ-୨, ପ୍ରଫେସର ତାପସ ଛୁଆଲ ସିଂ, ୟୁନିଟ-୩, ପ୍ରଫେସର ଦିଲ୍ଲୀପ କୁମାର ପଟ୍ଟନାୟକ, ପ୍ରଫେସର ଭି.ଗଣେଶ, ପ୍ରଫେସର ସନ୍ତୋଷ ବିନ୍ଧ୍ୟାଣୀ, ପ୍ରଫେସର ସୁଭାସିସ ଦାସ, ରଘୁନାଥ ପଣ୍ଡା, ପ୍ରମୋଦ କୁମାର ରଥ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବାରଦୁଆରେ ବିତୁଛି ଜୀବନ : ଅସହାୟ ନାରାୟଣଙ୍କ ପାଇଁ କଂକ୍ରିଟ ଘର ସାତ ସପନ

ଧର୍ମଶାଳା,୦୧।୧୧ (ନି.ପ୍ର): ସରକାର ଗୀବମାନଙ୍କ ନିମନ୍ତେ ବିଭନ୍ନ ଯୋଜନାମାନ କରିବା ସହ ଏହାର ପ୍ରଚାର ଓ ପ୍ରଚାର ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ବାସ୍ତବରେ ତାହା କାର୍ଯ୍ୟରେ ଲାଗୁ ନଥିବା ଦେଖିବାକୁ ମିଳିଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ସ୍ୱାଇଁଖଣ୍ଡ ପଂଚାୟତ ଝାଁପଡା ଗ୍ରାମରେ । ଏହି ଗ୍ରାମରେ ନାରାୟଣ ଦାଶଙ୍କ ବୟସ ୬୫ ପାର । ନିଜ ଜୀବନ କାଳ ମଧ୍ୟରେ କଂକ୍ରିଟ ଘର ମୁଣ୍ଡ ଗୁଞ୍ଜିବା ତାଙ୍କ ପକ୍ଷେ ସାତ ସପନ ହୋଇ ରହିଗଲା । ଭାବିଥିଲେ ସରକାରୀ ସହାୟତ ମିଳିଲେ ସେହ କଂକ୍ରିଟ ଘରେ ଶେଷ ଜୀବନ ବିତିବ । ହେଲେ ତାହା ତାଙ୍କ ସ୍ୱପ୍ନ ସ୍ୱପ୍ନ ରହିଗଲା । ଏବେ ବୃଦ୍ଧ ବୟସରେ ଏତେ ଟଙ୍କା କେଉଁଠୁ ଆଣି ଘର ଖଣ୍ଡେ କରିବେ ତହା ଭଗବାନଙ୍କ ଉପରେ ଶେଷ ଭରସା କରିଛନ୍ତି । ନିଜର ବୋଲି ପିଲା ଛୁଆ କେହି ନାହାନ୍ତି । ହାତ ଧରିଥିବା ସ୍ତ୍ରୀ ଶେଷରେ ତାଙ୍କୁ ଛାଡି ଚାଲି ଯାଇଥିବା ବେଳେ ଏବେ ସେ ଏକୁଟିଆ ପାଲଟି ଯାଇଛନ୍ତି । ସେ ଛପର ଘରେ ମୁଣ୍ଡ ଗୁଞ୍ଜୁଥିଲେ । ହେଲେ ଦୈବ ଶେଷରେ ତାଙ୍କା ସାହା ମଧ୍ୟ ହେଲା ନାହିଁ । କାନ୍ଥ ଭାଙ୍ଗି ରୁଜି ଯିବା ସହ ଛପର ଉଡିଗଲାଣି । ଦିନରେ ଖରାକୁ ରାତିରେ ଜହ୍ନ ଆଲୁଅ ଘରେ ପଡୁଛି । ଏବେ ସେହି ଘର ରହିବା ପାଇଁ ଅନୁପଯୁକ୍ତ ହୋଇ ପଡିବାରୁ ଏବେ ସେ ବାରଦୁଆରେ ବୁଲି ଆହା ତାହା ପିଣ୍ଡାରେ ରାତି କାଟୁଛନ୍ତି । ଦିନ ବେଳେ ଏଣେତେଣେ ବୁଲି ଯାହା ଆଣନ୍ତି ତାହା ଗଛ ମୂଳେ ଖାଇ ଶୋଇପଡନ୍ତି । ଏଭଳି ଦୃଶ୍ୟ ସ୍ୱଚକ୍ଷରୁ ଦେଖିଲେ ଆଖିବରୁ ଲୁହ ବାହାରି ଆସିବ । ଏଭଳି ଅସହାୟ ପ୍ରତି ସ୍ଥାନୀୟ ଲୋକ ପ୍ରତିନିଧି ଓ କେହି ସାମାଜିକ କର୍ମୀଙ୍କ ନଜରରେ ନ ପଡିବା ଏହା ଦୂର୍ଭାଗ୍ୟ ସଦୃଶ । ଅନ୍ତତଃ ପକ୍ଷେ ସରକାରଙ୍କ ତରଫରୁ ଘର ଖଣ୍ଡେ ମିଳି ଗଲେ ଶେଷ ସମୟ ସେହିଠାରେ କାଟି ଦେବେ ବୋଲି ନାରାୟଣ ତାଙ୍କ କୋହ ଭରା କଣ୍ଠରେ ପ୍ରକାଶ କରିଛନ୍ତି । ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି ।

# ଅସୁରକ୍ଷିତ ଗହୀରମଥା, ଅଲିଭରିଡଲେଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ପଟ୍ଟାମୁଣ୍ଡାଇ,୦୧।୧୧ (ନି.ପ୍ର): ଅଲିଭରିଡଲେ କଇଁଛର ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ । ଏହାର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନଭେମ୍ବର ପ୍ରଥମ ସପ୍ତାହରୁ ମେ ମାସ ପର୍ଯ୍ୟନ୍ତ ଅଲିଭରିଡଲେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ନିଜର ବଂଶବିସ୍ତାର କରିବା ପାଇଁ ଆସିଥାନ୍ତି । ସୁଦୂର ଶ୍ରୀଲଙ୍କା ଓ ଜାଫନା ଉପକୂଳରୁ ହଜାର ହଜାର ସାମୁଦ୍ରିକ ନଟିକାଲ ମାଇଲ ଅତିକ୍ରମ କରି ଏଠାକୁ ଆସିଥାନ୍ତି । ନଭେମ୍ବର ମାସରୁ ଡିସେମ୍ବର ମାସ ମଧରେ ସେମାନଙ୍କ ମିଳନପର୍ବ ଚାଲିଥାଏ । ଏହାପରେ ସେମାନେ ସୂର୍ଯ୍ୟାସ୍ତ ପରେ ବାଲୁକା ଶଯ୍ୟାକୁ ଉଠିଆସି ଅଣ୍ଡାଦନ କରିଥାନ୍ତି । ଗହୀରମଥାର ନାଶୀ-୧, ନାଶୀ-୨, ବାବୁବାଲୀ ପ୍ରଭୃତି ସ୍ଥାନରେ ସମୂହ ଅଣ୍ଡାଦାନ କରିଥାନ୍ତି । ଅଲିଭରିଡଲେ କଇଁଛ ଗହୀରମଥାକୁ ସୁରକ୍ଷା ମଣି ଆସୁଥିବା ବେଳେ ଏହି ଅଭୟାରଣ୍ୟ ପରିସରରେ ପ୍ରଚୁର ପରିମାଣରେ ମାଛ ଉପଲବ୍ଧ ହୋଇଥାନ୍ତି । ଏହି ମାଛ ଉପରେ ଟ୍ରଲର ମାଲିକଙ୍କ ଲୋଲୁପ ଦୃଷ୍ଟି ହେତୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଟ୍ରଲର ମାଛ ଧରିଥାଏ । ଟ୍ରଲର ମାଡ ଓ ଜାଲରେ ଛନ୍ଦି ହୋଇ ଶହଶହ ସଂଖ୍ୟାରେ ଏହି ନିରୀହ ଜୀବ ମୃତ୍ୟୁବରଣ କରନ୍ତି । ମାଛର ଚରମଶତ୍ରୁ ଜେଲିଫିସକୁ ଖାଇ ମାଛ ବଂଶବୃଦ୍ଧିରେ ସହାୟକ ହେଉଥିବା ଅଲିଭରିଡଲେ ଅନ୍ତୁଡିଶାଳରେ ହିଁ ମୃତ୍ୟୁବରଣ କରିଥାଏ । ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଥାଏ । ସେମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ନିୟୋଜିତ ହୋଇଥିବା ଦୁଇଟି ହାଇ ସ୍ପିଡିବୋଟ ବର୍ଷେ ହେଲା ଅଚଳ ହୋଇପଡିଛି । ବାହାରୁ ଆସିଥିବା ଏହି ଦୁଇ ବୋଟ ପାଇଁ ଯନ୍ତ୍ରାଂଶ ଓ ସ୍ଥାନୀୟ ଅଂଚଳରେ ମେକାନିକ୍ ମିଳୁନାହାଁନ୍ତି । ଅପରପକ୍ଷରେ ପୂର୍ବରୁ ସେମାନଙ୍କ ସୁରକ୍ଷାରେ ନିୟୋଜିତ ଥିବା ଟ୍ରଲର ଅଲଭିୟା ପୁରୁଣା ହୋଇଥିବାରୁ ଅନ୍ୟ ଟ୍ରଲରକୁ ସମୁଦ୍ରରେ ଗୋଡାଇ ଧରିବା ସମ୍ଭବ ନୁହେଁ । ଅଲଭିୟା ଟ୍ରଲରକୁ ଉଚ୍ଚଶକ୍ତି ସଂପନ୍ନ ପାଇଁ ଧାମରାଠାରେ ତାର ମରାମତି କରାଯାଉଛି । ତାର କାର୍ଯ୍ୟ ମଧ ଏଯାଏ ସରିନାହିଁ । ଏଭଳି ପରିସ୍ଥିତିରେ ଅଲିଭରିଡଲେ କଇଁଛ ଋତୁ ଆରମ୍ଭ ହୋଇଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପ୍ରଚୁର ମାଛକୁ ଦୃଷ୍ଟିରେ ରଖି ଶହଶହ ସଂଖ୍ୟାରେ ଟ୍ରଲର ମାଛ ଧରିବାକୁ ଚାଲି ଆସିବେ । ଧାମରା ମୁହାଁଣଠାରୁ ଦେବୀ ମୁହାଁଣ ଯାଏ ୧୬୦କିଲୋମିଟର ଲମ୍ବ ଓ ଉପକୂଳରୁ ସମୁଦ୍ର ଭିତରକୁ ୨୦କିଲୋମିଟର ପର୍ଯ୍ୟନ୍ତ ୧୪୩୭ ବର୍ଗକିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭରିଡଲେ କଇଁଛର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଲିଭରିଡଲେ କଇଁଛ ପାଇଁ ସ୍ୱତନ୍ତ୍ର ଭାବେ ଆସିଥିବା ଏହି ଦୁଇଟି ହାଇସ୍ପିଡ୍ ବୋଟ ବର୍ଷେ ହେବ ଅଚଳ ହୋଇଥିବା ବେଳେ ବନବିଭାଗ ସଜାଡିଲା ନାହିଁ କାହିଁକି ? ଟ୍ରଲର ମାଲିକଙ୍କ ସହିତ ଭୁବନେଶ୍ୱରରେ ଥିବା ଅଧିକାରୀଙ୍କ ସହିତ ଡିଲ ହୋଇନାହିଁ ତ ? ସରକାର ଅଲିଭରିଡଲେ କଇଁଛ ପାଇଁ ଏହି ସାମୁଦ୍ରିକ ଅଂଚଳକୁ ୧୯୯୭ ମସିହାରେ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଥିଲେ । ରାଜନଗର ବନଖଣ୍ଡ ଅଧିନରେ ଥିବା ଏହି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଦାୟିତ୍ୱରେ ଜଣେ ରେଞ୍ଜରଙ୍କୁ ରଖାଯାଇଛି । ପୂର୍ବରୁ ଏଠାରେ ଦାୟିତ୍ୱ ନିର୍ବାହ କରିଥିବା ରେଞ୍ଜରଙ୍କ କାର୍ଯ୍ୟକରିବାର ଶୈଳୀକୁ ଆଜିବି ଅନେକ ପରିବେଶବିତ ଓ ପ୍ରକୃତିପ୍ରେମୀମାନେ ପ୍ରଶଂସା କରୁଥିବା ବେଳେ ଦାୟିତ୍ୱରେ ଥିବା ରେଞ୍ଜ ଅଫିସରଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏନେଇ ରାଜନଗର ବନଖଣ୍ଡ ଅଧିକାରୀ ବିକାଶରଞ୍ଜନ ଦାଶଙ୍କୁ ପଚାରିବାରୁ ହାଇସ୍ପିଡ ବୋଟ-୧ର ଇଞ୍ଜିନ ବାଲେଶ୍ୱର ପଠାଯାଇଥିବା ବେଳେ ହାଇସ୍ପିଡ ବୋଟ-୨ ର ଅଳ୍ପକିଛି ସମସ୍ୟା ରହିଛି । କଲିକତାରୁ ମେକାନିକ୍ ଆସୁଛନ୍ତି, ଦିନେ ଦୁଇଦିନ ମଧରେ ଠିକ ହୋଇଯିବ ବୋଲି କହିଛନ୍ତି । ଅଲିଭିୟା ଧାମରାଠାରେ ଉଚ୍ଚ କ୍ଷମତା ସଂପନ୍ନ କରାଯାଉଥିବା ବେଳେ ବର୍ଷା ପାଇଁ ଏହାର କାମ ବାଧାପ୍ରାପ୍ତ ହୋଇଛି । ସପ୍ତାହେ କିମ୍ବା ଦୁଇ ସପ୍ତାହ ମଧରେ ଠିକ ହୋଇଯିବ ବୋଲି କହିଛନ୍ତି ।

# ଜଳ ଘଟେଇ : ସ୍ୱତନ୍ତ୍ର ଖାଦ୍ୟ, ନିଆରା ସ୍ୱାଦ

ବାରିପଦା,୦୧।୧୧ (ନି.ପ୍ର): ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ପରମ୍ପରା ଓ ଚଳଣିରେ ଯେମିତି ସ୍ୱତନ୍ତ୍ରତା ଭରି ରହିଛି ଠିକ୍ ସେମିତି ଖାଦ୍ୟପେୟରେ ମଧ ସ୍ୱତନ୍ତ୍ର ରୁଚି ରହିଛି । ସେହିପରି ଖାଦ୍ୟ ରାନ୍ଧିବା ପ୍ରଣାଳି ବା ଶୈଳିରେ ମଧ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ । ଏହାମଧରେ ପୋଖରୀ, ନାଳ ଓ ବିଲରେ ଦେଖିବାକୁ ମିଳୁଥିବା ଏକ ପ୍ରଜାତିର ଛୋଟ ଛୋଟ ଗେଣ୍ଡା ବା ଜଳଘଟେଇ(ଏକ ପ୍ରଜାତିର ଗେଣ୍ଡା)ରୁ ପ୍ରସ୍ତୁତ ସ୍ୱତନ୍ତ୍ର ବ୍ୟଞ୍ଜନର ନିଆରା ସ୍ୱାଦ ଭରିରହିଛି । ବିଶେଷ କରି ଏଥିରୁ ପ୍ରସ୍ତୁତ ପତୁଆ ବେଶ ସ୍ୱାଦିଷ୍ଟ ହୋଇଥାଏ । ଉକ୍ତ ଜଳଘଟେଇ ବା ଗେଣ୍ଡାରୁ ବାହାରୁଥିବା ମାଂସରୁ ପ୍ରସ୍ତୁତ ତରକାରୀରେ ନିଆରା ସ୍ୱାଦ ରହିଥିବା ସମୟରେ ଔଷଧୀୟ ଗୁଣ ସହ ପ୍ରୋଟିନ ଓ ଆଇରନରେ ପରିପୂର୍ଣ୍ଣ ଥିବାର ଜଣାପଡ଼ିଛି । ଅର୍ଥ ରୋଜଗାର ନିମନ୍ତେ କେତେକ ଜନସାଧାରଣ ମୟୂରଭଞ୍ଜ ଜିଲ୍ଲା ସହ ବାଲେଶ୍ୱର, ଭଦ୍ରଖ ଆଦି ଜିଲ୍ଲାର ଗ୍ରାମାଂଚଳକୁ ଯାଇ ଲୋକମାନଙ୍କ ପୋଖରୀ ପାଣି ଭିତରୁ ଜଳ ଘଟେଇ ସଂଗ୍ରହ କରି ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସର ବିଭିନ୍ନ ହାଟ ବଜାରରେ ବିକ୍ରି କରିଥାନ୍ତି । ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ- ଏହାକୁ ସଠିକ୍ ଢ଼ଙ୍ଗରେ ରାନ୍ଧି ପାରିଲେ ଏହା ଖାଇବାକୁ ବେଶ ସ୍ୱାଦିଷ୍ଟ ହୋଇଥାଏ । ପ୍ରଥମେ ଜଳ ଘଟେଇ ଉପରେ ଥିବା ଶକ୍ତ ଆବରଣକୁ ଭାଙ୍ଗି ସେଥିରୁ ମାଂସ ବାହାର କରାଯାଇଥାଏ । ଅଥବା କେହି କେହି ଗରମ ପାଣିରେ ସିଝାଇବା ପରେ ତାକୁ ଭାଙ୍ଗି ଥାନ୍ତି । ଏହାଫଳରେ ଭିତରେ ଥିବା ମାଂସକୁ ବାହାର କରିବା ସହଜ ହୋଇଥାଏ । ଏହାପରେ ୪ରୁ ୫ ଥର ଭଲ ଭାବରେ ଧୋଇ ସେଥିରେ ଥିବା ଲାଳ ଅଂଶକୁ ବାହାର କରିଦିଆଯାଏ ଏବଂ ସେଥିରେ ହଳଦୀ, ଲୁଣ, ତେଲ ଓ ଅନ୍ୟାନ୍ୟ ମସଲା ଗୋଳାଇ କଂଚା କଦଳୀପତ୍ରରେ ବାନ୍ଧି ନିଆଁରେ ପୋଡ଼ି ପତୁଆ ପ୍ରସ୍ତୁତ କରାଯାଏ । ପୁଣି ଗେଣ୍ଡାର ଆଇଁଶିଆ ଗୁଣକୁ କଟାଇବା ନିମନ୍ତେ ତାର ମାଂସକୁ ସିଝାଇ ପାଣିରୁ ଅଲଗା କରିବା ପରେ ସ୍ୱାଦ ଅନୁସାରେ ଲୁଣ , ହଳଦୀ, ପିଆଜ, ଆଦା, ରସୁଣ ଆଦି ମସଲା ସହ ତେଲରେ କଷି ମାଂସ ରାନ୍ଧିବା ଭଳି ରୋଷେଇ କରାଯାଏ । କୁନି ସିଂ, ମଧୁବନ ତଳସାହି, ବାରିପଦା : ଆଜକୁ ୮ ବର୍ଷ ଧରି ବାରିପଦାରେ ଗେଣ୍ଡା ବିକ୍ରି କରିଆସୁଛି । ଜଳେଶ୍ୱର, ବାଲିଆପାଳ, ଭଦ୍ରଖ, ମାର୍କୋଣା, ବସ୍ତା, ରୁପ୍ସା ଆଦି ଅଂଚଳରୁ ଜନସାଧାରଣଙ୍କ ପୋଖରୀ ପାଣିରୁ ଗେଣ୍ଡା ସଂଗ୍ରହ କରିଥାନ୍ତି । ପରବର୍ତି ଦିନ ବଜାରରେ ପ୍ରତି କିଲୋଗ୍ରାମ ୩୦ ଟଙ୍କା ମୂଲ୍ୟରେ ବିକ୍ରି କରିଥାନ୍ତି । ବଡ଼ବଡ଼ିଆଠାରୁ ଆରମ୍ଭ କରି ଖଟିଖିଆ ପର୍ଯ୍ୟନ୍ତ ସମାଜର ପ୍ରାୟ ସମସ୍ତ ବର୍ଗର ଜନସାଧାରଣ ତାଙ୍କ ନିକଟରୁ କିଣିଥାନ୍ତି । ଏହାକୁ ଖାଇବା ଦ୍ୱାରା ଆର୍ଶରୋଗ ଭଲ ହୋଇଥାଏ, ଦୃଷ୍ଟିଶକ୍ତି ବୃଦ୍ଧି ସହ ଚକ୍ଷୁ ଜନିତ ରୋଗ, ଆଣ୍ଠୁଗଣ୍ଠି ବ୍ୟଥା ଭଲ ହୋଇଥାଏ । ଦୈନିକ ୨୫ ରୁ ୩୦କିଲୋଗ୍ରାମ ଗେଣ୍ଡା ବିକ୍ରି କରି ଯାହା ଆୟ ଉପାର୍ଜନ ହୋଇଥାଏ ସେଥିରେ ପରିବାର ଚଳାଇଥାନ୍ତି ବୋଲି କହିଥିଲେ । ମଙ୍ଗଲ ସିଂ, ମଧୁବନ : କରୋନା ମହାମାରୀ ଆୟ ଉପାର୍ଜନ ଛଡ଼ାଇ ନେଇଥିବା ସମୟରେ ଗେଣ୍ଡା ବିକ୍ରି କରି ପରିବାର ଚଳାଉଛନ୍ତି । ଅଟୋ ଭଡ଼ା କରି ପ୍ରତ୍ୟେକ ଦିନ ସକାଳୁ ବାହାରି ମୟୂରଭଞ୍ଜ ସହ ବାଲେଶ୍ୱର ଭଦ୍ରଖ ଆଦି ଜିଲ୍ଲାର ଗାଁଗଣ୍ଡାର ପୋଖରୀରୁ ଗେଣ୍ଡା ସଂଗ୍ରହ କରି ରାତିରେ ଘରେ ପହଁଚି ଥାଉ । ପରବର୍ତି ଦିନ ବଜାରରେ ବିକ୍ରି କରି ଅଟୋଭଡ଼ା ବାଦ ଦେଇ ପ୍ରାୟ ୨ ଶହରୁ ୩ ଶହ ଟଙ୍କା ବାହାରି ଥାଏ । ବଜାରରେ ଗେଣ୍ଡାର ବେଶ ଚାହିଦା ରହିଛି, କିନ୍ତୁ ଚାହିଦା ଅନୁସାରେ ଯୋଗାଇ ହେଉ ନାହିଁ ବୋଲି କହିଥିଲେ । ହାରୁ ସିଂ, ପୋଡ଼ାଅସ୍ତିଆ : ଗେଣ୍ଡାରେ ପ୍ରୋଟିନ, ଆଇରନ, କ୍ୟାଲସିୟମ ଆଦି ଭରି ରହିଛି । ଏହାର ମାଂସ ଖାଇବା ଦ୍ୱାରା ରକ୍ତ ବୃଦ୍ଧି ହେବା ସହ ଦୃଷ୍ଟି ଶକ୍ତିବୃଦ୍ଧି, ଚକ୍ଷୁ ସମସ୍ୟା ଦୂର, ହାଡ଼ ଶକ୍ତ ହେବା, ଆଣ୍ଠୁଗଣ୍ଠି ବ୍ୟଥା ଆଦି ବିଭିନ୍ନ ଦୂର ହୋଇଥାଏ । କେଜିଏ ଗେଣ୍ଡାରୁ ପ୍ରାୟ ୩ ଗ୍ରାମ ମାଂସ ବାହାରିଥାଏ । ଗ୍ରାମାଂଚଳର ବିଭିନ୍ନ ହାଟରେ କଠା ମାପରେ ବିକ୍ରି ହୋଇଥାଏ । ଗେଣ୍ଡା ଖାଇବା ଦ୍ୱାରା ନିଜେ ସୁସ୍ଥ ସବଳ ରହିବା ସହ ପରିବାରର ସଦସ୍ୟମାନେ ମଧ ସୁସ୍ଥ ସବଳ ରହୁଛନ୍ତି । କିନ୍ତୁ ରାନ୍ଧିବାର ଶୈଳି ବା ପ୍ରଣାଳୀ ଜାଣିଥିଲେ ଏହାର ସ୍ୱାଦ ବଜାରରେ ମିଳୁଥିବା ମାଛ ଓ ମାଂସଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହାର ବ୍ୟବହାର କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଅଥବା ଜାତି ମଧରେ ସିମୀତ ନୁହେଁ । ଔଷଧୀୟ ଗୁଣରେ ପରିପୂର୍ଣ୍ଣ ରହିଥିବାରୁ ସମାଜରେ ଧନୀ ଓ ଗରୀବ ଉଭୟ ବର୍ଗରେ ଏହାର ଚାହିଦା ରହିଛି । ଥରେ ଏହାର ସ୍ୱାଦ ଜିଭରେ ଲାଗିଲେ ବାରମ୍ବାର ଖାଇବା ନିମନ୍ତେ ଆଗ୍ରହ ହେବ ବୋଲି କହିଥିଲେ ।

# ରାସ୍ତା ଉପରେ ହୁତ ହୁତ ହୋଇ ଜଳିଗଲା ଟ୍ରକ୍

କେନ୍ଦୁଝର,୦୧।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ରାସ୍ତା ଉପରେ ହଠାତ୍ ହୁତ ହୁତ ହୋଇ ଜଳିଯାଇଛି ଏକ ଦଶ ଚକିଆ ଟ୍ରକ୍ । ଟ୍ରକରେ ନିଆଁ ଲାଗିବାର କାରଣ ସ୍ୱଷ୍ଟ ହୋଇ ନଥିଲେ ମଧ ସର୍ଟସର୍କିଟ ବୋଲି କୁହାଯାଉଛି । ଶନିବାର ଦିନ ସକାଳ ବେଳା ହରିଚନ୍ଦନପୁର ଆଡୁ କେନ୍ଦୁଝର ଅଭିମୁଖେ ଆସୁଥିବା ଏକ ଦଶଚକିଆ ଟ୍ରକ୍ ପିଟାପିଟି ଗ୍ରାମ ନିକଟସ୍ଥ ଭାଇ ଭାଇ ଢାବା ପାଖରେ ହୁତ ହୁତ ହୋଇ ଜଳି ଯାଇଥିଲା । ଟ୍ରକର ଡ୍ରାଇଭର ଲୁହା ପଥର ବୋଝେଇ କରିବାକୁ କେନ୍ଦୁଝର ଆସୁଥିବା ବେଳେ ଭାଇ ଭାଇ ଢାବା ପାଖରେ ଚାହା ପିଇବା ଲାଗି ଟ୍ରକଟିକୁ ଛିଡା କରାଇଥିଲେ । ଏବଂ ଗାଡି ନିକଟରେ ଚା ପିଉଥିଲେ । ଏହି ସମୟରେ ହଠାତ୍ ଟ୍ରକଟି ହୁତ ହୁତ ହୋଇ ଜଳି ଯାଉଥିବା ଦେଖିବାକୁ ମିଳିଥିଲା । ଖବରପାଇ ହରିଚନ୍ଦନପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ । ପ୍ରାୟ ଏକ ଘଂଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ତେବେ ସର୍ଟ ସର୍କିଟରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି । ଉକ୍ତ ଟ୍ରକଟିର ନଂ ଓଆର.୦୯ଏନ୍.-୬୨୩୧ ରହିଥିବା ବେଳେ ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ରହିଛନ୍ତି ।

# କନ୍ଧମାଳ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଓ ଲୌହମାନବ ସର୍ଦ୍ଧାର ପଟେଲଙ୍କ ୧୪୫ତମ ଜୟନ୍ତୀ ପାଳିତ

କନ୍ଧମାଳ,୦୧।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ପୋଲିସ ପକ୍ଷରୁ ଫୁଲବାଣୀ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆ ଠାରେ ରାଷ୍ଟ୍ରୀୟ ଏକତା ଦିବସ ଏବଂ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୫ତମ ଜୟନ୍ତୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଯୋଗ ଦେଇ ଦେଶର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ଦେଶ ପ୍ରେମ ଏବଂ ଦେଶର ଅଖଣ୍ଡତା ପାଇଁ ତାଙ୍କର ଦୃଢ଼ ନିଷ୍ଠା ଓ ପ୍ରଚେଷ୍ଟା ବିଷୟରେ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ପୋଲିସ ଅଧିକାରୀ ଏବଂ ଜବାନ ମାନଙ୍କୁ ଅବଗତ କରାଇଥିଲେ । ପରେ ସେଠାରେ ଉପସ୍ଥିତ ସମସ୍ତ ପୋଲିସ କର୍ମଚାରୀ ଏବଂ ଅଧିକାରୀ ମାନେ ଆରକ୍ଷୀ ଅଧିକ୍ଷକଙ୍କ ସମେତ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବାକୁ ନିଜକୁ ସମର୍ପିତ କରିବା ସହ ଏହି ବାର୍ତାକୁ ଦେଶବାସୀଙ୍କ ମଧରେ ପ୍ରଚାର କରିବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରି ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ କରିବାକୁ ନିଜକୁ ବିନିଯୋଗ କରିବାକୁ ଶପଥ ପାଠ କରିଥିଲେ ।

# ଶିକ୍ଷା ବିଭାଗର ୪ ଜଣ କର୍ମଚାରୀଙ୍କ ଅବସର ଗ୍ରହଣ

ନୂଆପଡା,୦୧।୧୧ (ନି.ପ୍ର): ନୂଆପଡା ଜିଲ୍ଲା ସ୍ଥିତ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୪ ଜଣ କର୍ମଚାରୀ ଶନିବାର ଅବସର ଗ୍ରହଣ କରିଛନ୍ତି । ସୂଚନା ଅନୁସାରେ ଖଡିଆଳ ବ୍ଲକ ଅନ୍ତର୍ଗତ ଫଂଚାୟତ ଉଚ୍ଚ ବିଦ୍ୟାଳୟ ଲୋହରାପାଲିର ସଂସ୍କୃତ ଶିକ୍ଷୟିତ୍ରୀ ସୁନୟନା ପଣ୍ଡା, ଢୁଆଝର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାମଚନ୍ଦ୍ର ଦାଶ, ବୋଡେନ ବ୍ଲକ କେରାପଦର ଦ୍ୱାରସେନୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ମୋହନ ପାଣିଗ୍ରାହୀ ଏବଂ ନୂଆପଡା ବ୍ଲକ କଣାଭଏଁରା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭରତ ସିଂ ଛତ୍ରୀ ପ୍ରମୁଖ ନିଜ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ନୂଆପଡା ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଅବସର ଗ୍ରହଣ କରିଥିବା ୪ ଜଣ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହାସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ମହେଶ କୁମାର ଦଣ୍ଡସେନା, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷିକା, ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତେ ଅଭିନନ୍ଦନ ଜଣାଇଛନ୍ତି ।

## ଇନ୍ଦିରା ଗାନ୍ଧୀଙ୍କ ୩୬ତମ ଶ୍ରାଦ୍ଧଦିବସ ପାଳିତ

ଜୟପୁର,୦୧।୧୧ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଇନ୍ଦିରା ଗାନ୍ଧୀଙ୍କ ୩୬ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ଏନେଇ ଭବନ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲା ସଭାନେତ୍ରୀ ମିନାକ୍ଷି ବାହିନିପତି ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଦେଶ ପାଇଁ ଗାନ୍ଧୀ ପରିବାରର ଅବଦାନ ବହୁତ ରହିଛି ଯାହା ଚିରସ୍ମରଣିୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିନୋଦ ମହାପାତ୍ର, ହସନ ମଦାନି, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, ମଦନ ମୋହନ ନାୟକ, ନିହାର ବିଷୋୟୀ, କୃଷ୍ଣ ନେପାକ, ନରେନ୍ଦ୍ର ମହାନ୍ତି, ବ୍ରଜ ନାଗ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଁ ସୁନାଦେଇଙ୍କ ବୁଏଲ ଓ ଛତର ଯାତ୍ରା କଟକଣା ମଧ୍ୟରେ ଅନୁଷ୍ଠିତ

ନୂଆପଡା,୦୧।୧୧ (ନି.ପ୍ର): ନୂଆପଡା ଜିଲ୍ଲାର ମାଓବାଦୀଙ୍କ ଲାଲଗଡ କୁହାଯାଉଥିବା କୋମନା ବ୍ଲକର ସୁନାବେଡା ଅଭୟାରଣ୍ୟ ଅ ଳର ଆଦିବାସୀ ମାନଙ୍କ ଆରାଧ୍ୟଦେବୀ ମାଁ ସୁନାଦେଇଙ୍କ ବୁଏଲ ଛତର ଯାତ୍ରା ଶନିବାର କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦଶହରା କୁଆଁର ପୂର୍ଣ୍ଣୀମାରେ ମାଁ ସୁନାଦେଇଙ୍କ ଯାତ୍ରାକୁ ଦେଖିବା ପାଇଁ ଅନ୍ୟ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଭକ୍ତ ମାନଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳୁଥିଲା, କିନ୍ତୁ ଚଳିତ ବର୍ଷ ପ୍ରଶାସନର କୋଭିଡ କଟକଣା ଏବଂ ପାର୍ବତ୍ୟା ଳକୁ ଯିବା ସମସ୍ତ ରାସ୍ତାକୁ ସିଲ କରି ଦିଆଯିବାରୁ ସୁନାବେଡା ଅଂଚଳର ହନ ସାଧାରଣଙ୍କୁ ଛାଡି ବାହାର ଅ ଳର କୌଣସି ଭକ୍ତ ଦେଖିବାକୁ ଯାଇପାରିନଥିଲେ । ଯାହାଫଳରେ ଭକ୍ତ ମହଲରେ ନିରାଶାଭାବ ଦେଖିବାକୁ ମିଳିଥିଲା । ଏହି ସୁନାବେଡା ଅଭୟାରଣ୍ୟ ସମୁଦ୍ର ପ ନ ଠାରୁ ସାଢେ ତିନି ହଜାର ଫୁଟ୍ ଉଚ୍ଚତା ଉପରେ ରହିଛି । ସୁନାବେଡା ଅଂଚଳର ଆଦିବାସୀ ମାନଙ୍କ ଇଷ୍ଟଦେବୀ ହେଉଛନ୍ତି ମାଁ ସୁନାଦେଇ । ସୁନାବେଡା ଅ ଳର ୮୪ ଗୋଟି ଗାଁର ଚକୁଟିଆ ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ଲୋକମାନେ ମାଁ ସୁନାଦେଇଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସୁନାଦେଇଙ୍କ ନିର୍ଦ୍ଦେଶ ଅନୁସାରେ ଗାଁର ସକଳ କାମ ଶୁଭାରମ୍ଭ ହୋଇଥାଏ । ସୁନାଦେଇ ଦେବୀଙ୍କ ଯାତ୍ରା ନ ହେବା ଯାଏଁ ସୁନାବେଡା ଅ ଳରେ ଆଦିବାସୀ ଲୋକମାନେ ଜଙ୍ଗଲର କୌଣସି ସାମଗ୍ରୀକୁ ସ୍ୱର୍ଶ ମଧ୍ୟ କରନ୍ତି ନାହିଁ । ସୁନାଦେଇଙ୍କ ଦଶହରାର କୁଆଁର ପୂର୍ଣ୍ଣିମା ପରେ ପରେ ଗାଁରେ ବିବାହ କିମ୍ବା ଯାନିଯାତ୍ରା ଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ଗୁଡିକ ମଧ୍ୟ ସଂଗ୍ରହ କରିଥାନ୍ତି । ଦଶହରା କୁଆଁର ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗାଁର ଝାଙ୍କର, ପୂଝାରୀ ଓ ଭକ୍ତ ପ୍ରଥମେ ସୁନାଦେଇଙ୍କ ମନ୍ଦିରକୁ ଆସିଥିଲେ । ପରେ ମାଁଙ୍କ ବଏଲ ଯାତ୍ରା ଅବସରରେ ସୁନାବେଡା ଠାରେ ଥିବା ମାଁ ସୁନାଦେଇଙ୍କ ମନ୍ଦିର ଠାରୁ ଛତରକୁ ବାହାର କରି ପୂଜାର୍ଚ୍ଚନା କରାଯାଇଥିଲା । ପୀଠରେ ପୂଜା ଶେଷ ପରେ ଦେବୀଙ୍କ ଛତର ଧରି ବୁଏଲକୁ ବାହାର କରିଥିଲେ । ସେଠାରେ ମାଁଙ୍କୁ ପୂଜାର୍ଚ୍ଚନା କରିବା ପରେ ଆରମ୍ଭ ହୋଇଯାଇଥିଲା ବୁଏଲ ଯାତ୍ରା । ରକ୍ତ ପୂଜା ପାଇଁ ମାଁ ସୁନାଦେଇଙ୍କୁ ନିଆଯାଇଥିଲା ଲିଙ୍ଗଭଟା ଠାରେ ଥିବା ମାଁଙ୍କ ଲିଙ୍ଗ ପାଖକୁ । ଏକ ବିରାଟ ଚଟାଣ ଉପରେ ଛତରକୁ ସ୍ଥାପନା କରି ପୂଜା କରାଯାଇଥିଲା । ପରେ ବରୁଆ ଠାରେ ମାଁ ସବାର ହୋଇଥିଲେ । ପରେ ଲିଙ୍ଗ ଠାରେ ବୋଦା ବଳି ଦିଆଯାଇଥିଲା । ଭକ୍ତମାନେ ସୁନାଦେଇ ଦେବୀଙ୍କ ଛତର ଓ ଶିରାଙ୍କ ଠାରେ ଆଶିର୍ବାଦ ଭିକ୍ଷା କରିଥିବା ବେଳେ ଭକ୍ତ ମାନେ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମାଁ ସୁନାଦେଇଙ୍କ ଠାରେ ପ୍ରାର୍ଥନା କରିଛନ୍ତି । ଏହି ସୁନାଦେଇ ଯାତ୍ରାରେ ନୂଆପଡା, ବଲାଙ୍ଗିର, ବରଗଡ ଜିଲ୍ଲା ସମେତ ପଡୋଶି ଛତିଶଗଡ ରାଜ୍ୟରୁ ବହୁ ଭକ୍ତମାନଙ୍କ ସମାଗମ ହୋଇଥାଏ, କିନ୍ତୁ ପ୍ରଶାସନର କୋଭିଡ କଟକଣା କାରଣରୁ ଖାଁ ଖାଁ ଲାଗିଥିଲା । ସୁନାବେଡା ଅ ଳର ଆରାଧ୍ୟ ଦେବୀ ମାଁ ସୁନାଦେଇଙ୍କ ପୂଜା ବର୍ଷକୁ ଦୁଇଥର ଚୈତ୍ରପୂର୍ଣ୍ଣିମା ଓ ଦଶହରା କୁଆଁର ପୂର୍ଣ୍ଣିମାରେ ପୂଜା ହୋଇଥାଏ । ସେ ମଧ୍ୟରୁ ଦଶହରାରେ କୁଆଁର ପୂର୍ଣ୍ଣିମାରେ ସୁନାଦେଇ ଦେବୀଙ୍କ ବୁଏଲ ଛତର ଯାତ୍ରାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଥିବା ବେଳେ ଏହା ତିନିଦିନ ଧରି ଚାଲିଥାଏ ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୦ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୧୧ (ନି.ପ୍ର): କୋଭିଡ୍-୧୯ ବିଶ୍ୱ ମହାମାରୀ ଭଳି ପରିସ୍ଥିତିରେ ଦୀର୍ଘ ସମୟ ଧରି ବିଦ୍ୟାଳୟ ବନ୍ଦ ରହିବା ଦ୍ୱାରା ପିଲାମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହୋଇଛି। ଏହା ମଧ୍ୟ ସେମାନଙ୍କ ମନସ୍ତାତ୍ତ୍ୱିକ, ଶାରୀରିକ, ମାନସିକ ଅବସ୍ଥା ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଇଛି । ନିରାଶ୍ରୟ ଶିଶୁମାନଙ୍କ ପାଖରେ ଖାଦ୍ୟ, ବସ୍ତ୍ର, ଆଶ୍ରୟର ଅଭାବ ସାଙ୍ଗକୁ ଘରୋଇ ହିଂସା, ନିର୍ଯାତନା ଏବଂ ଅବହେଳା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଶିଶୁମାନଙ୍କ ସୁରକ୍ଷିତ ଶୈଶବ ସହ ଉତ୍ତମ ଭବିଷ୍ୟତ ଗଠନ ପାଇଁ ସରକାରଙ୍କ ସହ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, ପିତାମାତା, ଅଭିଭାବକ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୦ମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ଆୟୋଗର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ 'କୋଭିଡ୍-୧୯ ମହାମାରୀ କାଳରେ ଶିଶୁଙ୍କ ଯତ୍ନ ଓ ସୁରକ୍ଷା' ଶୀର୍ଷକ ୱେବିନାର ଆୟୋଜିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କୋଭିଡ୍ ସ୍ଥିତିରେ ଶିଶୁମାନଙ୍କ ସୁରକ୍ଷା ପାଇଁ ଆୟୋଗ ତରଫରୁ ନିଆଯାଇଥିବା ବହୁବିଧ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ ।

ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଭିଡ଼ିଓ ବାର୍ତାରେ କହିଥିଲେ ଯେ 'ଶୈଶବ ହେଉଛି ଅନନ୍ତ ସମ୍ଭାବନାର ଆଧାର। ଶିଶୁମାନଙ୍କ ନିରାପଦ ଶୈଶବ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଏବଂ ସେମାନଙ୍କ ଚେତନାର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ।'ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଥିଲେ, ଶିଶୁମାନଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର ସର୍ବଦା ଯତ୍ନଶୀଳ ଅଛନ୍ତି। ତେବେ ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକଟି ଯୋଜନାର ସୁଫଳ କିଭଳି ଶିଶୁମାନେ ପାଇପାରିବେ ସେ ଦିଗରେ ଆୟୋଗର ମଧ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଶିଶୁମାନଙ୍କ ସମସ୍ୟାକୁ ସମ୍ବେଦନଶୀଳତାର ସହ ତୁରନ୍ତ ସମାଧାନ କରିବା ଦିଗରେ ଆୟୋଗର ଭୂମିକା ପ୍ରଶଂସନୀୟ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ । ବିଶିଷ୍ଟ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇବା ସହ ଶିଶୁମାନଙ୍କ ଶିକ୍ଷା ସଂପର୍କିତ ଆୟୋଗର ସମସ୍ତ ପ୍ରସ୍ତାବକୁ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏହି ମହାମାରୀର ସୁଦୂରପ୍ରସାରୀ ପ୍ରଭାବରେ ଶିଶୁ ସୁରକ୍ଷାର ଆହ୍ୱାନକୁ ମଧ୍ୟ ଯଥୋଚିତ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ କରିଥିଲେ। ଅଗ୍ନିଶମ ସେବା ତଥା ଗୃହରକ୍ଷୀ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି ଏବଂ ୟୁନିସେଫ୍ ର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ଶ୍ରୀମତୀ ମୋନିକା ନିଲେସନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷାର ବିବିଧ ଦିଗ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥିମାନେ ଆୟୋଗର ବାର୍ଷିକ ବିବରଣୀ, ୟୁନିସେଫ୍, ଆକ୍ସନଏଡ୍, ୱାର୍ଲ୍ଡ ଭିଜନ, ସେଭ୍ ଦି ଚିଲ୍ଡ୍ରେନ୍ ର ସହଯୋଗରେ ରାଜ୍ୟରେ କରୋନା କାଳରେ ଶିଶୁ ଏବଂ ଶିଶୁ ସୁରକ୍ଷା ସ୍ଥିତି ଅଧ୍ୟୟନ, ରାସ୍ତାକଡ଼ରେ ରହୁଥିବା ଶିଶୁମାନଙ୍କ ଉପରେ କୋଭିଡ୍-୧୯ର ପ୍ରଭାବ ଶୀର୍ଷକ ଅଧ୍ୟୟନ ରିପୋର୍ଟ ଏବଂ ସଚେତନତା ପୋଷ୍ଟର ଆଦିକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିଶୁ ତଥା ସାମାଜିକ ସୁରକ୍ଷାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ମୋ ପରିବାରର ଆବାହକ ଶ୍ରୀ ଅରୂପ ପଟ୍ଟନାୟକ, ପ୍ରମେୟ ଗ୍ରୁପ୍‌ର ସଂପାଦକ ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସିନେ ଅଭିନେତା ଶ୍ରୀ ସବ୍ୟସାଚୀ ମିଶ୍ର, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଓ ସମାଜସେବୀ, ଅପରାଜିତା ଅଭିଯାନ ପାଇଁ କୋରାପୁଟ ଜିଲ୍ଲାପାଳ ଶ୍ରୀ ମଧୁସୂଦନ ମିଶ୍ର, ବାଲ୍ୟମିତ୍ର ଥାନା ପାଇଁ ଗଜପତି ଆରକ୍ଷୀ ଅଧୀକ୍ଷକ ଶ୍ରୀ ତପନ କୁମାର ପଟ୍ଟନାୟକ, ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ସମ୍ବଲପୁର ଶିଶୁ ମଙ୍ଗଳ ସମିତି, ଭୁବନେଶ୍ୱରସ୍ଥ ଆଦୃତ ଶିଶୁକନ୍ୟା ଗୃହ, କୋରାପୁଟ ବ୍ଲକ୍ ବାଲ୍ୟବିବାହ ନିଷେଧ ଅଧିକାରୀ ଶ୍ରୀମତୀ ସୁଷମା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରରେ ଆୟୋଜିତ ସୃଜନୀ ପ୍ରତିଯୋଗିତାରେ ପ୍ରତି ଜିଲ୍ଲାର ୩ ଜଣ ବିଜୟୀ ଶିଶୁଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।

## ଗୋଲଡେନ୍ ଜିମ୍ ପକ୍ଷରୁ ଦରିଦ୍ର ନାରାୟଣ ସେବା ଓ ବସ୍ତ୍ର ବଣ୍ଟନ

ଜଳେଶ୍ୱର,୧।୧୧ (ନି.ପ୍ର): ଜଳେଶ୍ୱର ଥାନା ବଜାରରେ ଥିବା ଗୋଲଡେନ୍ ଜିମଖ ପକ୍ଷରୁ ଆଜି ଏକ ଦରିଦ୍ର ନାରାୟଣ ସେବା ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆଜିର କାର୍ଯ୍ୟକ୍ରମକୁ ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ ସହାୟତା କରିଥିବା ବେଳେ ଉଦ୍‌ଘାଟନ କରି ନାରାୟଣ ସେବା, ମାଧବ ସେବା ବୋଲି ବର୍ଣ୍ଣନା କରିଥିଲେ । ଗୋଲଡେନ୍ ଜିମ୍‌ର ସଦସ୍ୟମାନେ ପ୍ରତି ରବିବାରରେ ତାଙ୍କର ପୁରୁଣା ତଥା ସଫା ଲୁଗା ଏହି ଅନୁଷ୍ଠାନକୁ ଦାନ କରୁଥିବାରୁ ଏହାକୁ ପ୍ରାୟ ୪ଶହ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଥିଲା । ଏହା ସହିତ ସମସ୍ତଙ୍କର ଖାଦ୍ୟ ବ୍ୟବସ୍ଥା ହୋଇଥିବା ବେଳେ ଜିମ୍‌ର ମୁଖ୍ୟ ହେମନ୍ତ କୁମାର ବିଦ୍ ଏପରି କାର୍ଯ୍ୟକ୍ରମ ପାଇଁ ଆଇଆଇସିଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଲକ୍ଷ୍ମଣନାଥ ହାଇସ୍କୁଲ ଶିକ୍ଷକ ପ୍ରଦୀପ କୁମାର ଜେନା ଓ ବିଶିଷ୍ଟ ବ୍ୟବସାୟୀ ଶଶିକାନ୍ତ କର ଏହାକୁ ପରିଚାଳନା କରିଥିଲେ ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୯ ଟି ମାମଲା, ୬୬ ଗିରଫ

ଭୁବନେଶ୍ୱର,୧।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୯ ଟି ମାମଲା ରୁଜୁ ହୋଇଛି । ଏହି ସମୟ ମଧ୍ୟରେ ୬୬ ଜଣ ଗିରଫ ହୋଇଛନ୍ତି । ୬୯୬ ଟି ବାହନକୁ ଜବତ କରା ଯାଇଛି । ୧୯,୨୬,୧୦୦ଟଙ୍କା ଜୋରିମାନା ଆକାରରେ ଆଦାୟ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

### ଅଙ୍ଗନୱାଡ଼ି ଅନୁପୂରକ ପୋଷଣକୁ ଦରବୃଦ୍ଧି ମାଡ଼ !

## ବଜାର ଦର ଅନୁସାରେ ସାମଗ୍ରୀ ମୂଲ୍ୟ ପ୍ରଦାନ ପାଇଁ କର୍ମୀଙ୍କ ଦାବି



ବାଲେଶ୍ୱର,୧।୧୧ (ନି.ପ୍ର): ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟପଦାର୍ଥର ଅହେତୁକ ଦରବୃଦ୍ଧି ଯୋଗୁଁ ରାଜ୍ୟ ସରକାର ଆଇ.ସି.ଡି.ଏସ୍. ବିଭାଗ ଜରିଆରେ ଅଙ୍ଗନୱାଡ଼ିକର୍ମୀମାନଙ୍କ ଦ୍ୱାରା ମା' ଓ ଶିଶୁମାନଙ୍କ ପାଇଁ ଦେଉଥିବା ଖାଦ୍ୟପଦାର୍ଥର ବର୍ତ୍ତମାନ ସରକାରୀ ଧାର୍ଯ୍ୟମୂଲ୍ୟରେ ପ୍ରଦାନ କରିବା ସମ୍ଭବପର ନୁହେଁ ବୋଲି ବାଲେଶ୍ୱର ଜିଲ୍ଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଅଭିଯୋଗ କରିଛନ୍ତି । ବାଲେଶ୍ୱର ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀଙ୍କ ଉଦ୍ଦେଶ୍ୟରେ ସଂଘ ତରଫରୁ ଏକ ଦାବିପତ୍ର ପ୍ରଦାନ କରି ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ମାଆ ଓ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟସାମଗ୍ରୀର ବର୍ଦ୍ଧିତ ଦର ପ୍ରଦାନପାଇଁ ଦାବି କରାଯାଇଛି। ବର୍ତ୍ତମାନ ବଜାରରେ ଅଣ୍ଡାପ୍ରତି ସାତଟଙ୍କା ମୂଲ୍ୟ ଥିବାବେଳେ ଏଥିପାଇଁ ସରକାର ମାତ୍ର ୫ଟଙ୍କା ୫୦ ପଇସା ପ୍ରଦାନ କରୁଛନ୍ତି। ସେହିପରି ଆଳୁ, ପିଆଜ, ତେଲ ଓ ଡାଲି ପ୍ରଭୃତି ସାମଗ୍ରୀର ଅହେତୁକ ଦରବୃଦ୍ଧି ହୋଇଛି। ତେଣୁ ଅଙ୍ଗନୱାଡ଼ି କର୍ମୀମାନେ ସ୍ୱଳ୍ପ ଅର୍ଥରେ ପୂର୍ବଭଳି ସମ ପରିମାଣର ଖାଦ୍ୟ ସାମଗ୍ରୀ ଓ ଅଣ୍ଡା ବଣ୍ଟନ ପାଇଁ ସେମାନଙ୍କର ଅକ୍ଷମତା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି ରାଜ୍ୟ ସରକାର ତୁରନ୍ତ ସଂଶୋଧିତ ମୂଲ୍ୟ ତାଲିକା ପ୍ରକାଶ କରି ଅଧିକ ଅର୍ଥ ଏ ବାବଦକୁ ପ୍ରଦାନ ନକରନ୍ତି ତେବେ ସରକାରୀ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବନାହିଁ ବୋଲି ସଂଘ ତରଫରୁ କୁହାଯାଇଛି। ଏହି ଦାବିପତ୍ରର ନକଲ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି ।ଏହି ଦାବିପତ୍ର ପ୍ରଦାନବେଳେ ସଂଘର ସଂପାଦିକା ଗୌରୀଦାସଙ୍କ ସମେତ ସୁକାନ୍ତି ବିଶ୍ୱାଳ, ଅନୁସୂୟା ଦଳାଇ, ସୁକାନ୍ତି ପ୍ରଧାନ, ସନ୍ତୋଷିନୀ ମଲ୍ଲିକ, ଶର୍ମିଷ୍ଠା ପଣ୍ଡା, ତପସ୍ୱିନୀ ବିଶ୍ୱାଳ, ପ୍ରଭାତୀ ଦାସ, ଦୀପାରାଣୀ ବାରିକ, ଜୟଶ୍ରୀ ରାଉତ, ସନ୍ଧ୍ୟାରାଣୀ ବେହେରା, ପୂର୍ଣ୍ଣିମା ସି, ରାଧାରାଣୀ ପଣ୍ଡା, ଆରତୀ ଦାସମହାପାତ୍ର ଓ ସ୍ମରଣିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ୧୭୦୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୭୦୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୧୮୨୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୭୫୭୪୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୪୬୯୨ ରହିଛି। ଆଜି ଚିହ୍ନଟ ହୋଇଥିବା ୧୭୦୯ ଜଣଙ୍କ ମଧ୍ୟରୁ ୯୮୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୨୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୭୯ , ବାଲେଶ୍ୱର ଜିଲ୍ଲାରେ ୬୧ ଜଣ, ବରଗଡ ଜିଲ୍ଲାରେ ୧୧୫ , ଭଦ୍ରକ ଜିଲ୍ଲାରେ ୧୧, ବଲାଙ୍ଗିର ଜିଲ୍ଲାରେ ୫୩, ବୌଦ୍ଧ ଜିଲ୍ଲାରେ ୧୮ ,କଟକ ଜିଲ୍ଲାରେ ୧୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୯, ଢେଙ୍କାନାଳ ଜିଲ୍ଲାରେ ୬୪, ଗଜପତି ଜିଲ୍ଲାରେ ୪, ଗଂଜାମ ଜିଲ୍ଲାରେ ୧୯, ଜଗତସିଂହପୁର ଜିଲ୍ଲାରେ ୬୮, ଯାଜପୁର ଜିଲ୍ଲାରେ ୪୧ . ଝାରସୁଗୁଡା ଜିଲ୍ଲାରେ ୨୮, କଳାହାଣ୍ଡି ଜିଲ୍ଲାରେ ୭୨, କନ୍ଧମାଳ ଜିଲ୍ଲାରେ ୨୦, କେନ୍ଦ୍ରାପଡା ଜିଲ୍ଲାରେ ୫୦ ,କେନ୍ଦୁଝର ଜିଲ୍ଲାରେ ୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୪ ଜଣ, ମାଲକାନଗିରି ଜିଲ୍ଲାରେ ୩୯, ମୟୁରଭଂଜ ଜିଲ୍ଲାରେ ୧୨୧, ନବରଙ୍ଗପୁରରେ ୨୬, ନୟାଗଡ ଜିଲ୍ଲାରେ ୨୯, ନୂଆପଡା ଜିଲ୍ଲାରେ ୮୬, ପୁରୀ ଜିଲ୍ଲାରେ ୫୮, ରାୟଗଡା ଜିଲ୍ଲାରେ ୧୬, ସମ୍ବଲପୁର ଜିଲ୍ଲାରେ ୪୩ ,ସୋନପୁର ଜିଲ୍ଲାରେ ୭ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟ ପୁଲରେ ୩୫ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରିଲା ପ୍ରଚାର...

ପୋଲିଂ ପାର୍ଟି ପଠାଯାଇଥିବା ବେଳେ ୧୦୪ ପୋଲ ପାର୍ଟିଙ୍କୁ ରିଜର୍ଭ ରଖାଯାଇଛି। ସେହିପରି ତିର୍ତୋଲକୁ ୩୭୩ ପୋଲିଂ ପାର୍ଟି ପଠାଯାଇଥିବା ବେଳେ ୧୧୨ ପାର୍ଟି ରିଜର୍ଭ ରଖାଯାଇଥିବା ଶ୍ରୀ ଲୋହାନୀ ସାମ୍ବାଦିକ ମାନଙ୍କୁ ଜଣାଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଆସନ୍ତା ୩ ତାରିଖରେ ଜଗତସିଂହପୁର ଜିଲ୍ଲାର ତିର୍ତୋଲ ଓ ବାଲେଶ୍ୱର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ୧୦ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ଗତ ଅକ୍ଟୋବର ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଏବଂ ୧୯ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା।

### ରାଜ୍ୟ ପୁଲିସ ଡ଼ିଜି...

ବାବଦରେ ଆଲୋଚନା କରିଥିଲେ । ତାଙ୍କ ସହିତ ଏହି ଗସ୍ତରେ ସିଆରପିଏଫର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ କୁଲଦୀପ ସିଂ, ଗୋଇନ୍ଦା ନିର୍ଦ୍ଦେଶକ ଆର.କେ.ଶର୍ମା, ଆଇ.ଜି. ଅପରେସନ ଅମିତାଭ ଠାକୁର, ସିଆରପିଏଫର ଆଇ.ଜି.ପି ଏସ.କେ. ମହାନ୍ତି, କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ, ପ୍ରୋବସେନ ଆଇ.ପି.ଏସ ନିତେଶ ୱାଦୱାନି, ଆଇ.ପି.ଏସ ତାଲିମରେ ଥିବା ଅଧିକାରୀ ଅଭିନବ ଶଙ୍କର, ସିଆଇପିଏଫ କମାଣ୍ଡେଣ୍ଟ ପ୍ରମୋଦ କୁମାର ସାହୁ ଏବଂ ଆନନ୍ଦ ଝାଙ୍କ ସମେତ ଅନ୍ୟ ପୁଲିସ ଏବଂ ସିଆରପିଏଫର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶିବିରରେ ଥିବା ସୁରକ୍ଷା ବ୍ୟବସ୍ଥାର ପରିଦର୍ଶନ କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ସକାଳ ୧୦ଟା ୧୫ ମିନିଟରେ ସେଠାରୁ ପୋଲିସ ଡ଼ିଜି ଅଭୟ କଳାହାଣ୍ଡି ଜିଲ୍ଲା ଅଭିମୁଖେ ଗସ୍ତ କରିଥିଲେ ।

### ଜାଲ ନୋଟ କାରବାର...

ଲକ୍ଷ ଟଙ୍କା ବଦଳରେ ୨୦ ଲକ୍ଷ ଟଙ୍କା ଦେବାକୁ କହି ଫସିଛନ୍ତି ଜାଲ୍ ନୋଟ୍ କାରବାରରେ ସଂପୃକ୍ତ ଦୁଇଜଣ ଅପରାଧୀ। ଏ ନେଇ ବାସୁଦେବପୁର ଗଣମାଧ୍ୟମ ପ୍ରତିନିଧି ନୀରଦ ଦାଶ ତାଙ୍କ ସଂପର୍କୀୟଙ୍କ ଠାରୁ ଖବର ପାଇବା ପରେ ଅପରାଧୀଙ୍କୁ ଧରିବା ପାଇଁ ବାସୁଦେବପୁର ପୁଲିସ୍ ସହ ଯୋଗାଯୋଗ କରିଥିଲେ। ବାସୁଦେବପୁର ପୁଲିସ୍ ଧରିବା ପାଇଁ ଜାଲ ବିଛାଇବା ସହ ଅପରାଧୀଙ୍କ ସହ ଯୋଗାଯୋଗ କରିବା ପାଇଁ ସାମ୍ବାଦିକଙ୍କୁ କହିଥିଲେ। ଯୋଜନା ଅନୁଯାୟୀ ଗତକାଲି ନେଣଦେଣ କରିବା ପାଇଁ ବେପାରୀମାନେ ଭଦ୍ରକ ନଳାଙ୍ଗକୁ ଆସିବା ପାଇଁ ନୀରଦଙ୍କୁ କହିଥିଲେ। ଘଟଣାସ୍ଥଳରେ ପୂର୍ବ ଯୋଜନା ଅନୁଯାୟୀ ବାସୁଦେବପୁର ଥାନାଧିକାରୀ ପ୍ରଦୀପ କୁମାର ମାଝୀ, ଏଏସ୍ଆଇ ଚି ରଂଜନ ଦାସ ପ୍ରମୁଖ ସଦଳ ବଳେ ଛକି ବସିଥିଲେ। ଅପରାଧୀମାନେ କାର୍‌ରୁ ଟଙ୍କା କାଢି ଦେଖାଉଥିବା ବେଳେ ପୁଲିସ୍ ମାଡି ମସିଥିଲା। ଅଭିଯୁକ୍ତମାନଙ୍କ ଠାରୁ ୪୨ ହଜାର ନକଲି, ଅସଲି ୭୧ ହଜାର ୨୦୦ ଟଙ୍କା, ଜାଲ ନମ୍ବର ଥିବା ଏକ ସୁଇଫ୍ଟ ଡିଜାୟାର କାର ଜବତ କରାଯାଇଛି। ଏହି ମାମଲାରେ ବାସୁଦେବପୁର ଥାନା କେଶ୍ ନଂ ୨୮୫/୨୦ ଓ ଦଫା ୪୮୯ (ବି) / ୪୮୯ (ସି) / ୪୨୦ / ୩୮୬ / ୧୨୦ (ବି) ଆଇପିସି ମୂଳେ ଏକ ମାମଲା ରୁଜୁ ହୋଇଥିବାର ଜଣାପଡିଛି। ଏହି ନକଲି ନୋଟ୍ କାରବାର ଘଟଣାରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ଜଣେ ବ୍ୟକ୍ତି ସଂପୃକ୍ତ ଥିବାର ଜଣାପଡିଥିବାବେଳେ ଏଥିରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଭଦ୍ରକ ଏସ୍‌ଡିପିଓ ସାର୍ଥକ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ବିଶାଖାପାଟଣା-ନିଜାମୁଦ୍ଦିନ ...

୧୦ଟା ୩୫,ସଂଧ୍ୟା ୬ଟା ୩୦, ୭ଟା ୩୫ ଓ ୮ଟା ୩୦ରେ ଚାଲିବ। ଅନ୍ୟପକ୍ଷରେ ରୁଟ୍ ୭୦ରେ ଭୁବନେଶ୍ୱରରୁ କୋଣାର୍କ ପ୍ରତ୍ୟହ ସକାଳ ୬ଟା୧୦,୬ଟା ୫୦, ୮ଟା ୩୦, ଅପରାହ୍ନ ୪ଟା , ୫ଟା୨୦ ଓ ୬ଟାରେ ଚାଲିବ। କୋଣାର୍କରୁ ଭୁବନେଶ୍ୱର ସକାଳ ୮ଟା ୨୦, ୯ଟା , ୧୧ଟା, ସଂଧ୍ୟା ୬ଟା ୩୦, ୭ଟା ୪୫ ଓ ୮ଟା ୩୦ରେ ଚାଲିବ ବୋଲି କ୍ରୁଟ୍ ସୂଚନା ଦେଇଛି। ମଧରେ ଏବଂ ନିଜାମୁଦ୍ଦିନ ଠାରୁ ୨ ନଭେମ୍ବର ରୁ ୭ ନଭେମ୍ବର, ୨୦୨୦ ମଧରେ ଉଭୟ ଦିଗରୁ ବାତିଲ ରହିବ। ୦୮୪୨୫/୦୮୪୨୬ ପୁରୀ-ଦୁର୍ଗ-ପୁରୀ ବିଶେଷ ଟ୍ରେନ ପୁରୀ ଠାରୁ ୨ ରୁ ୮ ନଭେମ୍ବର ମଧରେ ଏବଂ ଦୁର୍ଗ ଠାରୁ ୩ ରୁ ୯ ନଭେମ୍ବର ମଧରେ ଉଭୟ ଦିଗରୁ ପୁରୀ ଏବଂ ଟିଟିଲାଗଡ ମଧରେ ଚଳାଚଳ କରିବ ଏବଂ ଟିଟିଲାଗଡ ଓ ଦୁର୍ଗ ମଧରେ ବାତିଲ୍ ରହିବ ।

### ରାଜ୍ୟରେ ଆଉ...

ସୁନ୍ଦରଗଡ ଜିଲ୍ଲାର ଜଣେ ୨୬ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲାର ଜଣେ ୭୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରାପଡା ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଅନୁଗୁଳ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲାର ଜଣେ ୩୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ଜଗନ୍ନାଥ ଡିଗ୍ରୀ କଲେଜରେ ରାଜନିତୀ ବିଜ୍ଞାନ ବିଭାଗର ୱେବିନାର ଆୟୋଜିତ

ଜଳେଶ୍ୱର,୧।୧୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରେ ଅବସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ ପରିସରରେ ରାଜନିତୀ ବିଜ୍ଞାନ ବିଭାଗ ଓ ଏନ୍ଏସ୍ଏସ୍ ଦ୍ୱାରା ରାଷ୍ଟ୍ରିୟ ଏକତା ଦିବସ ବିଷୟରେ ଏକ ୱେବିନାର ଆୟୋଜିତ ହୋଇ ଯାଇଛି । ଉକ୍ତ ଡିଜିଟାଲ ପ୍ଲାଟଫର୍ମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋସ୍ନା ଘୋଷ ସ୍ୱାଗତ କରିବା ସହିତ ୱେବିନାର ପୃଷ୍ଠଭୂମୀ ସଂପର୍କରେ ଆଲୋକପାତ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ. ରାମକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଭୁବନେଶ୍ୱର ଏନ୍ଏସ୍ଏସ୍‌ର ଯୁବ ଅଫିସର ପିୟୁଷ ପରଞ୍ଜପେ ଓ ମଇଲ ଚନ୍ଦ୍ର ଦେଉରୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗୌରାଙ୍ଗ ପଣ୍ଡା, ଭାରତ ଇତିହାସରେ ଲୌହ ମାନବଭାବେ ପରିଚିତ ତଥା ବିଶିଷ୍ଟ ବ୍ୟକ୍ତିତ୍ୱ ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କରେ ଏକତା ଦିବସ ଉପଲକ୍ଷେ ସରଗର୍ଭକ ଅଭିଭାଷଣ ରଖିଥିଲେ। ରାଜନିତୀ ବିଜ୍ଞାନର ମୂଖ୍ୟ ଅଧ୍ୟାପକ ଶ୍ରମଣ କୁମାର ନାଥ, ଏନ୍ଏସ୍ଏସ୍ ପ୍ରଗ୍ରାମ ଅଫିସର ରଣଜିତ୍ ବେହେରା, ୱେବିନାରକୁ ପରିଚାଳନା କରିବା ସହିତ ଏପରି ବ୍ୟକ୍ତିତ୍ୱ ଥିବା ବକ୍ତିଙ୍କ ସଂପର୍କରେ କହିଥିଲେ । ଶେଷରେ ନିଶ୍ୱଳ କୁମାର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ତିର୍ତୋଲ ଉପନିର୍ବାଚନ: ସି.ପି.ଆଇ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ଏସୟୁସିଆଇ(ସି)

ଭୁବନେଶ୍ୱର,୧।୧୧ (ନି.ପ୍ର): ଏସୟୁସିଆଇ(ସି) ରାଜ୍ୟ କମିଟି ବୈଠକରେ ଜଗତସିଂହପୁର ଜିଲ୍ଲାର ତିର୍ତୋଲ ବିଧାନସଭା ମଣ୍ଡଳୀ ଉପ-ନିର୍ବାଚନରେ ସିପିଆଇ ପ୍ରାର୍ଥୀ ବିଜୟ କୁମାର ଭୋଇଙ୍କୁ ସମର୍ଥନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ଧୂର୍ଜଟୀ ଦାସ ଏକ ପ୍ରେସ ବିବୃତି ରେ କହିଛନ୍ତି ଯେ, ଆମ ରାଜ୍ୟ ତଥା ଦେଶ ବର୍ତମାନ ଅତ୍ୟନ୍ତ ବିଷମମୟ ପରିସ୍ଥିତିରେ ଗତି କରୁଛି। ଏହି ପରିସ୍ଥିତିରେ ବାମ-ଗଣତାନ୍ତ୍ରିକ ଐକ୍ୟର ଏକାନ୍ତ ଜରୁରୀ ଆବଶ୍ୟକତା ଦେଖାଯାଇଛି।

## ଆଜିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ମହା କାର୍ତ୍ତିକ ବ୍ରତ

ପୁରୀ,୧।୧୧ (ନି.ପ୍ର): ଶ୍ରୀକ୍ଷେତ୍ରରେ ଆଜିଠାରୁ ଏକମାସ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ମହା କାର୍ତ୍ତିକ ବ୍ରତ। ଚଳିତବର୍ଷ କୋଭିଡ଼ କଟକଣା ଯୋଗୁଁ ପୂର୍ବ ବର୍ଷମାନଙ୍କ ଭଳି ପ୍ରଶାସନ ପକ୍ଷରୁ ହବିଷ୍ୟାଳିମାନଙ୍କ ରହଣୀ ନିମନ୍ତେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିଲା। ହବିଷ୍ୟାଳିମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ସେମାନଙ୍କର ବନ୍ଧୁବାନ୍ଧବ ଓ ଅନ୍ୟାନ୍ୟ ସାଙ୍ଗରେ ରହି ବ୍ରତ ପାଳନ କରୁଛନ୍ତି। ଆଜି ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ସମୁଦ୍ରରେ ସ୍ନାନ କରି ନବବସ୍ତ୍ର ପରିଧାନ କରିବା ପରେ ଚଉରାମୂଳେ ବ୍ରାହ୍ମଣଙ୍କୁ ଗୁଆ ଟେକି ସଂକଳ୍ପ କରିଥିଲେ। ଚଉରାମୂଳେ ହବିଷ୍ୟାଳିମାନେ ପଞ୍ଚ ମୁରୁଜରେ ରାଧାଦାମୋଦର ବେଶ ଅଙ୍କନ କରି ପୂଜନ କରୁଥିବା ଦେଖା ଯାଇଥିଲା। ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ଗୃହଗୁଡ଼ିକ ମଧ୍ୟରେ ହୁଳହୁଳି ଓ ଶଙ୍ଖ ଧ୍ୱନିରେ ଉକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ହବିଷ୍ୟାଳିମାନଙ୍କୁ ମହାପ୍ରସାଦ ଯୋଗେଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ଉତ୍ତର ଦ୍ୱାର ଏବଂ ଦକ୍ଷିଣ ଦ୍ୱାର ସାମ୍ନାରେ ମହାପ୍ରସାଦ ସେବା ପାଇଁ ଛାମୁଣ୍ଡିଆ ବନ୍ଧା ଯାଇଛି। ମହାପ୍ରସାଦ ନେବାକୁ ଆସୁଥିବା ଭକ୍ତଙ୍କ ପାଇଁ ଉତ୍ତର ଦ୍ୱାରରେ ୧୫୦ ଏବଂ ଦକ୍ଷିଣ ଦ୍ୱାରରେ ୫୦ଟି ଚୌକି ପକା ଯାଇଛି। ସୁପକାର ନିଯୋଗର ମହାପ୍ରସାଦ ବିତରଣ ପାଇଁ ଏହି ଦୁଇଟି ସ୍ଥାନରେ ବିତରଣ କେନ୍ଦ୍ର କରାଯାଇଛି। ପହିଲି କାର୍ତ୍ତିକ ପାଇଁ ୪ହଜାର ଭକ୍ତଙ୍କ ନିମନ୍ତେ ମହାପ୍ରସାଦ ବ୍ୟବସ୍ଥା କରୁଛି ନିଯୋଗ। ଅନ୍ନ, ଡାଲି, ଡାଲମା, ବେସର, ମହୁର, ଶାଗ ଓ ଖଟା ଆଦି ନିୟମିତ ବ୍ୟଞ୍ଜନ ଦିଆଯିବ। ଏହା ବ୍ୟତୀତ କାର୍ତ୍ତିକ ବ୍ରତଧାରୀଙ୍କ ପାଇଁ ୪ଟି ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯିବ। ଓଉ ଆମ୍ବିଳ, ଅଗସ୍ତି ଶାଗ, ଗଜା ମୁଗ ଓ ଖୁଣ୍ଟୁପିକା କାର୍ତ୍ତିକ ବ୍ରତଧାରୀଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ହେବ। ବ୍ରତଧାରୀମାନେ କରୋନା କଟକଣା ଯୋଗୁଁ ଶ୍ରୀମନ୍ଦିରକୁ ପ୍ରବେଶ ବାରଣ ଥିବା ଯୋଗୁଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷଣ କରିପାରିବେ। ବ୍ରତଧାରୀମାନେ ପତିତପାବନଙ୍କୁ ଦର୍ଶନ କରିବା ନିମନ୍ତେ ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ଼ ନିର୍ମାଣ କରାଯାଇଛି। ସେହି ବ୍ୟାରିକେଡ଼ ମଧ୍ୟରେ ବ୍ରତଧାରୀମାନେ ପତିତପାବନଙ୍କୁ ଦର୍ଶନ କରିପାରିବେ।

## ରାଜ୍ୟର ସମସ୍ତ ଆଇସିଡିଏସ୍ ପ୍ରକଳ୍ପରେ ବଂଟନ ହେଲା ଶୁଖିଲା ରାସନ୍

ଭୁବନେଶ୍ୱର,୧।୧୧ (ନି.ପ୍ର): ଦୀର୍ଘ ସାତମାସରୁ ଉର୍ଦ୍ଧ୍ୱ ସମୟ ଧରି କୋଭିଡ୍-୧୯ କଠିନ ପରିସ୍ଥିତି ପାଇଁ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି। ଚଳିତ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ବନ୍ଦ ରଖିବା ନିମନ୍ତେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ନିଷ୍ପତି ଗ୍ରହଣ କରାଯାଇଛି । କିନ୍ତୁ ଗର୍ଭବତୀ ଓ ପ୍ରସୂତୀ ମହିଳା ତଥା ଶିଶୁମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଯେଭଳି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ବିଭାଗ ତରଫରୁ ସମସ୍ତ ସମୟୋଚିତ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ମାସର ୧ ତାରିଖ ହୋଇଥିବାରୁ ରାଜ୍ୟର ସମସ୍ତ ଆଇସିଡିଏସ୍ ପ୍ରକଳ୍ପ ଅଧିନରେ ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀମାନଙ୍କ ଘରକୁ ଯାଇ ଟେକ୍ ହୋମ୍ ରାସନ୍ ବାବଦରେ ଛତୁଆ, ଲଡ୍ଡୁ, ଅଣ୍ଡା ଆଦି ବଂଟନ କରିଛନ୍ତି । ୩ ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ସକାଳ ଜଳଖିଆ ଏବଂ ରନ୍ଧା ଖାଦ୍ୟ ବାବଦକୁ ମଧ୍ୟ ଶୁଖିଲା ରାସନ ଘରେ ଯୋଗାଇ ଦିଆଯାଇଛି । କେଉଁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡ୍ଡୁକୁ ସାମିଲ କରାଯାଇଛି । ତେବେ ବର୍ତ୍ତମାନ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିବାରୁ ଏହି ଜିଲ୍ଲାରେ ହିତାଧିକାରୀ ମାନଙ୍କୁ ମାଣ୍ଡିଆ ଚୂନା ପ୍ୟାକେଟ୍ ଆକାରରେ ଯୋଗାଇ ଦିଆଯାବା ସହ ଘରେ ଲଡ୍ଡୁ ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ ଦେବାପାଇଁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଘରେ ଲଡ୍ଡୁ ପ୍ରସ୍ତୁତ କରି ପିଲାମାନଙ୍କୁ ମା ମାନେ ଖୁଆଉଥିବା ଜଣାଯାଇଛି । ଅଙ୍ଗନବାଡ଼ି କର୍ମୀମାନେ ଏହା ସୁନିଶ୍ଚିତ କରିବା ସହ ତଦାରଖ ମଧ୍ୟ କରୁଛନ୍ତି । ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତାକୁ ସୁନିଶ୍ଚିତ କରିବା ନିମନ୍ତେ ବିଭାଗର ଟେଲି ମନିଟରିଂ ଟିମ୍ ହିତାଧିକାରୀ ମାନଙ୍କଠାରୁ ମତାମତ ସଂଗ୍ରହ କରୁଛନ୍ତି ଏବଂ ମୋ ଛତୁଆ ଆପ୍ ଏବଂ ୱେବ୍ ସାଇଟ୍ ମାଧ୍ୟମରେ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରାଯାଉଛି ।

## ୨୬ ନଭେମ୍ବର ସର୍ବ ଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

ଭୁବନେଶ୍ୱର,୧।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ବିରୋଧରେ ରବିବାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନମାନଙ୍କର ରାଜ୍ୟସ୍ତରୀୟ ମିଳିତ କନ୍‌ଭେନସନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬ ନଭେମ୍ବର ସର୍ବ ଭାରତୀୟ ସାଧାରଣ ଧର୍ମଘଟର ସଫଳତା ପାଇଁ ଆହ୍ୱାନ ଦିଆଯାଇଥିଲା । ଆଇଏନଟିୟୁସିର ମଦନ ଧଳ, ଏଆଇଟିୟୁସିର ଏନ. ନାରାୟଣ ରେଡ୍ଡି, ଏଚଏମଏସ୍‌ର ବୀରେନ୍ଦ୍ର ପ୍ରତାପ ଦାସ, ସିଆଇଟିୟୁର ବିମାନ ମାଇତି, ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ା ଏବଂ ଏଆଇୟୁଟିୟୁସିର ଶମ୍ଭୁନାଥ ନାଏକଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଏହି କନ୍‌ଭେନସନ ପରିଚାଳନା କରିଥିଲେ। ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଆଗାମୀ ସର୍ବ ଭାରତୀୟ ଧର୍ମଘଟର ଭିତିପତ୍ର ଉପସ୍ଥାପନ କଲାପରେ ଆଇଏନଟିୟୁସିର ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ, ଏଚଏମଏସର ଆଶିଷ ନନ୍ଦ, ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଏଆଇସିସିଟିୟୁର ରାଧାକାନ୍ତ ସେଠୀ, ଏଆଇୟୁଟିୟୁସିର ଡ. ପୂର୍ଣ୍ଣଚନ୍ଦ୍ର ବେହେରା, ସୁର ଜେନା, କିଶୋର ଜେନା, ଲିଟୁଲାଲ ଦେବସୁବୁଦ୍ଧି, କେନ୍ଦ୍ର ସରକାରୀ କର୍ମଚାରୀ ସଂଘର ରବିନ୍ଦ୍ରନାଥ ଧଳ, ରାଜ୍ୟ ସରକାରୀ କର୍ମଚାରୀ ସଂଘର ନରୋତମ ପାର୍ଥସାରଥି ଜେନା, ଏଆଇବିଇଏର ତ୍ରିଲୋଚନ ପ୍ରଧାନ, ଏଆଇବିଓଏର ପ୍ରଫୁଲ୍ଲ ତ୍ରିପାଠୀ, ସରକାରୀ ଶିକ୍ଷକ ସଂଘର ପ୍ର. ଅମିୟ କୁମାର ମହାନ୍ତି, ଏଓବିଇଏଫର ପ୍ରକାଶ ଚନ୍ଦ୍ର ରାୟ, ଜୀବନ ବୀମାର ଅଭୟ କୁମାର ଦାସ, ସାଧାରଣ ବୀମାର ରବିନ୍ଦ୍ର ବାରିକ, ବିଦ୍ୟୁତ୍ ଫେଡେରେସନର ଯତୀନ୍ଦ୍ର କୁମାର ରାୟ, ଡିଆରଡିଓ ୟୁନିୟନର ଜୟନ୍ତ ଦାସ ପ୍ରମୁଖ ଏହି ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ସଂକଳ୍ପ ଘୋଷଣା ସହ ୧୮ ନଭେମ୍ବର ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରରେ ମିଳିତ କନଭେନସନ ଓ ପ୍ରତ୍ୟେକ ୟୁନିୟନର ସାଧାରଣ ସଭା ପାଇଁ ନିଷ୍ପତି ନେଇଥିଲେ।

ସୋମବାର,୨ ନଭେମ୍ବର ୨୦୨୦
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧।୧୧ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୨୨୧ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୪୮୮୩୬ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୧୬୬, ବାଲେଶ୍ୱର ଜିଲ୍ଲାରେ ୧୦,୩୨୪, ବରଗଡ ଜିଲ୍ଲାରେ ୮,୭୨୮, ଭଦ୍ରକ ଜିଲ୍ଲାରେ ୬,୭୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୬,୮୦୨ . ବୌଦ୍ଧ ଜିଲ୍ଲାରେ ୨,୫୯୦, କଟକ ଜିଲ୍ଲାରେ ୨୬,୦୧୩, ଦେବଗଡ ଜିଲ୍ଲାରେ ୧,୦୬୨, ଢେଙ୍କାନାଳ ଜିଲ୍ଲାରେ ୫,୧୫୫ . ଗଜପତି ଜିଲ୍ଲାରେ ୩,୮୬୦, ଗଂଜାମ ଜିଲ୍ଲାରେ ୨୧,୧୮୮ , ଜଗତସିଂହପୁର ଜିଲ୍ଲାରେ ୭,୬୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୦,୮୯୫ , ଝାରସୁଗୁଡା ଜିଲ୍ଲାରେ ୬,୪୦୦, କଳାହାଣ୍ଡି ଜିଲ୍ଲାରେ ୫,୨୨୮, କନ୍ଧମାଳ ୫,୬୬୮, କେନ୍ଦ୍ରାପଡା ଜିଲ୍ଲାରେ ୭,୬୪୧, କେନ୍ଦୁଝର ଜିଲ୍ଲାରେ ୬,୩୯୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୪୦୭ , ମାଲକାନଗିରି ଜିଲ୍ଲାରେ ୪,୮୭୬, ମୟୁରଭଂଜ ଜିଲ୍ଲାରେ ୧୧,୪୫୩. ନବରଙ୍ଗପୁର ଜିଲ୍ଲାରେ ୫,୩୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୬୦୨୩, ନୂଆପଡା ଜିଲ୍ଲାରେ ୫,୬୯୯ , ପୁରୀ ଜିଲ୍ଲାରେ ୧୨,୫୮୫ ରାୟଗଡା ଜିଲ୍ଲାରେ ୮,୦୯୮. ସମ୍ବଲପୁର ଜିଲ୍ଲାରେ ୮୦୧୧ . ସୁବର୍ଣ୍ଣପୁର ଜିଲ୍ଲାରେ ୪,୪୩୭ ଓ ସୁନ୍ଦରଗଡ ଜିଲ୍ଲାରେ ୧୧,୧୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୭,୫୦୮ ହୋଇଛି ।

# ବାଲେଶ୍ୱରବାସୀଙ୍କ ପ୍ରତି ଉପେକ୍ଷାକୁ ନେଇ କ୍ଷୋଭ !

## ୩ ତାରିଖରେ ଉଚିତ ଜବାବ ମିଳିବ: ପ୍ରତାପ



ବାଲେଶ୍ୱର,୧।୧୧ (ନି.ପ୍ର): ବାଲେଶ୍ୱର ପ୍ରତି ରାଜ୍ୟ ସରକାରଙ୍କ ସମେତ ଜିଲ୍ଲା ପ୍ରଶାସନର ଅବହେଳା ତଥା ଉପେକ୍ଷାକୁ ନେଇ ପ୍ରଚାରର ଶେଷଦିନରେ ମୁହଁ ଖୋଲିଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସ୍ଥାନୀୟ ରୟାଲ କୁଇନ୍ କଲ୍ୟାଣମଣ୍ଡପରେ ଅୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବାଲେଶ୍ୱରବାସୀଙ୍କ ପ୍ରତି ରାଜ୍ୟ ସରକାର ତଥା ପ୍ରଶାସନର ଅବହେଳା ଚରମ ସୀମାରେ ପହଞ୍ଚିଥିବା ସେ ଆରୋପ ଉଠାଇଛନ୍ତି। ସ୍ୱଚ୍ଛତାର ପ୍ରତୀକ ବୋଲାଉଥିବା ମୁଖ୍ୟମନ୍ତ୍ରୀଙ୍କର ଏତେଦିନ ପରେ ବାଲେଶ୍ୱର କଥା କେମିତି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିମଳ, ପାନୀୟ ଜଳ, ଗମନାଗମନ, ଜଳସେଚନ ପ୍ରତିଟି କ୍ଷେତ୍ରରେ ବିପର୍ଯ୍ୟସ୍ତ ଅବସ୍ଥା ଦେଖାଦେଇଥିବା ବେଳେ ଜିଲ୍ଲାର ସାଧାରଣ ଲୋକଙ୍କୁ ସାମାନ୍ୟତମ ମୌଳିକ ସେବା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରେ ଆସିଥିବା ଅର୍ଥକୁ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଓ ପ୍ରଶାସନର ଆନ୍ତରିକତା ନାହିଁ। ଏନେଇ କୋଟି କୋଟି ଟଙ୍କା ପଡ଼ି ରହିଛି। ତେବେ ଅମୃତ ଯୋଜନାରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଶହ ଶହ କୋଟି ଟଙ୍କା ଖର୍ଚ୍ଚର ହିସାବ ଏବେ ମିଳୁନି। ଅନ୍ୟପକ୍ଷରେ ଦଳୀୟ କର୍ମୀ ତୁଷ୍ଟୀକରଣ ପାଇଁ ବିଭିନ୍ନ ସରକାରୀ ଯୋଜନାରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସହ ଲକ୍ଷ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯିବାର କାରଣ କ'ଣ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ଏହା ସତ୍ତ୍ୱେ ଦିବଂଗତ ବିଧାୟକଙ୍କ ନାମରେ ଶାସକଦଳ ନେତା-ମନ୍ତ୍ରୀଙ୍କ ଅମାନବୀୟ ମନ୍ତବ୍ୟ ବାଲେଶ୍ୱରବାସୀଙ୍କ ଆବେଗକୁ ତାଚ୍ଛଲ୍ୟ କରାଯାଇଛି। ଆସନ୍ତା ୩ ତାରିଖରେ ବାଲେଶ୍ୱରବାସୀ ନିଶ୍ଚିତ ଏହାର ଜବାବ ଦେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ଚଳିତ ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ନେଇ ସାମ୍ବାଦିକଙ୍କ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଧର୍ମର ଜୟ ବୋଲି କହିଥିଲେ। କଳାଟଙ୍କା ସାଙ୍ଗକୁ ଶାସକ ଦଳର ଭ୍ରଷ୍ଟ ରାଜନୀତି ଆଗରେ ଧର୍ମବଳ ହିଁ ବିଜେପି ପ୍ରାର୍ଥୀ ମାନସକୁ ବିଜୟର ଟିକା ପିନ୍ଧାଇବ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ମୁନି ସମାଜର ପ୍ରତିଷ୍ଠାତା ଶିବ ମୁନିଙ୍କର ୧୩୭ ତମ ଜୟନ୍ତୀ ପାଳିତ



ଉଦଳା,ତା୦୧/୧୧(ନି.ପ୍ର.) - ମୁନିଋଷି ପରମ୍ପରାର ପୁନଃ ପ୍ରଚଳନ ଓ ତାହାର ସୁରକ୍ଷା ତଥା ବିକାଶ ନିମନ୍ତେ ମୁନି ସମାଜ ପ୍ରତିଷ୍ଠିତ। ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାରର ବାର୍ତାବହଭାବେ ସବୁଠି ନିଜର ପରିଚୟ ସୃଷ୍ଟି କରିଥିବା ମୁନି ସମାଜର ପ୍ରତିଷ୍ଠାତା ଆଦି ମୁନିଶ୍ୱର ଯୋଗେଶ୍ୱର ଶିବମୁନିଜୀ ମହାରାଜଙ୍କର ୧୩୭ତମ ଜୟନ୍ତୀ ଉତ୍ସବ ଗତ ଅକ୍ଟୋବର ୩୧ ତାରିଖ ଶନିବାର କୁମାର ପୂର୍ଣ୍ଣିମା ତିଥିରେ ଉଦଳାରେ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଶୁଭଭାବନା ପ୍ରାର୍ଥନା, ପ୍ରଣବୋପାସନା, ଶିବୋହହମ୍ ମନ୍ତ୍ର ଜପ ଓ ସତ୍‌ସଙ୍ଗରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମୁନିସମାଜ ଉଦଳା ଶାଖାର ସଭାପତି ଅନ୍ନପୂର୍ଣ୍ଣା ପଣ୍ଡା ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ମାନଙ୍କର ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହା ପରେ ଉଦଳା ଠାରେ ପ୍ରତି ରବିବାର ଦିନ ଅନୁଷ୍ଠିତ ସତ୍‌ସଙ୍ଗରେ ଅଷ୍ଟାଙ୍ଗ ଯୋଗ ଶିକ୍ଷାଦାନ କରୁଥିବା ଯୋଗ ଶିକ୍ଷକ ଅଲେଖ ଚରଣ ପରିଡ଼ା ପାତଂଜଳୀ ମୁନୀ ଯୋଗ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁନି ସମାଜ ଉଦଳା ଶାଖାର ସମ୍ପାଦିକା ସଂଯୁକ୍ତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଯୋଗୀ ହରେକୃଷ୍ଣ ସାହୁ ମୁନି ସମାଜର ପ୍ରତିଷ୍ଠାତା ଶିବମୁନିଙ୍କର ଜନ୍ମ ଇତିହାସ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ଚକ୍ର ଭେଦନ କ୍ରିୟା, ମୁନି ସମାଜର ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୋଭିଡ଼୍‌କୁ ଲକ୍ଷ୍ୟକରି ସବୁପ୍ରକାର ସତର୍କତା ଅବଲମ୍ବନ କରାଯାଇଥିଲା।

# ତାମିଲନାଡୁର କୃଷି ମନ୍ତ୍ରୀଙ୍କ କରୋନାରେ ପରଲୋକ

ଚେନ୍ନାଇ,୧।୧୧ (ନି.ପ୍ର): କରୋନା ସଂକ୍ରମିତ ତାମିଲନାଡୁର କୃଷି ମନ୍ତ୍ରୀ ଆର. ଦୋରଇକାନୁଙ୍କ ଶନିବାର ବିଳମ୍ବିତ ରାତ୍ରୀରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗରେ ରାଜନୈତିକ ବ୍ୟକ୍ତି ମାନେ ଶୋକ ପ୍ରକାଶ କରିଛନ୍ତି।

# କରୋନାରୁ ସୁସ୍ଥ ହେଲେ ୧୮୧୫

ଭୁବନେଶ୍ୱର,୧।୧୧ (ନି.ପ୍ର): ରାଜ୍ୟରେ ରବିବାର ଗୋଟିଏ ଦିନରେ କରୋନାରୁ ୧,୮୧୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨,୭୭,୫୬୪କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨୦ ଜଣ, କଟକ ଜିଲ୍ଲାରୁ ୧୫୨ ଜଣ, ଅନୁଗୁଳ ଜିଲ୍ଲାରୁ ୧୪୮ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୯୭ ଜଣ, ପୁରୀ ଜିଲ୍ଲାରୁ ୯୬ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୮୩ ଜଣ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରୁ ୭୬ ଜଣ ଲେଖାଏଁ, କେନ୍ଦୁଝର ଜିଲ୍ଲାରୁ ୬୮ ଜଣ, ଭଦ୍ରକ ଜିଲ୍ଲାରୁ ୬୭ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୨ ଜଣ, ବରଗଡ଼ ଜିଲ୍ଲାରୁ ୬୧ ଜଣ, ଜଗତସିଂହପୁର ଜିଲ୍ଲାରୁ ୬୦ ଜଣ ଓ ନୂଆପଡା ଜିଲ୍ଲାରୁ ୫୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରୁ ଆଜି ୪୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୪୫ ଜଣ, ବାଲେଶ୍ୱର ଜିଲ୍ଲାରୁ ୪୨ ଜଣ, ନବରଂଗପୁରଓ ସମ୍ବଲପୁର ଜିଲ୍ଲାରୁ ୩୯ ଜଣ ଲେଖାଏଁ, ଝାରସୁଗୁଡ଼ା ଜିଲ୍ଲାରୁ ୩୫ ଜଣ, ମାଲକାନଗିରି ଜିଲ୍ଲାରୁ ୩୪ ଜଣ, ନୟାଗଡ଼ ଜିଲ୍ଲାରୁ ୩୦ ଜଣ, ବୌଦ୍ଧଓ ଗଂଜାମ ଜିଲ୍ଲାରୁ ୨୩ ଜଣ ଲେଖାଏଁ, ଢେଙ୍କାନାଳ ଜିଲ୍ଲାରୁ ୨୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ, ଗଜପତି, ସୁବର୍ଣ୍ଣପୁର ଜିଲ୍ଲାରୁ ୧୫ ଜଣ ଲେଖାଏଁ, ରାୟଗଡ଼ା ଜିଲ୍ଲାରୁ ୧୨ ଜଣ, ଦେବଗଡ଼ ଜିଲ୍ଲାରୁ ୭ ଜଣ ଓ ରାଜ୍ୟପୁଲରୁ ୪୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ଗ୍ରାମାଞ୍ଚଳ ଜ୍ଞାନବିକାଶ ଅନୁଷ୍ଠାନରେ ରକ୍ତଦାନ ଶିବିର : ୧୦୪ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୧।୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ଆରୁହା ପଂଚାୟତର ଚକଅର୍ଜ୍ଜୁନୀ ଗ୍ରାମ ନିକଟରେ ଅବସ୍ଥିତ ଜ୍ଞାନବିକାଶ ଇଂରାଜୀ ମିଡିୟମ ସ୍କୁଲ ପରିସରରେ ଏକ ମାଗଣା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉକ୍ତ ଅନୁଷ୍ଠାନ ସହିତ କିଶୋର ବିନୋଦ ଯୁବକ ସଂଘ , ନିମପୁରର ମୁକ୍ତେଶ୍ୱର ଯୁବକ ସଂଘ, ଚକଅର୍ଜ୍ଜୁନୀର ଶ୍ରଦ୍ଧେଶ୍ୱର ଯୁବକ ସଂଘ, ଚକବିଷ୍ଣୁର ଝାଡେଶ୍ୱର ଯୁବକ ସଂଘ, ଆରୁହା ଯୁବକ ସଂଘ, ଶିବ ଶକ୍ତି , ରାଧାକୃଷ୍ଣ, ଲିଟିଲଷ୍ଟାର ସଂଘର ପ୍ରଚେଷ୍ଟାରେ ଏପରି ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଆଇଆଇଏସି ମାନସ କୁମାର ଦେଓ ମିଳିତଭାବେ ଉଦ୍‌ଘାଟନ କରିଥିବା ବେଳେ ଆଇନ୍‌ଜିବି ଚିନ୍ମୟ ଦାସ, ଜୀବନବିନ୍ଦୁର ନିର୍ବାଚନମଣ୍ଡଳି ଅଧ୍ୟକ୍ଷ ମଧୁସୂଦନ ସେନାପତି, ଜ୍ଞାନବିକାଶର ମୁଖ୍ୟ ଲେଲିନ୍ ପ୍ରଧାନ ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ । ସେମାନଙ୍କ ବ୍ୟତିତ ଡା, ପଦ୍ମଲୋଚନ ପ୍ରଧାନ, ରୋଟାରିଆନ୍ ତାରାପଦ ମହାନ୍ତି , ଗ୍ରାମ୍ୟ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡା, ସୁବ୍ରତ କୁମାର ରଣା, ଅନୁପ କୁମାର ପଣ୍ଡା, ପ୍ରଦୀପ ମହାନ୍ତି, ଲକ୍ଷ୍ମୀନାରାୟଣ ପ୍ରଧାନ, ସରପଂଚ ହରିଶ୍ଚନ୍ଦ୍ର ଭୂୟାଁ, ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ମନୋଜ କୁମାର ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ତାପସ କୁମାର ଜେନା, ବରୁଣ କୁମାର ଜେନା, ଜୟନ୍ତ ସାରନ୍ଗୁ, ମଧୁସୂଦନ ଦତ୍ତ, ଦେବବ୍ରତ ଭୂୟାଁ, ଦେବାଶିଷ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହାୟତା କରିଥିଲେ । ବ୍ଲଡବ୍ୟାଙ୍କ ଡାକ୍ତର ମହେଶ କୁମାର ବିଶ୍ୱାଳ ଦେବାଶିଷ ଦତ୍ତ, ଜ୍ୟୋତିଷ ପ୍ରଧାନ, ହେମଲତା ସେଠୀ, ବିଦ୍ୟାଧର ସାହୁଙ୍କ ସହାୟତାରେ ୧୦୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କରୋନା ସଚେତନତା ମଧ୍ୟରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# 'ମୋ ଧାମ ମୋ ଗର୍ବ' ଅଭିଯାନର ଲୋଗୋ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ




ପୁରୀ,୧।୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ସହରର ସ୍ୱଚ୍ଛତା ପାଇଁ ଆରମ୍ଭ କରାଯାଇଥିବା "ମୋ ଧାମ ମୋ ଗର୍ବ" ଅଭିଯାନର ଲୋଗୋ ଓ ଟ୍ୟାଗଲାଇନ୍ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଲୋକାର୍ପଣ ଉତ୍ସବରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଜିଲ୍ଲାପାଳ ବଲୱନ୍ତ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆଜିଠାରୁ ଆନୁଷ୍ଠାନିକ ଭାବେ ସହରର ବିକାଶ ଧାରାରେ "ମୋ ଧାମ ମୋ ଗର୍ବ" ଅଭିଯାନ ସାମିଲ ହୋଇଛି। ସ୍ୱଚ୍ଛ ପୁରୀ ଲୋଗୋ ଓ ଟ୍ୟାଗଲାଇନ ପ୍ରତିଯୋଗିତାରେ ଲୋଗୋ ନିମନ୍ତେ ଶ୍ରୀୟାଂଶୁ ପଣ୍ଡା ପଞ୍ଚମ ଶ୍ରେଣୀ ଛାତ୍ର ବ୍ଲେସେଡ଼ ସାକ୍ରାମେଣ୍ଟ ହାଇସ୍କୁଲ ଏବଂ ଟ୍ୟାଗଲାଇନ ନିମନ୍ତେ ଡ. ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରଥମ ହୋଇଥିବାରୁ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ୧୩ହଜାର ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଯାଞ୍ଚରେ ୨୦୦ଜଣଙ୍କୁ ଏବଂ ପରବର୍ତ୍ତୀ ପର୍ଯ୍ୟାୟ ଯାଞ୍ଚରେ ୧୦ଜଣଙ୍କ ମଧ୍ୟରୁ ଶେଷ ୨ଜଣଙ୍କ ଏଣ୍ଟ୍ରିକୁ ଚୟନ କରାଯାଇଛି। ୧୨୧ଜଣଙ୍କୁ ସାନ୍ତନା ପୁରସ୍କାର ପ୍ରଦାନ କରାଯିବ।

# ହାର୍ଡକୋର ଆନ୍ତଜିଲ୍ଲା ଅପରାଧୀ ଗିରଫ



ବାରିପଦା (ନି.ପ୍ର.) ତା ୧/୧୧ ଦିନକୁ ଦିନ ବାରିପଦା ତଥା ଆଖପାଖ ଅଂଚଳରେ ଚୋରୀ ଡକାୟତି, ଲୁଟ ଭଳି ଘଟଣା ବଢ଼ି ଚାଲିଥିବା ବେଳେ ଅପରାଧୀକୁ ଠାବ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଥିବା ବେଳେ ଆଜି ବାରିପଦା ଟାଉନଥାନା ପୋଲିସକୁ ମିଳିଛି ଏହ ବଡ ସଫଳତା। ଜଣେ ହାର୍ଡକୋର ଆନ୍ତଜିଲ୍ଲା ଅପରାଧୀକୁ ପୋଲିସ ଗିରଫ କରିବା ସହିତ ଚୋରି ଜିନିଷ ରଖିଥିବା ବ୍ୟକ୍ତିଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଚୋରୀ ହୋଇଥିବା ଗୋଟିଏ ଏପୁଲ ଆଇପେଡ, ୨ଟି ଟି.ଭି. ଆଦି ଜବଦ ମଧ୍ୟ ସଂପୃକ୍ତ ଅପରାଧୀଙ୍କ ଠାରୁ କରାଯାଇଛି । ସୂଚନା ମୁତାବକ ଗତ ୩୦ ତାରିଖରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାରିପଦା କାଳିକାପୁର ଅଂଚଳରେ ଏସ.ଆଇ. ପି.କେ. ସାହୁ ଓ ଏ.ଏସ.ଆଇ. ଜି.ଏସ. ପରିଡାଙ୍କ ନେତୃତ୍ୱରେ ସଦଳବଳେ ରେଡ କରାଯାଇଥିଲା । ଏହି ରେଡ ରେ କାଳିକାପୁର ଅଂଚଳର ଜଣେ ହାର୍ଡକୋର ଅପରାଧି ଆକାଶମୁଖି ଓରଫ ବାଦଲ (୨୨)କୁ ଥାନାକୁ ଆଣି ପଚରା ଉଚରା କରିବାରୁ ସେ ବିଭିନ୍ନ କେସରେ ସଂପୃକ୍ତ ଥିବାର ସ୍ୱୀକାର କରିଥିଲା। ସେ ବାରିପଦା ଟାଉନତାନା କେସ ନଂ- ୭୦୯/୨୦ ଓ ୭୪୬/୨୦ ଦୁଇଟି କେସରେ ସଂପୃକ୍ତ ଥିବା ସହିତ ତା ନାମରେ ଜିଲ୍ଲା ତଥ ଜିଲ୍ଲା ବାହାରର ବିଭିନ୍ନ ଥାନାରେ ୨୨ ଟି ମାମଲା ଥିବାର ଜଣାଯାଇଛି । ତାକୁ ପୋଲିସ ଗିରଫ କରିବା ସହିତ ଚୋରୀ ଜିନିଷ ରଖିଥିବା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନଳଗଜା ର ମାମା ଓରଫ ସୀବ ବେହେରା (୩୩)ଙ୍କୁ ମଧ୍ୟ ପୋଲିସ ଗିରଫ କରିଥିବାର ଜଣାଯାଇଛି । ତେବେ ଉପରୋକ୍ତ ଦୁଇଟି କେସ ବାବଦରେ ବାରିପଦା ଟାଉନଥାନା ପୋଲିସ ତଦନ୍ତ କରୁଥିବା ବେଳେ ଅପରାଧିଙ୍କୁ ଠାବ କରି ଗିରଫ କରିବାରେ ସଫଳ ହୋଇଛନ୍ତି । ଏହି ଆନ୍ତଜିଲ୍ଲା ଅପରାଧି ବିଭିନ୍ନ ସମୟରେ ଦୀର୍ଘ ବର୍ଷ ଧରି ଏହିଭଳି ଚୋରୀ ଡକାୟତି ,ଲୁଟ ଆଦି କରି ଆସୁଥିବାର ବାରିପଦା ଟାଉନତାନା ବାରପ୍ରାପ୍ତ ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଜଣାଇଛନ୍ତି ।

# କୋଭିଡ଼ କଟକଣା ମଧ୍ୟରେ ପର୍ଯ୍ୟଟକ ପାଇଁ ଖୋଲିଲା ଶିମିଳିପାଳ ଅଭୟାରଣ୍ୟ

## ପ୍ରଥମ ଦିନରେ ୨୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ମିଳିଲା ବୁଲିବାର ଅନୁମତି




ବାରିପଦା,୧।୧୧ (ନି.ପ୍ର): ଗତ ମାର୍ଚ୍ଚ ମାସ ଠାରୁ କରୋନା କଟକଣା ଯୋଗୁଁ ବନ୍ଦ ହୋଇଥିବା ଶିମିଳିପାଳ ଅଭୟାରଣ୍ୟ ଆଜିଠୁ ପୁଣି ଆଉ ଥରେ ପର୍ଯ୍ୟଟକଙ୍କୁ ବୁଲିବାକୁ ଅନୁମତି ଦେଇଛି । ପ୍ରତିବର୍ଷ ଭଳି ନଭେମ୍ବର ୧ ତାରିକ ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି ଶିମିଳିପାଳ ଅଭୟାରଣ୍ୟ। ପ୍ରଥମ ଦିନରେ ଲୁଲିଙ୍ଗ ଓ ଯଶିପୁର ଦୁଇ ପାର୍ଶ୍ୱରୁ ମୋଟ ୪୬ ଟି ଗାଡି ରେ ୨୬୬ ଜଣ ପର୍ଯ୍ୟଟକଙ୍କୁ ମିଳିଲା ଶିମିଳିପାଳ ବୁଲିବାର ସୁଯୋଗ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଥିବା ଶିମିଳିପାଳ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ର ଶୋବାରାଜୀ ଟାଣି ଆଣିଛି ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ମାନଙ୍କୁ । ବର୍ତ୍ତମାନ କରୋନା ମହାମାରୀ ଜାରି ଥିବାରୁ କୋଭିଡ କଟକଣା ମଧ୍ୟରେ ଏହା ଖୋଲା ହେଇଛି। ଦୀର୍ଘ ୭ମାସରୁ ଉର୍ଦ୍ଧ୍ୱ ସମୟର ଲକଡାଉନ ଯୋଗୁଁ ବନ୍ଦ ରହିଥିବାରୁ ଏହାର ପ୍ରକୃତିକ ସୌନ୍ଦର୍ଯ୍ୟ ତଥା ପଶୁପକ୍ଷୀଙ୍କୁ ଦେଖିବାକୁ ରବିବାର ସକାଳୁ ରାଜ୍ୟ ତଥା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାରଖଣ୍ଡରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା। ପ୍ରଥମ ଦିନରେ ପୀଠବଟା ଗେଟ ବନବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଛି। ଏ ବର୍ଷ କିନ୍ତୁ ସମସ୍ତ ପର୍ଯ୍ୟଟକ ମାନେ ମାସ୍କ, ସାନିଟାଇଜ଼ର ଓ ସାମାଜିକ ଦୂରତ୍ୱ ପାଳନ କରିବା ବାଧତାମୂଳକ କରଯାଇଛି। ତେବେ ଅନଲାଇନ ଜରିଆରେ ଅଗ୍ରୀମ ବୁକିଙ୍ଗ କରି ରାତ୍ରି ଯାପନ କରିବା ସହ ୱାଚ ଟାୱାରରୁ ବନ୍ୟଜନ୍ତୁକୁ ଦେଖିବାର ସୁଯୋଗ ପାଇବେ ପର୍ଯ୍ୟଟକ। ଅନ୍ୟପକ୍ଷରେ ପ୍ରଥମ ଦିନରେ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ ସୁଯୋଗ ପାଇ ଥିବାରୁ ପର୍ଯ୍ୟଟକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ବାରିପଦା ପଟୁ ପୀଠବଟା ଗେଟ ଦେଇ ୨୫ଟି ଗାଡିରେ ୧୫୪ ଜଣ ଲୋକ ଓ ଯଶିପୁର କାଳିଆଣି ଗେଟ ପଟୁ ୨୧ଗାଡିରେ ୧୧୨ ଜଣ ଲୋକଙ୍କୁ ବୁଲିବାକୁ ଅନୁମତି ମିଳିଛି। ପ୍ରତ୍ୟେକ ଦିନ ଶିମିଳିପାଳ ଅଭୟାରଣ୍ୟକୁ ସକାଳ ୬ ଟାରୁ ୯ଟା ମଧ୍ୟରେ ଉଭୟ ଗେଟ ଦେଇ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକମାନେ ଅନୁମତି ନେଇ ପ୍ରବେଶ କରିପାରିବେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଭୁବନେଶ୍ୱରରୁ ୮୩ ପଜିଟିଭ୍ , ୨୦୧ ସୁସ୍ଥ

ଭୁବନେଶ୍ୱର,୧।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ରବିବାର ମୋଟ୍ ୮୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୨୦ ଜଣ ସଂଗରୋଧ ଓ ୬୩ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଅନ୍ୟପକ୍ଷରେ ୨୪ ଘଂଟାରେ ଆଉ ୨୦୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି ।ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା୨୯ ,୨୩୬କୁ ବୃଦ୍ଧି ପାଇଛି।ଏଥିରୁ ୨୭,୭୪୪ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତମାନ ୧,୩୦୪ ଜଣ ଆକ୍ରାନ୍ତ ସକ୍ରିୟ ଆକ୍ରାନ୍ତ ଥିବା ବେଳେ ୧୬୭ ଜଣଙ୍କର ମୃତ୍ୟୁ ହୋଇଛି। ସଂଗରୋଧରୁ ଚିହ୍ନଟ କରୋନା ପଜିଟିଭଙ୍କ ମଧ୍ୟରେ ପଟିଆରୁ ୩ ଜଣ, ପୁରୁଣା ଭୁବନେଶ୍ୱର, ଆଇଆରସି ଭିଲେଜ, ବଡ଼ଗଡ଼ରୁ ୨ ଜଣ ଲେଖାଏଁ ଏବଂ ଆଚାର୍ଯ୍ୟ ବିହାର , ବିଜେବି ନଗର, ପାତ୍ରପଡା, ପୋଖରୀପୁଟ, ବମିଖାଲ, ସହିଦନଗର, ଚକେଇସିଆଣି, ସାମନ୍ତରାପୁର, ଡୁମଡୁମା,ୟୁନିଟ୍ ୬ , ରସୁଲଗଡରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଲକ୍ଷ୍ମୀସାଗରରୁ ୫ ଜଣ, ଆଇଆରସି ଭିଲେଜ, ପୁରୁଣା ଭୁବନେଶ୍ୱର, ବିଜେବି ନଗର, ଜାଗମରାରୁ ୪ ଜଣ ଲେଖାଏଁ, ନୟାପଲ୍ଲୀରୁ ୩ ଜଣ, ମଂଚେଶ୍ୱର, ଶୈଳଶ୍ରୀ ବିହାର, ବରମୁଣ୍ଡା, ଜୟଦେବ ବିହାର, ନିଳାଦ୍ରୀ ବିହାରରୁ ୨ ଜଣ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo